


ଆର୍ଚର ପ୍ଲେୟର ଅଫ୍ ଦି ମ୍ୟାଚ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-326 •MONDAY •25 MAY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୨୬ •ସୋମବାର •୨୫ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦





# ବଢ଼ିଲା ଇବୋଲା ଆତଙ୍କ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଆଫ୍ରିକୀୟ ଦେଶ ଗୁଡ଼ିକରେ 'ବୁଣ୍ଡିବୁଗ୍ୟୋ' ଷ୍ଟ୍ରେନ୍ ଜନିତ ଇବୋଲା ଭୂତାଣୁ ସଂକ୍ରମଣ ବ୍ୟାପିବା ପରେ ଭାରତ ସରକାର ନିଜ ନାଗରିକମାନଙ୍କ ପାଇଁ ଏକ ସତର୍କ ସୂଚନା (ଟ୍ରାଭେଲ ଆଡଭାଇଜରୀ) ଜାରି କରିଛନ୍ତି। କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନକୁ ଜରୁରୀ କାର୍ଯ୍ୟ ନଥିଲେ ଯାତ୍ରା ନକରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଏହାକୁ ଆନ୍ତର୍ଜାତୀୟ ସ୍ତରର ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଭାବେ ଘୋଷଣା କରିସାରିଛି। ବର୍ତ୍ତମାନ ସୁଦ୍ଧା ଭାରତରେ ଏହି ମାରାତ୍ମକ ଜ୍ୱରର କୌଣସି ମାମଲା ଚିହ୍ନଟ ହୋଇନାହିଁ, କିନ୍ତୁ ବିମାନବନ୍ଦର ଗୁଡ଼ିକରେ ବିଦେଶରୁ ଫେରୁଥିବା ସନ୍ଦିଗ୍ଧ ରୋଗୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ନିର୍ଦ୍ଦିଷ୍ଟ ପ୍ରଜାତିର ଇବୋଲା ଭୂତାଣୁ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରତିଷେଧକ ଟିକା ବା ନିର୍ଦ୍ଦିଷ୍ଟ ଚିକିତ୍ସା ବାହାରି ନାହିଁ।

**କଙ୍ଗୋ, ଉଗାଣ୍ଡା, ଦକ୍ଷିଣ ସୁଦାନ ନଯିବାକୁ ସରକାରଙ୍କ ପରାମର୍ଶ**

# ମଣିପୁର ନେତା ହତ୍ୟା, ନିଖୋଜ ମାମଲାର ତଦନ୍ତ କରିବ ଏନ୍ଆଇଏ

ଇମ୍ଫାଲ,୨୪।୫(ଏଜେନ୍ସି): ମଣିପୁରରେ ଚାଲିଥିବା ଅଶାନ୍ତି ମଧ୍ୟରେ କାଙ୍ଗପୋକପି ଜିଲ୍ଲାରୁ ୬ ଜଣ ନାଗା ଗ୍ରାମବାସୀ ନିଖୋଜ ହେବା ଏବଂ 'ଥାଡୋଉ' ସମ୍ପ୍ରଦାୟର ୩ ଜଣ ଚର୍ଚ୍ଚ ନେତାଙ୍କ ହତ୍ୟା ମାମଲାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) କୁ ହସ୍ତାନ୍ତର କରାଯିବ। ୟୁନାଇଟେଡ୍ ନାଗା କାଉନ୍ସିଲ୍ (ୟୁଏନ୍ସି) ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହଙ୍କୁ ଭେଟିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗତ ମଇ ୧୩ ରେ ଏକ ଆକ୍ରମଣରେ ୩ ଜଣ ଚର୍ଚ୍ଚ ନେତା ପ୍ରାଣ ହରାଇଥିଲେ ଏବଂ ମଇ ୧୪ ରୁ ୬ ଜଣ ନାଗା ଗ୍ରାମବାସୀ ନିଖୋଜ ଅଛନ୍ତି, ଯାହାଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି। ଅପରପକ୍ଷରେ, ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ୟୁଥ୍ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତାଙ୍କ ଇସ୍ତଫା ଦାବି କରାଯାଇଛି।

# ତାମିଲନାଡୁରେ ବଡ଼ଧରଣର ଅପରାଧୀ ଦମନ ଅଭିଯାନ

ଚେନ୍ନାଇ,୨୪।୫(ଏଜେନ୍ସି): ତାମିଲନାଡୁରେ ନୂଆ ସରକାର ଗଠନ ପରେ ଅପରାଧ ଓ ନିଶା କାରବାର ବିରୋଧରେ ଏକ ବଡ଼ ଧରଣର ଧରପଗଡ଼ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ବିଜୟଙ୍କ ନିର୍ଦ୍ଦେଶକ୍ରମେ ଗତ ୩ ଦିନ ମଧ୍ୟରେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଚଳାଇ ପୋଲିସ ୩,୨୪୬ ଜଣ ଅପରାଧୀଙ୍କୁ ଅଟକ ରଖିଥିବା ବେଳେ ୪୧୯ ଜଣ ନିଶା କାରବାରୀଙ୍କୁ ଗିରଫ କରିଛି। ଏଥିସହିତ ୮୪୪ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ସ୍ୱତନ୍ତ୍ର ଆଣ୍ଟି-ଡ୍ରଗ୍ସ ଅଭିଯାନ ଅଧୀନରେ ୨୯୪ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୬୮ କିଲୋ ଗଞ୍ଜେଇ ଏବଂ ୨,୪୭୬ଟି ନିଶା ବଟିକା ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧.୪୩ କୋଟି ଟଙ୍କା ହେବ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୪୮ ଘଣ୍ଟା ମଧ୍ୟରେ ବିଜୟ ରାଜ୍ୟରେ ୬୫ଟି ଆଣ୍ଟି-ଡ୍ରଗ୍ ଟାସ୍କ ଫୋର୍ସ (ଏଏନ୍‌ଟିଏଫ୍) ଗଠନ, ମହିଳା ସୁରକ୍ଷା ପାଇଁ 'ସିଙ୍ଗାପେନ୍' ସ୍ୱତନ୍ତ୍ର ବାହିନୀ, ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ ଏବଂ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ସ୍ଥଳ ନିକଟରେ ଥିବା ୭୧୭ଟି ସରକାରୀ ମଦ ଦୋକାନ ବନ୍ଦ କରିବା ଭଳି ୪ଟି ବଡ଼ ନିଷ୍ପତ୍ତି ନେଇଛନ୍ତି।

**୩ ଦିନରେ ୩୨୪୬ ଗିରଫ; ୧.୪୩ କୋଟିର ନିଶାଦ୍ରବ୍ୟ ଜବତ**

# ମହିଳାଙ୍କୁ ହତ୍ୟା: ଅବସରପ୍ରାପ୍ତ ସେନା କର୍ମଚାରୀ ଗିରଫ

ସାମ୍ବା,୨୪।୫(ଏଜେନ୍ସି): ଜମ୍ମୁ-କାଶ୍ମୀରର ସାମ୍ବା ଜିଲ୍ଲାରେ ପରକୀୟା ପ୍ରୀତିରେ କଳହକୁ କେନ୍ଦ୍ର କରି ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ନିଜର ଜଣେ ସମ୍ପର୍କୀୟା ମହିଳାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଗତ ସୋମବାର ବାରି ବ୍ରାହ୍ମଣା ଅଞ୍ଚଳରେ ଅନୁରାଧା ନାମକ ମହିଳାଙ୍କ ମୃତଦେହ ତାଙ୍କ ଘର ଭିତରୁ ମିଳିଥିଲା। ଏହି ଘଟଣାରେ କୌଣସି ପ୍ରତ୍ୟକ୍ଷଦର୍ଶୀ ନଥିବାରୁ ପୋଲିସ ବୈଷୟିକ ସର୍ଭିଲାନ୍ସ ଓ ମୋବାଇଲ୍ କଲ୍ ରେକର୍ଡ (ସିଡିଆର) ଆଧାରରେ ଅଭିଯୁକ୍ତ ଛେଲ୍ ସିଂହଙ୍କୁ ଜମ୍ମୁର ଖୌର ଅଞ୍ଚଳରୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ଥିବା ଅବୈଧ ସମ୍ପର୍କରେ ନିକଟରେ ତିକ୍ତତା ପ୍ରକାଶ ପାଇଥିଲା ଏବଂ ହତ୍ୟା ଦିନ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ପରେ ଛେଲ୍ ସିଂହ ମହିଳାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।

# ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ଦୁର୍ବୃତ୍ତ ନିହତ

ୱାସିଂଟନ,୨୪।୫(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଭବନ 'ହ୍ୱାଇଟ୍ ହାଉସ୍' ନିକଟସ୍ଥ ଏକ ସୁରକ୍ଷା ଚେକ୍‌ପଏଣ୍ଟ ପାଖରେ ଶନିବାର ଜଣେ ସନ୍ଦିଗ୍ଧ ବ୍ୟକ୍ତି ଆକ୍ରମଣ କରିବା ପରେ ସିକ୍ରେଟ୍ ସର୍ଭିସ କର୍ମଚାରୀଙ୍କ ପାଲଟା ଗୁଳିମାଡ଼ରେ ତାର ମୃତ୍ୟୁ ଘଟିଛି। ଉକ୍ତ ବ୍ୟକ୍ତି ଜଣକ ଚେକପଏଣ୍ଟ ନିକଟକୁ ଆସି ହଠାତ୍ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲା। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ସେ ଗୁରୁତର ହୋଇ ଡାକ୍ତରଖାନାରେ ପ୍ରାଣ ହରାଇଛି। ଗୁଳି ବିନିମୟ ବେଳେ ଜଣେ ସାଧାରଣ ପଥଚାରୀ ମଧ୍ୟ ଆହତ ହୋଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେହି ସମୟରେ ହ୍ୱାଇଟ୍ ହାଉସ୍ ଭିତରେ ଥିଲେ, କିନ୍ତୁ ଆକ୍ରମଣକାରୀ ସୁରକ୍ଷା ବଳୟ ଭେଦ କରିପାରିନଥିଲା। ଟ୍ରମ୍ପ ସିକ୍ରେଟ୍ ସର୍ଭିସର 'ତୁରନ୍ତ କାର୍ଯ୍ୟାନୁଷ୍ଠାନ' ପାଇଁ ଧନ୍ୟବାଦ ଜଣାଇବା ସହ ମୃତ ଅଭିଯୁକ୍ତର ଏକ ହିଂସାତ୍ମକ ଇତିହାସ ଥିଲା ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏଫବିଆଇ ଏବଂ ସିକ୍ରେଟ୍ ସର୍ଭିସ ପକ୍ଷରୁ ଏହି ଘଟଣାର ମିଳିତ ତଦନ୍ତ ଚାଲିଛି।



# କ୍ୱେଟା ଷ୍ଟେସନରେ ବିସ୍ଫୋରଣ, ୨୪ ନିହତ



## ଶତାଧିକ ଆହତ; ନିଜକୁ ଦାୟୀ କଲା ବିଏଲ୍ଏ

କ୍ୱେଟା,୨୪।୫(ଏଜେନ୍ସି): ପାକିସ୍ତାନର ଅଶାନ୍ତ ବେଲୁଚିସ୍ତାନ ରାଜ୍ୟର ରାଜଧାନୀ କ୍ୱେଟା ସହରର ଚମନ ଫାଟକ ନିକଟରେ ରବିବାର ସକାଳେ ଏକ ବଡ଼ ଧରଣର ଭୟଙ୍କର ଆତ୍ମଘାତୀ ତଥା ଫିଦାୟୀନ ଆକ୍ରମଣ ସଂଘଟିତ ହୋଇଯାଇଛି। ଏହି ଭୟଙ୍କର ବିସ୍ଫୋରଣରେ ଅତିକମରେ୨୪ଲ ଜଣ ନିରୀହ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ସଂଖ୍ୟାରେ ଲୋକ ଗୁରୁତର ଭାବେ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ବାଲୋଚ୍ ବିଚ୍ଛିନ୍ନତାବାଦୀ ସଂଗଠନ 'ବେଲୁଚ୍ ଲିବରେସନ୍ ଆର୍ମି' ବା ବେଲୁଚ୍ ମୁକ୍ତି ବାହିନୀ (ବିଏଲ୍ଏ) ଏହି ରକ୍ତାକ୍ତ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ବିସ୍ଫୋରଣର ପ୍ରକମ୍ପନ ଏତେ ତୀବ୍ର ଥିଲା ଯେ ଏହା କେବଳ ଟ୍ରେନର ବଗିକୁ ଛାରଖାର କରିଦେଇନାହିଁ, ବରଂ ଆଖପାଖର ବାସଗୃହ ଏବଂ ଯାନବାହନକୁ ମଧ୍ୟ ଧ୍ୱଂସସ୍ତୂପରେ ପରିଣତ କରିଦେଇଛି। ରେଳଧାରଣା ନିକଟରେ ଚମକି ଉଠିଥିବା ସେହି ମାରାତ୍ମକ ଅଗ୍ନିଶିଖା କେତେ ଯେ ସ୍ୱପ୍ନକୁ ପାଉଁଶ କରିଦେଇଛି, ତାର ଆକଳନ କରିବା ସହଜ ନୁହେଁ। ସ୍ଥାନୀୟ ଆରକ୍ଷୀ ବାହିନୀ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ, ଜାଫର ଏକ୍ସପ୍ରେସ ନାମକ ଏକ ଯାତ୍ରୀବାହୀ ଟ୍ରେନ କ୍ୱେଟା ସେନା ନିବାସରୁ ପେଶାୱାର ଅଭିମୁଖେ ଯାତ୍ରା ଆରମ୍ଭ କରିବା ସମୟରେ ଏହି ବିପର୍ଯ୍ୟୟ ଘଟିଥିଲା। ବିସ୍ଫୋରଣ ପରେ ଟ୍ରେନର ଏକ ବଗିରେ ନିଆଁ ଲାଗିଯାଇଥିଲା ଏବଂ ଚତୁର୍ଦ୍ଦିଗ ଆର୍ତ୍ତନାଦ ଓ ଚିତ୍କାରରେ ଫାଟି ପଡ଼ିଥିଲା। ସ୍ଥାନୀୟ ବାସିନ୍ଦା ଏବଂ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ତତ୍କାଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଆଖପାଖର କୋଠାବାଡ଼ିର କାଚ ସବୁ ଭାଙ୍ଗି ଚୂରମାର ହୋଇଯାଇଛି, ଯାହା ସେହି ସମୟର ଭୟାବହତାକୁ ବୟାନ କରୁଛି। ଗୃହ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସହାୟକ ବାବର ୟୁସୁଫଜାଇ ସମଗ୍ର ଅଞ୍ଚଳରେ ସତର୍କ ସୂଚନା ଜାରି କରିବା ସହ ଜନସାଧାରଣଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନ୍ୟପଟେ ବେଲୁଚ୍ ମୁକ୍ତି ବାହିନୀ ନିଜର ସାମରିକ ବିବୃତିରେ ପ୍ରକାଶ କରିଛି ଯେ, ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଉଥିବା ବିଶେଷ ସାମରିକ ଦଳ ମଜିଦ୍ ବ୍ରିଗେଡ୍ ଦ୍ୱାରା ଏହି ସୁଚିନ୍ତିତ ଆତ୍ମଘାତୀ ଆକ୍ରମଣ କରାଯାଇଛି। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲେ ସେହି ଟ୍ରେନରେ ଯାତ୍ରା କରୁଥିବା ପାକିସ୍ତାନୀ ସେନା ବାହିନୀର ଯବାନମାନେ। ତେବେ ଏହି ଆକ୍ରମଣରେ କେତେ ସେନା ଏବଂ କେତେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି, ତାର ସ୍ପଷ୍ଟ ସୂଚନା ଏପର୍ଯ୍ୟନ୍ତ ମିଳିପାରିନାହିଁ। ବେଲୁଚିସ୍ତାନରେ ଦୀର୍ଘ ଦିନ ହେବ ଚାଲିଆସୁଥିବା ସନ୍ତ୍ରାସବାଦୀ ଏବଂ ବିଦ୍ରୋହୀ କାର୍ଯ୍ୟକଳାପ ମଧ୍ୟରେ ଏହି ବଡ଼ ଧରଣର ଟ୍ରେନ୍ ଆକ୍ରମଣ ସୁରକ୍ଷା ବ୍ୟବସ୍ଥା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୟୁକ୍ରେନରେ ରୁଷର 'ଓରେଶ୍ନିକ୍' କ୍ଷେପଣାସ୍ତ୍ର ମାଡ଼



କିଭ୍,୨୪।୫(ଏଜେନ୍ସି): ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ଭୟଙ୍କର ରୂପ ନେଇଛି। ଶନିବାର ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ଏକ ବଡ଼ଧରଣର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ରୁଷ ତାର ସବୁଠାରୁ ଆଧୁନିକ ଓ ବିପଜ୍ଜନକ ହାଇପରସୋନିକ ମିସାଇଲ୍ 'ଓରେଶ୍ନିକ୍'ର ବ୍ୟବହାର କରିଛି, ଯାହା ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ। ୟୁକ୍ରେନ ବାୟୁସେନା ଅନୁଯାୟୀ, ରୁଷ ରାତିସାରା ପ୍ରାୟ ୬୦୦ ଡ୍ରୋନ୍ ଏବଂ ୯୦ଟି ମିସାଇଲ୍ ମାଡ଼ କରିଛି। ଏହି ଆକ୍ରମଣରେ ଅତିକମରେ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୧୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ରାଜଧାନୀ କୀଭ୍‌ର ଅନେକ ଆବାସିକ ବିଲ୍ଡିଂ, ସ୍କୁଲ୍ ଏବଂ ବଜାର ଏହି ଆକ୍ରମଣରେ ଛାରଖାର ହୋଇଯାଇଛି। ଯୁଦ୍ଧ ମଧ୍ୟରେ ରୁଷ ଏହି ମିସାଇଲ୍‌କୁ ମାତ୍ର ତୃତୀୟ ଥର ପାଇଁ ବ୍ୟବହାର କରିଛି। ଏହାପୂର୍ବରୁ ନଭେମ୍ବର ୨୦୨୪ ରେ ଦ୍ନିପ୍ରୋ ଏବଂ ଜାନୁଆରୀ ୨୦୨୬ ରେ ଲ୍ଭିଭ୍ ଉପରେ ଏହା ଦ୍ୱାରା ଆକ୍ରମଣ କରାଯାଇଥିଲା। ଏଥର ଏହା କୀଭ୍ ନିକଟସ୍ଥ 'ବିଲା ତ୍ସେରକ୍ୱା' ସହରରେ ପଡ଼ିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହାକୁ ନିନ୍ଦା କରି କହିଛନ୍ତି, ରୁଷ ସତରେ ପାଗଳ ହୋଇଯାଇଛନ୍ତି। ଏଭଳି ଆକ୍ରମଣ ପାଇଁ ବିଶ୍ୱ ସମୁଦାୟ ରୁଷକୁ ଉଚିତ୍ ଶାସ୍ତି ଦେବା ଦରକାର। ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ସୂଚନା ଦେଇଛନ୍ତି ଯେ, ଏହି ମିସାଇଲ୍‌ରେ କୌଣସି ପରମାଣୁ ବୋମା ନଥିଲା, ବରଂ ଏକ 'ଡମି ୱାରହେଡ୍' ଲଗାଯାଇଥିଲା। କେବଳ ଭୟ ସୃଷ୍ଟି କରିବା ପାଇଁ ରୁଷ ଏହା କରିଛି। ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟ କାଜା କ୍ୟାଲାସ୍ ଏହାକୁ ରୁଷର "ପରମାଣୁ ବ୍ଲାକମେଲ୍" ଏବଂ ରାଜନୈତିକ ଭୟ ପ୍ରଦର୍ଶନର ଏକ ଅଂଶ ବୋଲି କହିଛନ୍ତି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଗତ ଶୁକ୍ରବାର ଦିନ ୟୁକ୍ରେନ ପକ୍ଷରୁ ରୁଷ ନିୟନ୍ତ୍ରିତ ଲୁହାନସ୍କ ଅଞ୍ଚଳର ଏକ କଲେଜ ହଷ୍ଟେଲ ଉପରେ ଡ୍ରୋନ୍ ମାଡ଼ କରାଯାଇଥିଲା, ଯେଉଁଥିରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହାକୁ ଏକ 'ଆତଙ୍କବାଦୀ ଆକ୍ରମଣ' କହି ଏହାର ବଦଳା ନେବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ପରେ ରୁଷ ଏହି ବଡ଼ ଧରଣର ପାଲଟା ଆକ୍ରମଣ କରିଛି।

# ଅନୁପ୍ରବେଶକାରୀଙ୍କ ପାଇଁ 'ହୋଲ୍ଡିଂ ସେଣ୍ଟର'

କୋଲକାତା,୨୪।୫(ଏଜେନ୍ସି): ପଶ୍ଚିମବଙ୍ଗରେ ନବଗଠିତ ବିଜେପି ସରକାର ବେଆଇନ ଅନୁପ୍ରବେଶକାରୀଙ୍କ ବିରୋଧରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ୟରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଏବଂ ରୋହିଙ୍ଗ୍ୟା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶରୁ ବାହାର କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ତୁରନ୍ତ 'ହୋଲ୍ଡିଂ ସେଣ୍ଟର' ବା ଅସ୍ଥାୟୀ ଶିବିର ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଠାରେ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍) କୁ ହସ୍ତାନ୍ତର କରାଯିବା ପୂର୍ବରୁ ଅନୁପ୍ରବେଶକାରୀଙ୍କୁ ଅଟକ ରଖାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩୧ ଡିସେମ୍ବର ୨୦୨୪ ପରେ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ସମସ୍ତ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ଏହି ହୋଲ୍ଡିଂ ସେଣ୍ଟରରେ ରଖାଯିବ। ଏହା ସହିତ ଜେଲରୁ ମୁକୁଳିଥିବା ବିଦେଶୀ ନାଗରିକମାନଙ୍କୁ ମଧ୍ୟ ଦେଶାନ୍ତର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହି କେନ୍ଦ୍ରଗୁଡ଼ିକରେ ରଖାଯିବ। ନିୟମ ଅନୁଯାୟୀ, ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଅଧୀନରେ ଆସୁଥିବା ଏବଂ ୩୧ ଡିସେମ୍ବର ୨୦୨୪ ପୂର୍ବରୁ ଆସିଥିବା ଶରଣାର୍ଥୀମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯିବ ଏବଂ ସେମାନଙ୍କୁ ଆଇନଗତ ନାଗରିକତ୍ୱ ପ୍ରଦାନ ପାଇଁ ବିଚାର କରାଯିବ। ହେଲେ ଏହି ଆଇନ ପରିସରଭୁକ୍ତ ହେଉନଥିବା ଅନୁପ୍ରବେଶକାରୀଙ୍କୁ ଦେଶରୁ ବାହାର କରାଯିବ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ବେଆଇନ ଅନୁପ୍ରବେଶ ରୋକିବା ପାଇଁ କେନ୍ଦ୍ରୀୟ ଆଇନକୁ ରାଜ୍ୟରେ କଠୋର ଭାବେ ଲାଗୁ କରାଯିବ। ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୃହ ମନ୍ତ୍ରଣାଳୟର ସୂଚନା ଆଧାରରେ ରାଜ୍ୟ ସରକାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଆଗାମୀ ଦିନରେ ରାଜ୍ୟରେ ନାଗରିକତ୍ୱ ଓ ମାନବାଧିକାରକୁ ନେଇ ଏକ ବଡ଼ ଧରଣର ରାଜନୈତିକ ଓ ଆଇନଗତ ବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି।

**ପଶ୍ଚିମବଙ୍ଗରେ ବାଂଲାଦେଶୀ, ରୋହିଙ୍ଗିଆ ଚିହ୍ନଟ ପ୍ରକ୍ରିୟା ଆରମ୍ଭ**

# ପରୀକ୍ଷା ବାତିଲ ଚିନ୍ତା: ନିଟ୍ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ,୨୪।୫(ଏଜେନ୍ସି): ପ୍ରଶ୍ନପତ୍ର ଲିକ୍ ମାମଲା ଯୋଗୁଁ ନୀଟ୍ ପରୀକ୍ଷା ବାତିଲ ହେବା ପରେ କର୍ଣ୍ଣାଟକର ଜଣେ ୧୮ ବର୍ଷର ମେଧାବୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀଙ୍କ ନାମ ଭାଗ୍ୟଶ୍ରୀ ବୋଲି ଜଣାପଡ଼ିଛି। ସେ ନିଜ ଘର ସିଲିଂ ଫ୍ୟାନ୍‌ରେ ରସି ଲଗାଇ ଜୀବନ ହାରିଛନ୍ତି। ମୃତ ବାଳିକାଙ୍କ ପିତା ରାଜଶେଖରଙ୍କ କହିବା ଅନୁଯାୟୀ, ଭାଗ୍ୟଶ୍ରୀ ପାଠପଢ଼ାରେ ବହୁତ ଭଲ ଥିଲେ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୨ ପ୍ରତିଶତ ମାର୍କ ରଖିଥିଲେ। ପରିବାରରେ କୌଣସି ସମସ୍ୟା ନଥିଲା। ସେ ନୀଟ୍ ପରୀକ୍ଷା ବହୁତ ଭଲ ଦେଇଥିଲେ। ହେଲେ ପରୀକ୍ଷା ବାତିଲ ହେବା ଏବଂ ପୁଣିଥରେ ପରୀକ୍ଷା ଦେବାକୁ ନେଇ ସେ ମାନସିକ ଚାପରେ ଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ। ସ୍ଥାନୀୟ ଷ୍ଟେସନ ବଜାର ପୋଲିସ ଏହି ମାମଲାରେ ଏକ କେସ୍ ରୁଜୁ କରି ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମେ ୩ ତାରିଖରେ ହୋଇଥିବା ନୀଟ୍ ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ବାତିଲ କରାଯାଇଛି ଏବଂ ଆସନ୍ତା ଜୁନ୍ ୨୧ ତାରିଖରେ ପୁଣିଥରେ ପରୀକ୍ଷା କରିବାକୁ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ଦିନ ଧାର୍ଯ୍ୟ କରିଛି।

# ନଦୀରେ ବୁଡ଼ି ପରିବାରର ୮ ମୃତ

କାରୱାର,୨୪।୫(ଏଜେନ୍ସି): କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାରେ ଘଟିଥିବା ନଦୀ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। 'ଆଟ୍ଟେ ହାକ୍କାଲୁ' ନଦୀରେ ମାଟିଆ (ଶାମୁକା ଜାତୀୟ ଜୀବ) ସଂଗ୍ରହ କରିବାକୁ ଯାଇଥିବା ସମୟରେ ପ୍ରବଳ ସ୍ରୋତରେ ଭାସିଯାଇ ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ମହିଳା ଅଛନ୍ତି। ଏହା ସହିତ ଅନ୍ୟ ୨ ଜଣ ଏବେ ବି ନିଖୋଜ ଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ଭଟକାଲ ତାଲୁକର ଶିରାଲି ଗାଁର ପ୍ରାୟ ୧୪ ଜଣ ସଦସ୍ୟ ନଦୀକୁ ମାଟିଆ ସଂଗ୍ରହ କରିବାକୁ ଯାଇଥିଲେ। ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଏକ ପାରମ୍ପରିକ ଋତୁଭିତ୍ତିକ ଜୀବିକା ଅଟେ। ପାଣିର ଗଭୀରତାକୁ ନ ମାପି ସେମାନେ ନଦୀ ଭିତରକୁ ଚାଲିଯାଇଥିଲେ। ଏହି ସମୟରେ ହଠାତ ପାଣିର ସ୍ରୋତ ବଢ଼ିଯିବାରୁ ଜଣେ କିମ୍ବା ଦୁଇଜଣ ଭାସିଯାଇଥିଲେ। ସେମାନଙ୍କୁ ବଞ୍ଚାଇବା ପାଇଁ ପରିବାରର ଅନ୍ୟ ସଦସ୍ୟମାନେ ନଦୀକୁ ଡେଇଁ ପଡ଼ିବାରୁ ଏଭଳି ବଡ଼ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଅଞ୍ଚଳରେ ବର୍ଷା ଯୋଗୁଁ ନଦୀର ସ୍ରୋତ ଅଧିକ ଶକ୍ତିଶାଳୀ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କ ଶବ ଉଦ୍ଧାର କରାଯାଇଥିବା ବେଳେ ବାକି ୨ ଜଣଙ୍କୁ ଖୋଜିବା ପାଇଁ ପୋଲିସ, ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଉଦ୍ଧାରକାରୀ ଦଳ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି।

# ଫାଲଟାରେ ଜିତିଲେ ବିଜେପି ପ୍ରାର୍ଥୀ

ଡାଇମଣ୍ଡ ହାର୍ବର,୨୪।୫(ଏଜେନ୍ସି): ପଶ୍ଚିମବଙ୍ଗର ଫାଲଟା ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହୋଇଥିବା ପୁନଃ ମତଦାନରେ ଭାରତୀୟ ଜନତା ପାର୍ଟି (ବିଜେପି) ପ୍ରାର୍ଥୀ ଦେବାଂଶୁ ପଣ୍ଡା ବିଜୟ ହାସଲ କରିଛନ୍ତି। ୨୧ ରାଉଣ୍ଡ ଭୋଟ୍ ଗଣତି ଶେଷରେ ଦେବାଂଶୁ ୧,୪୯,୬୬୬ ଭୋଟ୍ ପାଇ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇ(ଏମ)ର ଶମ୍ଭୁନାଥ କୁର୍ମୀଙ୍କୁ ୧,୦୯,୦୨୧ ଭୋଟ୍ ବ୍ୟବଧାନରେ ପରାଜିତ କରିଛନ୍ତି। ଅନ୍ୟପଟେ ଟିଏମସି ପ୍ରାର୍ଥୀ ଜାହାଙ୍ଗୀର ଖାନ ଏହି ନିର୍ବାଚନରୁ ଓହରିଯିବାକୁ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୯ ରେ ଏହି ଆସନରେ ଅନିୟମିତତା ଓ ଇଭିଏମ ଟାମ୍ପରିଂ ଅଭିଯୋଗ ପରେ ନିର୍ବାଚନ କମିଶନ ମଇ ୨୧ ରେ ସମସ୍ତ ୨୮୫ଟି ବୁଥ୍‌ରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ୮୭ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏହି ଫଳାଫଳ ଉପରେ ପ୍ରତିକ୍ରିୟା ରଖି ଟିଏମସି ନେତା ଅଭିଷେକ ବାନାର୍ଜୀ ନିର୍ବାଚନ କମିଶନଙ୍କ ଗଣତି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇବା ସହ ସିସିଟିଭି ଅଡିଟ୍ ଦାବି କରିଛନ୍ତି। ୨୦୨୬ ବିଧାନସଭା ନିର୍ବାଚନରେ ବିଜେପି ୨୦୭ଟି ଆସନ ଜିତି ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ସରକାର ଗଠନ କରିସାରିଛି।

# କେମିକାଲ୍ ଲିକ୍: ବିସ୍ଫୋରଣ ଆଶଙ୍କାରେ ୪୦,୦୦୦ ସ୍ଥାନାନ୍ତରିତ

କାଲିଫର୍ଣ୍ଣିଆ,୨୪।୫(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ପ୍ରସିଦ୍ଧ 'ଡିଜ୍ନିଲ୍ୟାଣ୍ଡ' ଥିମ୍ ପାର୍କ ନିକଟରେ ଏକ ଏରୋସ୍ପେସ୍ କାରଖାନାର କେମିକାଲ୍ ଟାଙ୍କି ଅତ୍ୟଧିକ ଗରମ ହୋଇ ବିଷାକ୍ତ ଗ୍ୟାସ୍ ଲିକ୍ ହେବା ପରେ ସେଠାରେ ବ୍ୟାପକ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଗାର୍ଡେନ୍ ଗରୋଭ୍ ଅଞ୍ଚଳରେ ଥିବା ଏହି କାରଖାନାର ଟାଙ୍କିରେ ପ୍ରାୟ ୨୨,୭୦୦ ରୁ ୨୬,୫୦୦ ଲିଟର ପ୍ଲାଷ୍ଟିକ୍ ତିଆରି ରାସାୟନିକ ପଦାର୍ଥ 'ମିଥାଇଲ୍ ମେଥାକ୍ରିଲେଟ୍' ରହିଛି। ଏହା ଯେକୌଣସି ସମୟରେ ବିସ୍ଫୋରଣ ହେବାର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ଆଖପାଖର ୬ଟି ସହରରୁ ପ୍ରାୟ ୪୦,୦୦୦ ବାସିନ୍ଦାଙ୍କୁ ଜରୁରୀକାଳୀନ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳର ଅନେକ ସ୍କୁଲ୍ ବନ୍ଦ କରିଦିଆଯାଇଛି ଏବଂ ଆଶ୍ରୟସ୍ଥଳୀ ମାନ ଖୋଲାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି କେମିକାଲ୍ ଅତ୍ୟନ୍ତ ଜ୍ୱଳନଶୀଳ ଓ ବିଷାକ୍ତ ହୋଇଥିବାରୁ ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା, ଆଖି ପୋଡ଼ିବା ଏବଂ ମୁଣ୍ଡବିନ୍ଧା ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

# ଲାଲ୍‌କିଲ୍ଲା ବିସ୍ଫୋରଣ: 'ଚାଟ୍‌ଜିପିଟି' ସହାୟତାରେ ବୋମା ପ୍ରସ୍ତୁତି

ନୂଆଦିଲ୍ଲୀ,୨୪।୫(ଏଜେନ୍ସି):



ଦିଲ୍ଲୀର ଲାଲ୍‌କିଲ୍ଲା ଅଞ୍ଚଳରେ ହୋଇଥିବା କାର୍‌ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏକ ଚାଞ୍ଚଲ୍ୟକର ଖୁଲାସା କରିଛି। ବିଶ୍ୱସ୍ତରୀୟ ଆତଙ୍କବାଦୀ ସଂଗଠନ ଅଲ୍-କାଏଦା ସହ ଜଡ଼ିତ ଜଣେ ଅଭିଯୁକ୍ତ 'ଟେରର ଇଞ୍ଜିନିୟରିଂ' ବା ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ବୋମା ତିଆରି ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ଲାଟଫର୍ମ 'ଚାଟ୍‌ଜିପିଟି' ଏବଂ ୟୁଟ୍ୟୁବ୍‌ର ଅପବ୍ୟବହାର କରିଥିବା ଜଣାପଡ଼ିଛି। ଗତ ବର୍ଷ ନଭେମ୍ବର ୧୦ ତାରିଖରେ ଦିଲ୍ଲୀରେ ହୋଇଥିବା ଏହି ଭୟାବହ ଗାଡ଼ି ବିସ୍ଫୋରଣରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଏନଆଇଏ ଗତ ମେ ୧୪ ତାରିଖରେ କୋର୍ଟରେ ଏକ ୭,୫୦୦ ପୃଷ୍ଠାର ସ୍ପେଶାଲ ଚାର୍ଜସିଟ୍ ଦାଖଲ କରିଛି, ଯେଉଁଥିରେ ଆତଙ୍କବାଦୀଙ୍କ ଏହି ଭୟଙ୍କର ବ୍ଲୁ-ପ୍ରିଣ୍ଟ ସାମ୍ନାକୁ ଆସିଛି। ଚାର୍ଜସିଟ୍ ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ଜାସିର ବିଲାଲ ୱାନି 'ରକେଟ୍ କେମିତି ତିଆରି ହୁଏ ଏବଂ ଏଥିରେ କେଉଁ ଅନୁପାତରେ କେମିକାଲ୍ ମିଶ୍ରଣ କରାଯାଏ' ସେନେଇ ଚାଟ୍‌ଜିପିଟିରେ ସର୍ଚ୍ଚ କରିଥିଲା। ଏହା ସାହାଯ୍ୟରେ ସେମାନେ ରକେଟ୍ ଆଇଇଡି ପ୍ରସ୍ତୁତ କରି ଜମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡ ଏବଂ ଯୋସମର୍ଗ ଜଙ୍ଗଲରେ ପରୀକ୍ଷଣ ମଧ୍ୟ କରିଥିଲେ। ଏହା ସହିତ ସୁରକ୍ଷା ବାହିନୀ ଉପରେ ଆକ୍ରମଣ ପାଇଁ ବିସ୍ଫୋରକ ବହନକାରୀ ଡ୍ରୋନ୍ ପ୍ରସ୍ତୁତ କରିବାର ଯୋଜନା ମଧ୍ୟ ଥିଲା। ଏହି ସଂଗଠନରେ ହରିୟାଣାର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ତିନିଜଣ ଡାକ୍ତର ସାମିଲ ଥିଲେ। ଏହି ଶିକ୍ଷିତ ଏବଂ କଠୋରପନ୍ଥୀ ଡାକ୍ତରମାନେ ବୋମା ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଯଥା ପୋଟାସିୟମ୍ ନାଇଟ୍ରେଟ୍ ଏବଂ ସାର ଯୋଗାଇବା ସହ ଆତଙ୍କବାଦୀ ଇଞ୍ଜିନିୟର ଜାସିରକୁ ସବୁ ପ୍ରକାରର ବୈଷୟିକ ସହାୟତା ଦେଉଥିଲେ। ବିସ୍ଫୋରଣର ଟ୍ରିଗର ମେକାନିଜମ୍ (ବୋମା ଫୁଟାଇବା ପ୍ରକ୍ରିୟା) ପ୍ରସ୍ତୁତ କରିବା ପାଇଁ ଅଭିଯୁକ୍ତ ଜାସିର ନିଜର ଫ୍ଲିପକାର୍ଟ ଆକାଉଣ୍ଟ ମାଧ୍ୟମରେ ସେନ୍ସର, ରିମୋଟ୍ କଣ୍ଟ୍ରୋଲ୍ ରିଲେ-ସ୍ୱିଚ୍ ଏବଂ ସୋଲ୍ଡରିଂ କିଟ୍ ଭଳି ବିଭିନ୍ନ ଇଲେକ୍ଟ୍ରୋନିକ ସାମଗ୍ରୀ ଅର୍ଡର କରିଥିଲା, ଯାହାର ପେମେଣ୍ଟ କ୍ୟାଶ୍-ଅନ୍-ଡେଲିଭରି ମାଧ୍ୟମରେ କରାଯାଇଥିଲା। ଏନଆଇଏ ତଦନ୍ତ ବେଳେ ଜଙ୍ଗଲ ଭିତରୁ ପରୀକ୍ଷଣ କରାଯାଇଥିବା ବୋମାର ଅବଶେଷ ଜବତ କରିଛି। ଏହା ସହିତ ଏକ ନିୟନ୍ତ୍ରିତ ସିମୁଲେସନ ପ୍ରକ୍ରିୟାରେ ଅଭିଯୁକ୍ତ ଜାସିର ବୋମା ନିଷ୍କ୍ରିୟକାରୀ ଦଳ ସମ୍ମୁଖରେ ବଜାରରେ ମିଳୁଥିବା ସାଧାରଣ ସାମଗ୍ରୀରେ କିଭଳି କାର୍ଯ୍ୟକ୍ଷମ ରକେଟ୍ ଆଇଇଡି ତିଆରି କରାଯାଇପାରିବ, ତାହାର ପ୍ରଦର୍ଶନ ମଧ୍ୟ କରି ଦେଖାଇଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-326 ♦MONDAY ♦25 MAY 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୩୨୬ ♦ସୋମବାର ♦୨୫ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ଅଶୋଧିତ ତୈଳ ଆଣିଛି ବଡ଼ ସଙ୍କଟ

# ପୁଣି ବଢ଼ିବ ତେଲ ଦର !

■ ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): ମାତ୍ର ୮ ଦିନ ମଧ୍ୟରେ ତୃତୀୟ ଥର ପାଇଁ ଦେଶରେ ମହଙ୍ଗା ହୋଇଛି ଇନ୍ଧନ ମୂଲ୍ୟ। ଶନିବାର ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି ମୂଲ୍ୟ ପୁଣି ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି, ଯାହା ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରିଛି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଆଗାମୀ ଦିନରେ ଇନ୍ଧନ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଆସନ୍ତା ସପ୍ତାହକ ମଧ୍ୟରେ ପେଟ୍ରୋଲ, ଡିଜେଲ, ସିଏନ୍‌ଜି କିମ୍ବା ଏଲ୍‌ପିଜି ମୂଲ୍ୟ ପୁଣି ବୃଦ୍ଧି ପାଇପାରେ। ଏ ନେଇ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ୍)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇସାରିଛନ୍ତି। ବର୍ଦ୍ଧିତ ଇନ୍ଧନ ମୂଲ୍ୟର ପ୍ରଭାବ ସାଧାରଣ ଲୋକଙ୍କଠାରୁ ଉଚ୍ଚବର୍ଗ ପର୍ଯ୍ୟନ୍ତ ସମସ୍ତେ ଅନୁଭବ କରୁଛନ୍ତି। ହେଲେ ପେଟ୍ରୋଲ, ଡିଜେଲ ଏବଂ ଡିଜେଲ୍ ମୂଲ୍ୟରେ ହୋଇଥିବା ବୃଦ୍ଧି ଯୋଗୁ ବର୍ତ୍ତମାନ ମଧ୍ୟବିତ୍ତ ବର୍ଗ ଚାପରେ ରହିଛନ୍ତି।

ଯଦି ବର୍ତ୍ତମାନର ବିଶ୍ୱ ଶକ୍ତି ସଙ୍କଟ ଜାରି ରହେ, ତେବେ ଖୁଚୁରା ଇନ୍ଧନ ମୂଲ୍ୟରେ ଆହୁରି ବୃଦ୍ଧି ଅନିବାର୍ଯ୍ୟ ହୋଇପାରେ। ଏହାର ଅର୍ଥ ହେଉଛି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଏଥିରେ ସେ ଦୁଇରୁ ତିନୋଟି ବିକଳ୍ପ ମଧ୍ୟ ଉଲ୍ଲେଖ କରିଛନ୍ତି। କାରଣ ଅଶୋଧିତ ତୈଳ ବଜାର ନିରନ୍ତର ଅସ୍ଥିର ହେଉଛି। ଇନ୍ଧନ ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତି ରୂପରେ

**ପେଟ୍ରୋଲ୍‌ରୁ ସିଏନ୍‌ଜି ଯାଏଁ ଦର ବୃଦ୍ଧି; ଚାପରେ ମଧ୍ୟବିତ୍ତ**




ସାଧାରଣ ଲୋକଙ୍କୁ ପ୍ରଭାବିତ କରିବାରେ ଲାଗିଛି। ବଜାରରେ ପ୍ରାୟ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପୂର୍ବରୁ ବୃଦ୍ଧି ପାଇସାରିଛି। ଆଗାମୀ ଦିନରେ ଏଥିରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ଅଛି। ଇନ୍ଧନ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷି, ଖାଦ୍ୟ, ଏଫ୍‌ଏମ୍‌ସିଜି, ଇସ୍ପାତ, ଇ-କମର୍ସ ଏବଂ ପର୍ଯ୍ୟଟନ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। କାରଣ ଇନ୍ଧନ ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଦ୍ୱାରା ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇବାର ଆଶା କରାଯାଉଛି। ସେଥିଯୋଗୁ ଅଟୋ ଏବଂ ଟ୍ୟାକ୍ସି ପାଇଁ ଭଡ଼ା ମଧ୍ୟ ବୃଦ୍ଧି ପାଇପାରେ। ଘରୋଇ ବଜାରରେ ଇନ୍ଧନ ମୂଲ୍ୟରେ ଏହି ବୃଦ୍ଧିର ମୁଖ୍ୟ କାରଣ ହେଉଛି ମଧ୍ୟପ୍ରାଚ୍ୟ (ପଶ୍ଚିମ ଏସିଆ)ରେ ଚାଲିଥିବା ଉତ୍ତେଜନା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଆକାଶଛୁଆଁ ମୂଲ୍ୟ। ଅନ୍ତର୍ଜାତୀୟ ବଜାରରେ, ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ବର୍ତ୍ତମାନ ପ୍ରତି ବ୍ୟାରେଲ ୧୦୪.୨୪ ଡଲାରରେ ପହଞ୍ଚିଛି, ଯେତେବେଳେ ଆମେରିକାର ପଶ୍ଚିମ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଏ) ଫ୍ୟୁଚର୍ ପ୍ରତି ବ୍ୟାରେଲ ୯୭.୪୬ ଡଲାରରେ ଟ୍ରେଣ୍ଡ କରୁଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପୂର୍ବରୁ, ଅଶୋଧିତ ତୈଳ ପ୍ରତି ବ୍ୟାରେଲ ୭୦ ରୁ ୭୨ ଡଲାରରେ ଉପଲବ୍ଧ ଥିଲା। ▶ପୃଷ୍ଠା-୭



## ୯୦ ବର୍ଷୀୟ ଶାଶୂଙ୍କୁ ପିଠିରେ ବୋହି ୯ କିମି ଚାଲିଲେ ବୋହୂ

**ଭତ୍ତା ପାଇଁ ସଂଘର୍ଷ**

■ ଅମ୍ବିକାପୁର, ୨୪।୫ (ଏଜେନ୍ସି): ଛତିଶଗଡ଼ର ସୁରଗୁଜା ଜିଲ୍ଲା ମୈନପାଟ ଅଞ୍ଚଳରୁ ଏକ ଅତି ଦୁଃଖଦାୟକ ଭିଡିଓ ସାମ୍ନାକୁ ଆସିଛି, ଯାହା ସରକାରୀ ବ୍ୟବସ୍ଥାର ଅସଲ ଚିତ୍ରକୁ ପଦାରେ ପକାଇଛି। ଏଠାରେ ଜଣେ ମହିଳା ନିଜର ୯୦ ବର୍ଷର ବୃଦ୍ଧା ଶାଶୁଙ୍କୁ ପିଠିରେ ବୋହି ଜଙ୍ଗଲ ପାହାଡ଼, ପଥୁରିଆ ରାସ୍ତା ଏବଂ ନାଳ ପାର ହୋଇ ପ୍ରାୟ ୯ କିଲୋମିଟର ଦୂର ବ୍ୟାଙ୍କକୁ ଯାଇଛନ୍ତି। ବୃଦ୍ଧା ଶାଶୁଙ୍କ ସରକାରୀ ଭତ୍ତା ଟଙ୍କା ଆଣିବା ପାଇଁ ବୋହୂଙ୍କୁ ଏଭଳି କଷ୍ଟକର ଯାତ୍ରା କରିବାକୁ ପଡ଼ିଛି। ବ୍ୟାଙ୍କ ନିୟମ ଅନୁଯାୟୀ, ଭତ୍ତା ଟଙ୍କା ପାଇବା ପାଇଁ ହିତାଧିକାରୀଙ୍କୁ ନିଜେ ବ୍ୟାଙ୍କରେ ଉପସ୍ଥିତ ରହି ଆଙ୍ଗୁଠି ଚିହ୍ନ ବା ବାୟୋମେଟ୍ରିକ ଯାଞ୍ଚ କରିବା ବାଧ୍ୟତାମୂଳକ। ସେଥିପାଇଁ ଶାଶୁ ଚାଲିବାକୁ ଅକ୍ଷମ ହୋଇଥିଲେ ମଧ୍ୟ ବୋହୂ ତାଙ୍କୁ ପିଠିରେ ବୋହି ନେବାକୁ ବାଧ୍ୟ ହୋଇଥିଲେ। ଏହି ଆଦିବାସୀ ବହୁଳ ଜଙ୍ଗଲ ଅଞ୍ଚଳରେ କୌଣସି ଗାଡ଼ିମୋଟରର ସୁବିଧା ନାହିଁ। ମହିଳା ଜଣକ କହିଛନ୍ତି ଯେ ସେମାନଙ୍କୁ ମାସିକ ପ୍ରାୟ ▶ପୃଷ୍ଠା-୭

**ୟୁରାନିୟମ ସମର୍ପଣ କରିବାକୁ ଇରାନ ରାଜି**

# ଫିଟିବକି ଶାନ୍ତିର ବାଟ

■ ନ୍ୟୁୟର୍କ/ୱାଶିଂଟନ, ୨୪।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ଏକ ବଡ଼ ଧରଣର ସହମତି ପ୍ରକାଶ ପାଇଛି। ଏକ ବ୍ୟାପକ ଶାନ୍ତି ଚୁକ୍ତିର ଅଂଶବିଶେଷ ସ୍ୱରୂପ ଇରାନ ନିଜ ପାଖରେ ଥିବା ଅତ୍ୟଧିକ ସମୃଦ୍ଧ (ଏନ୍‌ରିଚ୍) ୟୁରାନିୟମ ଭଣ୍ଡାରକୁ ସମର୍ପଣ କରିବାକୁ ନୀତିଗତ ଭାବେ ରାଜି ହୋଇଛି ବୋଲି ଆମେରିକାର ଦୁଇଜଣ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ଶତ୍ରୁତା ଶେଷ ହେବା ଏବଂ ହର୍ମୁଜ ପ୍ରଣାଳୀ ତଥା ଜଳପଥ ପୁଣି ଖୋଲିବା ନେଇ ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଘୋଷଣା କରିବା ପରେ ଏହି ସକାରାତ୍ମକ ଦିଗ ସାମ୍ନାକୁ ଆସିଛି। ଆନ୍ତର୍ଜାତୀୟ ଆଟୋମିକ୍ ଶକ୍ତି ସଂସ୍ଥା (ଏଆଇଇଏ) ଅନୁଯାୟୀ, ଇରାନ ପାଖରେ ବର୍ତ୍ତମାନ ପ୍ରାୟ ୪୦୦ କିଲୋଗ୍ରାମର ୬୦ ପ୍ରତିଶତ ଶୁଦ୍ଧ ୟୁରେନିୟମ ରହିଛି, ଯାହା ପରମାଣୁ ବୋମା ତିଆରିର ନିକଟତର। ଆମେରିକାର ଚାପ ଯୋଗୁଁ ଇରାନ ଏହାକୁ ହସ୍ତାନ୍ତର କରିବାକୁ, କିମ୍ବା ଏହାର ସମୃଦ୍ଧତା ପ୍ରକ୍ରିୟାକୁ ହ୍ରାସ କରି ନଷ୍ଟ କରିବାକୁ ରାଜି ହୋଇଛି। ଏହି ପ୍ରକ୍ରିୟା ଆଗାମୀ ୩୦ ରୁ ୬୦ ଦିନ ମଧ୍ୟରେ ଆଲୋଚନା ମାଧ୍ୟମରେ ସ୍ଥିର କରାଯିବ। ଯଦି ଇରାନ ଏହି ଚୁକ୍ତିରେ ରାଜି ହୋଇନଥାନ୍ତା, ତେବେ ଆମେରିକା ଇରାନର 'ଇସଫାହାନ' ପରମାଣୁ କେନ୍ଦ୍ର ଉପରେ 'ବଙ୍କର-ବଷ୍ଟର' ବୋମା ମାଧ୍ୟମରେ ଭୂତଳ ୟୁରେନିୟମ ଭଣ୍ଡାରକୁ ଧ୍ୱଂସ କରିବାକୁ ଯୋଜନା ପ୍ରସ୍ତୁତ କରି ସାରିଥିଲା। ଏପରିକି ଆମେରିକା ଓ ଇସ୍ରାଏଲର କମାଣ୍ଡୋ ମିଳିତ ଭାବେ ଏହି ୟୁରେନିୟମ ଜବତ କରିବାକୁ ମଧ୍ୟ ରଣନୀତି ପ୍ରସ୍ତୁତ କରିଥିଲେ। ଚୁକ୍ତି ସଫଳ ହେଲେ ବିଦେଶରେ ଜବତ ହୋଇ ରହିଥିବା ଇରାନର ବିଲିୟନ ବିଲିୟନ ଡଲାରର ସମ୍ପତ୍ତି ପୁଣି ଥରେ ଇରାନକୁ ଫେରସ୍ତ ମିଳିବ, ଯାହା ଦେଶର ପୁନର୍ଗଠନରେ ସାହାଯ୍ୟ କରିବ। ଚଳିତ ବର୍ଷ ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ ଉପରେ ହୋଇଥିବା ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତାଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ପ୍ରାଣ ହରାଇଥିଲେ। ଏହାପରେ ସମଗ୍ର ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନର ଏହି ଚୁକ୍ତି ଆଗାମୀ ଦିନରେ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାରେ ଏକ ବଡ଼ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।



**ଆହୁରି ୪ ଦିନ ତାତି ଓ ଗୁଳୁଗୁଳି**

# ମୌସୁମୀ ଆସିବା ଯାଏଁ ଜାଳିବ

**ପୁଣି ୬ ସହରରେ ତାପମାତ୍ରା ୪୫ ଡିଗ୍ରୀ ପାର୍**

**ଉପକୂଳରେ ସକାଳ ୯ରୁ ଅସହ୍ୟ ହେଉଛି ଗୁଳୁଗୁଳି**



■ ଭୁବନେଶ୍ୱର, ୨୪।୫ (ସମିସ): ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଆଭ୍ୟନ୍ତରୀଣରେ ଭୀଷଣ ତାତି ସାଙ୍ଗକୁ ଉପକୂଳରେ ପ୍ରବଳ ଗୁଳୁଗୁଳି ଲୋକଙ୍କୁ କଲବଲ କରୁଛି। ରବିବାର ମଧ୍ୟ ସମାନ ସ୍ଥିତି ସହ ଆଜି ମୋଟ୍ ୨୦ ସହରରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ଆଭ୍ୟନ୍ତରୀଣ ଓଡ଼ିଶାର ୬ ଟି ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଛି। ଏହି ସହରଗୁଡ଼ିକ ମଧ୍ୟରେ ଟିଟିଲାଗଡ଼ରେ ସର୍ବାଧିକ ୪୫.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବୌଦ୍ଧରେ ୪୫.୬, ଭବାନୀପାଟଣାରେ ୪୫.୪, ସମ୍ବଲପୁର ୪୫.୩, ସୋନପୁର ୪୫.୨, ବଲାଙ୍ଗିରରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଜାରି ରହିଥିବା ଏହି ସ୍ଥିତି ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ହେବ। ▶ପୃଷ୍ଠା-୭



**ରାଜ୍ୟରୁ ଲୁଟ୍ ହୋଇଛି ୬୫୦ ଅସ୍ତ୍ରଶସ୍ତ୍ର**

**ମିଳିନି ୨୩୦ଟି ଅସ୍ତ୍ରଶସ୍ତ୍ରର ସନ୍ଧାନ**

# ଫେରିବ ମାଓବାଦୀ ଲୁଟିଥିବା ଅସ୍ତ୍ର

### ୭ ରାଜ୍ୟର ଡିଜିଙ୍କୁ ଚିଠି ଲେଖିଲା ଓଡ଼ିଶା ଏସ୍‌ଆଇଡବ୍ଲୁ

■ ଭୁବନେଶ୍ୱର, ୨୪।୫ (ସମିସ): ଓଡ଼ିଶା ସମେତ ପୂରା ଭାରତବର୍ଷ ଏବେ ମାଓବାଦୀଙ୍କ କବଳରୁ ମୁକ୍ତ ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗତ ମାର୍ଚ୍ଚରେ ଦେଶକୁ ମାଓମୁକ୍ତ ଘୋଷଣା କରିଛନ୍ତି। ମାଓବାଦୀମାନେ ଆତ୍ମସମର୍ପଣ କରିବା ପରେ ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଅସ୍ତ୍ରଶସ୍ତ୍ର ଜବତ ହେବା ପରେ ରାଜ୍ୟରୁ ମାଓବାଦୀଙ୍କ ଦ୍ୱାରା ଲୁଟ୍ ହୋଇଥିବା ଅସ୍ତ୍ରଶସ୍ତ୍ର ଫେରାଇ ଆଣିବାକୁ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍(ଏସ୍‌ଆଇଡବ୍ଲୁ) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଲୁଟ୍ ହୋଇଥିବା ଅସ୍ତ୍ରଶସ୍ତ୍ରକୁ କେଉଁଠି ରହିଛି, ତାହାର ସନ୍ଧାନ କରାଯାଉଛି ଓ ପରେ ସଂପୃକ୍ତ ରାଜ୍ୟର ପୁଲିସ ମୁଖ୍ୟଙ୍କୁ ଚିଠି ଲେଖାଯାଉଛି। ଏହା ଭିତରେ ବିଏସ୍‌ଏଫ୍, ସିଆରପିଏଫ୍ ସମେତ ୭ ରାଜ୍ୟର ପୁଲିସ ଡିଜିଙ୍କୁ ଚିଠି ଲେଖିଛି ଏସ୍‌ଆଇଡବ୍ଲୁ।

ସୂଚନା ଅନୁସାରେ, ୧୯୯୨ ମସିହାରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ▶ପୃଷ୍ଠା-୭

# ଝାଡ଼ାବାନ୍ତିରେ ୨ ମୃତ, ୫ ଆକ୍ରାନ୍ତ

■ ଝାରସୁଗୁଡ଼ା, ୨୪।୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ଅତାବିରା ପଞ୍ଚାୟତ ସୁନାଖାଏନ ଗାଁରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆକ୍ରାନ୍ତ ହୋଇଛନ୍ତି। ମୃତକମାନେ ହେଲେ, ଗାଁର ଉଲ୍ଲାସ ଖଡିଆ ଓ ସୁକାନ୍ତି ଖଡିଆ। ୫ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଚିକିତ୍ସା ପରେ ଜଣେ ସୁସ୍ଥ ହୋଇଥିବା ବେଳେ ୪ ଜଣ ଚିକିତ୍ସାଧୀନ ରହିଛନ୍ତି। ଆକ୍ରାନ୍ତମାନେ ହେଲେ, ଫକିର ଖଡ଼ିଆ, ମଞ୍ଜରୀ ଖଡ଼ିଆ, ଏଞ୍ଜେଲିନା ଖଡ଼ିଆ, ରଶ୍ମି ଖଡ଼ିଆ।

ଗତ ଗୁରୁବାର ସୁନାଖାଏନ ଗାଁର ପ୍ରାୟ ୨୫ଜଣ ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ୍ ନୂଆଁଡିହି ଗାଁକୁ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ଭୋଜି ଖାଇ ଘରକୁ ଫେରିଲା ପରେ ପ୍ରଥମେ ୭ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଉଲ୍ଲାସ ଓ ସୁକାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ଭୀମସାର୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ, ସେଠାରେ ଆଇସିୟୁ ବେଡ୍ ନ ମିଳିବାରୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ରାସ୍ତାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

ଅନ୍ୟପକ୍ଷରେ, ଡାକ୍ତରୀ ଦଳ ସୁନାଖାଏନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବା ଲୋକଙ୍କ ଖାଦ୍ୟ ପାଣି ଆଦିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏସ୍‌ଏସ୍ ସେଟ୍ କହିଛନ୍ତି।

**ବିଜୁଳି କଷଣ**

# ବଢୁଛି ଅସନ୍ତୋଷ

### ୮,୧୮୮ ମେଗାୱାଟ୍‌ରେ ପହଞ୍ଚିଲା ସର୍ବାଧିକ ବିଦ୍ୟୁତ୍ ଚାହିଦା



**କ୍ୟାପ୍ଟିଭ୍ ପ୍ଲାଣ୍ଟରୁ ୭୧୦ ମେଗାୱାଟ୍ ବିଜୁଳି ଦେଉନାହାନ୍ତି ଶିଳ୍ପ ସଂସ୍ଥା**

**ମାଗଣା ବିଜୁଳିକୁ ଛାଡ଼ି ଚଢ଼ା ଦରରେ ବିଜୁଳି କିଣୁଛନ୍ତି ସରକାର**

■ ଭୁବନେଶ୍ୱର, ୨୪।୫ (ସମିସ): ଚଳିତ ବର୍ଷ ଓଡ଼ିଶାର ସର୍ବାଧିକ ବିଦ୍ୟୁତ ଚାହିଦା ଗତ ଶନିବାର ଅର୍ଥାତ୍ ୨୩ ତାରିଖରେ ୮୧୮୮ ମେଗାୱାଟରେ ପହଞ୍ଚିଛି। ଅତିରିକ୍ତ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ଗ୍ରୀଡ୍‌କୋ ଗତକାଲି (ଶନିବାର) କେନ୍ଦ୍ରୀୟ ସୂତ୍ରରୁ ସର୍ବାଧିକ ୨୬୫୫ ମେଗାୱାଟ ମହଙ୍ଗା ବିଦ୍ୟୁତ୍ କ୍ରୟ କରିଛି। ଏପଟେ ଉପଭୋକ୍ତା ଗ୍ରୀଡ୍‌କୋର ମହଙ୍ଗା ବିଦ୍ୟୁତ୍ ମାଡ଼ ସହୁଥିବାବେଳେ ସେପଟେ ବିତରଣ କମ୍ପାନୀ ଓ ଗ୍ରୀଡ୍‌କୋ ବାରମ୍ବାର ବିଜୁଳି କାଟ୍ କରି ଉପଭୋକ୍ତାଙ୍କୁ ଅସ୍ତବ୍ୟସ୍ତ କରୁଛନ୍ତି। ଅନ୍ୟପଟେ ଓଡ଼ିଶାରେ ପ୍ରାୟ ୧୫ ହଜାର ମେଗାୱାଟ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ଥିବାବେଳେ ଗ୍ରୀଡ୍‌କୋ ମାତ୍ର ୮୦୦ ରୁ ୯୦୦ ମେଗାୱାଟ କ୍ରୟ କରୁଛି। ସର୍ବାଧିକ ଆବଶ୍ୟକତା ସମୟରେ ବେଦାନ୍ତ ଓ ଜିନ୍ଦଲ ଭଳି ବୃହତ ଶିଳ୍ପ ସଂସ୍ଥା ଓଡ଼ିଶାର ଭାଗ ଥିବା ୭୧୦ ମେଗାୱାଟ ଶସ୍ତା ବିଦ୍ୟୁତ୍ ଦେଉନାହାନ୍ତି। କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ବିଦ୍ୟୁତ୍ ଶସ୍ତା ହୋଇଥିବାରୁ ଗ୍ରୀଡ୍‌କୋ ୧୫୦୦ ମେଗାୱାଟ କ୍ରୟ କରିପାରିଲେ ଓଡ଼ିଶା ଉପଭୋକ୍ତା ମହଙ୍ଗା ମାଡ଼ରୁ ରକ୍ଷା ପାଇବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଆନ୍ତେ ବୋଲି ଶକ୍ତି ସମୀକ୍ଷକମାନେ ମତପ୍ରକାଶ ପାଇଛି।

ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହୁଛନ୍ତି, ରାଜ୍ୟରେ ହିଟ୍‌ୱେଭ କାରଣରୁ ପ୍ରବଳ ଏସି ବ୍ୟବହାର ହେଉଥିବା କାରଣରୁ ବିଦ୍ୟୁତ ଚାହିଦା ବୃଦ୍ଧି ପାଉଛି। ତେବେ ଓଡ଼ିଶା ସମକକ୍ଷ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ସର୍ବାଧିକ ବିଦ୍ୟୁତ ଚାହିଦା ୧୫ ହଜାର ମେଗାୱାଟ ଅତିକ୍ରମ କରିଥିବାବେଳେ ଓଡ଼ିଶା ମାତ୍ର ୮୦୦୦ ମେଗାୱାଟ ଅତିକ୍ରମ କରିଛି। ଆନ୍ଧ୍ରରେ ଓଡ଼ିଶାଠାରୁ ଅଧିକ ଶୀତତାପ ▶ପୃଷ୍ଠା-୭




# ଶଙ୍ଖାରୀ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ଚନ୍ଦନେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଶଙ୍ଖାରୀ ସେବା ସମବାୟ ସମିତି ଲିଃ ପରିସରରେ ରବି ଧାନ ସଂଗ୍ରହ ନିମନ୍ତେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ସମବାୟ ସମିତିର କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, ଉପ ସଭାନେତ୍ରୀ ନମିତା ପାତ୍ର ପ୍ରମୁଖ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ପୂର୍ବତନ ସଭାପତି ତଥା ନିର୍ଦ୍ଦେଶକ ନଗେନ୍ଦ୍ର ନାଥ ପାତ୍ର, ଭୋଳନାଥ ବେହେରା, ଅଶ୍ୱିନୀ କୁମାର ଦାସ, ରଞ୍ଜନ କୁମାର ବାରିକ, ପ୍ରଭାତ କୁମାର ଗିରି, ରବୀନ୍ଦ୍ର ନାଥ ସାମଲ, ସୁଧୀର ଚନ୍ଦ୍ର ପାତ୍ର, ପ୍ରଦୀପ କୁମାର ଭଞ୍ଜ, ଶ୍ରୀକାନ୍ତ ପ୍ରଧାନ, ରଜନୀ କାନ୍ତ ପାତ୍ର, ଗଙ୍ଗାଧର ମଣ୍ଡଳ, ହେମନ୍ତ କୁମାର ପାତ୍ର, ଗୌରୀ ପାତ୍ର, ହୁଗୁଲି ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ଗୋବିନ୍ଦ ଦାସ, ଭାରପ୍ରାପ୍ତ ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ, ବୁଦ୍ଧଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅଧରାତିରେ ଜଳିଗଲା ୨୫ରୁ ଊର୍ଦ୍ଧ୍ୱ ଦୋକାନ

ଜଳେଶ୍ୱର ବ୍ଲକ୍/ଜଳେଶ୍ୱର,୨୪।୫(ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାର୍ଡ ମାର୍କେଟରେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଥିବାବେଳେ ପ୍ରାୟ ୫କୋଟି ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ଅନୁମାନ କରାଯାଉଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବାବେଳେ ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ ପହଞ୍ଚି ତଦନ୍ତ କରୁଛି। ଏହି ମାର୍କେଟରେ ଦୁଇଶହରୁ ଊର୍ଦ୍ଧ୍ୱ ଦୋକାନ ରହିଥିବାବେଳେ ସବୁଦିନ ଭଳି ଗତକାଲି ଦୋକାନୀମାନେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ବିଳମ୍ବିତ ରାତିରେ ହଠାତ ଗୋଟିଏ ଦୋକାନରେ ନିଆଁ ଲାଗି ଯାଇଥିଲା। ଏହା ପରେ ଗୋଟିଏ ପରେ ଗୋଟିଏ ଦୋକାନ ଜଳିବା ଆରମ୍ଭ କରିଥିଲା। ସ୍ଥାନୀୟ ଲୋକେ ଦୋକାନଗୁଡ଼ିକ ଜଳୁଥିବା



ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ କରିଥିଲେ ମଧ ସବୁ ଜଳି ପୋଡ଼ି ପାଉଁଶ ହୋଇ ଯାଇଥିଲା। ସାମଗ୍ରୀ ସମେତ ନଗଦ ଟଙ୍କା ମଧ ପୋଡ଼ି ପାଉଁଶ ହୋଇଯାଇଛି। ସବୁ ଜଳି ପୋଡି ସର୍ବସ୍ୱାନ୍ତ ହେଇଯିବା ପରେ ଏବେ କେମିତି ପରିବାର ପ୍ରତିପୋଷଣ କରିବେ ସେ ନେଇ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ସମୟରେ ବିଜେପି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ନେତା ବ୍ରଜମୋହନ ପ୍ରଧାନ ଏବଂ ବେଲେଶ୍ୱର(ଉତ୍ତର) ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,

**୫ କୋଟି ଟଙ୍କାର ସମ୍ପତ୍ତି ପାଉଁଶ**

ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ, ତହସିଲଦାର ଜଳେଶ୍ୱର, ବିଡିଓ ଜଳେଶ୍ୱର ସହିତ ଫୋନ ଯୋଗେ କଥା ହେଇ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହିତ ପଶ୍ଚିମବାଡ଼ ସରପଞ୍ଚ ଶମ୍ଭୁନାଥ ଜେନା, ଝରପିପଲ୍ ଜୟକୃଷ୍ଣ ଅଣ୍ଡିଆ, ସମିତି ସଭ୍ୟ ହରିଶ ମୋହାଲିକ୍, ବର୍ତ୍ତନା ସମିତି ସଭ୍ୟ ତ୍ରିଲୋଚନ ଦାସ, ରାଜେନ୍ଦ୍ର ପାତ୍ର, ସୁମତି ଦେ, ଭୂପତି ମିର୍ଦ୍ଧା, ତାପସ ରଞ୍ଜନ ପାଣିଗ୍ରାହୀ, ଚନ୍ଦନା ଦାସ, ଦିଲ୍ଲୀପ ପଣ୍ଡା, ରମେଶ ଚନ୍ଦ୍ର ପାତ୍ର, ବାପୁଜୀ ଦାସ, ବିଜୟ ସାମଲ, ସଞ୍ଜୀବ ସେନାପତି, କାଳୀଚରଣ ପାଳ, ମନୋରଞ୍ଜନ ମିଶ୍ର, ନୀଳକଣ୍ଠ ମହାନ୍ତି, କରାମାତ୍ ଅଲ୍ଲି ଶାହା, ଲମ୍ବୁଦର୍ ପାତ୍ର, ଶେଖ୍ ମୁତିଲାଲ, ଶ୍ରୀକାନ୍ତ ଜେନା ଉପସ୍ଥିତ ରହିଥିଲେ।

ଅନ୍ୟପକ୍ଷରେ ମନୋରଞ୍ଜନ ରାଉଳ, ଶେଖ୍ ରାମଜାନି, ନନିଗୋପାଳ ଅଣ୍ଡିଆ, ଜୀବନ କୁମାର ଦାସ, ବାପୁଜୀ ଦାସ, ସାଗର ଅଣ୍ଡିଆ, ଗୌରାଙ୍ଗ ନନ୍ଦୀ, ଅରବିନ୍ଦ ଦାସ, ଶ୍ରୀକାନ୍ତ ଦାସ, ଶ୍ରୀକାନ୍ତ ରାଉଳ, ସୁଶାନ୍ତ ଧଳ, କରୁଣାକର ବାରିକ, ରବିନ୍ଦ୍ର ବାରିକ, ନାରାୟଣ ଜ୍ୟୋତି, ବିଜୟ ଦାସ, ସଚିନ୍ଦ୍ର ଗିରି, ଝାଡ଼େଶ୍ୱର ସାହୁ, ସତ୍ୟରଞ୍ଜନ ସାହୁ, ଶ୍ରୀକାନ୍ତ ଜେନା, ଶାନ୍ତନୁ ଦାସ, ଅକ୍ଷୟ ସାହୁ, ଶଙ୍କର ମିଶ୍ର, ରତିକାନ୍ତ ବେହେରା, ହରେନ୍ଦ୍ର ଜେନା, ଶେଖ ମନସୁର, ଗେନି ସାହା, ନୀଳମାଧବ ପ୍ରଧାନଙ୍କ ଦୋକାନ ଘର ପୋଡ଼ିଥିବା ସମ୍ପର୍କରେ ପ୍ରଶାସନକୁ ବଜାରକମିଟି ଜଣାଇଛନ୍ତି।

# ମଙ୍ଗ ସିଂ ଓଡ଼ିଶା ଜନଜାତି କଂଗ୍ରେସର ସ୍ୱତନ୍ତ୍ର ରାଜ୍ୟ ପରାମର୍ଶଦାତା ପରିଷଦ ସଦସ୍ୟ

ବାଲେଶ୍ୱର,୨୪।୫(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ମାର୍ଗଦର୍ଶନ, ଓଡ଼ିଶା ପ୍ରଦେଶ ଜନଜାତି କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀଙ୍କ ଅନୁମୋଦନ କ୍ରମେ ଅଖିଳ ଭାରତୀୟ ଜନଜାତି କଂଗ୍ରେସର ଜାତୀୟ ଅଧ୍ୟକ୍ଷ ବିଧାୟକ ମଙ୍ଗ ସିଂଙ୍କୁ ଓଡ଼ିଶା ପ୍ରଦେଶ ଜନଜାତି କଂଗ୍ରେସର ସ୍ୱତନ୍ତ୍ର ରାଜ୍ୟ ପରାମର୍ଶଦାତା ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।



ଶ୍ରୀ ସିଂ ୨୦୧୧ ରୁ ୨୦୧୫ ପର୍ଯ୍ୟନ୍ତ ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତର ସରପଞ୍ଚ ଭାବେ ବହୁ ଉନ୍ନତି ମୂଳକ କାର୍ଯ୍ୟ ସମ୍ପାଦନା କରି ଲୋକଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କ ସରପଞ୍ଚ କାର୍ଯ୍ୟକାଳରେ ଆଦର୍ଶ ପଞ୍ଚାୟତ ଭାବେ ଗେଙ୍ଗୁଟି ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ବାଙ୍ଗରା ରେଳଷ୍ଟେସନ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ସଭାପତି ଭାବେ ବାଙ୍ଗରା ରେଳ ଷ୍ଟେସନ ନର୍ମାଣ ଓ ବାଙ୍ଗରା ରେଳ ଫାଟକ ଉପରେ ଏକ ଉଡ଼ନ୍ତା ପୋଲ ନିର୍ମାଣ ଦାବିରେ ୨୦୧୭ ମସିହାଠାରୁ ବାରମ୍ବାର ରେଳ ମନ୍ତ୍ରଣାଳୟ, ଖାଡ଼କପୁର ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ତାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଥିବାରୁ ଶ୍ରୀ ମଙ୍ଗ ସିଂ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୫୬ ୟୁନିଟ୍ ରକ୍ତ ସଂଗୃହୀତ

ବାଲେଶ୍ୱର,୨୪।୫(ସମିସ): ସ୍ୱର୍ଗତ ଶୁଭଙ୍କର ପିରିଙ୍କ ସ୍ମୃତି ଅବସରରେ



ଈଶ୍ୱର କୃପା ୱେଲଫେୟାର୍ ଟ୍ରଷ୍ଟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିଥି ଭାବେ ଓଡିଶା ସାମ୍ବାଦିକ ୟୁନିଅନ ସଭାପତି ଗଙ୍ଗାଧର ରାଉତ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସଲିମ ରାଜା, ସାମ୍ବାଦିକ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ଯୁବ ସଂଗଠକ ବିକାଶ ପାଢୀ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଟ୍ରଷ୍ଟି ସାମ୍ବାଦିକ ଲୋକନାଥ ପିରି, ସଭାପତି ସରୋଜ କୁମାର ସାହୁ, ସଂପାଦିକା ଅମିତା ପିରି, ସଦସ୍ୟ ଶକ୍ତି କୁମାର ଦାସ, ହରିଶ ମହାନ୍ତି, ମମତା ପାଲ, ସାମ୍ବାଦିକ ସୋମନାଥ ସାହୁ, ପ୍ରୀତିଲତା ପିରି, ମଞ୍ଜୁଲତା ଦାସ ପ୍ରମୁଖ କାର୍ଯ୍ୟକୁ ପରିଚାଳନା କରିଥିଲେ। ଜିଲ୍ଲା ରକ୍ତଭଣ୍ଡାରର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଓ ସମସ୍ତ କର୍ମଚାରୀ ଶିବିରରୁ ମୋଟ ୫୬ ୟୁନିଟ ରକ୍ତ ସଂଗ୍ରହ କରିଥିଲେ।

**ଅଡ଼ାରେ ନାରୀ ଅଧିକାର ଅଭିଯାନ ସମାବେଶ**

# ମୋହନ ସରକାର ମହିଳାଙ୍କୁ ପ୍ରତାରିତ କରିଛନ୍ତି



ଖଇରା,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ସିମୁଳିଆ ସୀମାନ୍ତ ବର୍ତ୍ତୀ ଅଡ଼ା କାଳିମଣ୍ଡପ ନିକଟରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଜେଡି ମହିଳା ସମାବେଶରେ ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ବକ୍ତବ୍ୟରେ ବିଜୁବାବୁଙ୍କ ସ୍ୱପ୍ନ ଗାଁକୁ କାମ ମାକୁ ସମ୍ମାନ ସ୍ଲୋଗାନକୁ କୁ ପାଥେୟ କରି ନବୀନ ବାବୁ ଆଉ ୨ପାଦ ଆଗକୁ ନେଇ ସେମାନଙ୍କ ପାଇଁ ପଞ୍ଚାୟତିରାଜ ଶାସନ ବ୍ୟାବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ମହିଳା ମାନଙ୍କୁ ପ୍ରଶିକ୍ଷଣ ପାଇଁ ଉଡ଼ାଜାହାଜରେ ଦୁବାଇ ପଠାଇଥିଲେ। ହେଲେ ବର୍ତ୍ତମାନର ମୋହନ ସରକାର ନିର୍ବାଚନ ବେଳର ସବୁ ପ୍ରତିଶୃତି ଭୁଲି ମହିଳାଙ୍କୁ କିଛି ଟଙ୍କା ଦେଇ ଛେଳି ଚରାଇବାକୁ ପ୍ରୋତ୍ସାହିତ କରୁଛନ୍ତି। ଏଣୁ ମୋହନ ସରକାର ଅମଳରେ ମହିଳାଙ୍କ ସମ୍ମାନ କ୍ଷୁର୍ଣ୍ଣ ହେବା ସହ ଓଡ଼ିଶାର ମହିଳା ପ୍ରତାରିତ ହୋଇଛନ୍ତି ବୋଲି ଉଲ୍ଲେଖ କରିଥିଲେ। ବିଜେଡି ବ୍ଲକ ମହିଳା ସଭାପତି ଜୟନ୍ତୀ ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାପତିଙ୍କ ବ୍ୟତୀତ ବିଜେଡି ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋର ବିଧାୟକ ମାଧବ ଧଡ଼ା, ନିଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ସଦର ବିଧାୟକ ସ୍ୱରୁପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ବସ୍ତା ବିଜେଡି ମୁଖ୍ୟ ମହାଦେବ ଦାସ ପ୍ରମୁଖ ଯୋଗଦେଇ ବିଜେପି ସରକାର ଅମଳରେ ପ୍ରତ୍ୟେକ ଦିନ ବିଚ ରାସ୍ତାରେ ମହିଳାଙ୍କୁ ନିର୍ଯାତନା ମିଳୁଛି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଗାମୀ ପଞ୍ଚାୟତ ନିର୍ବାଚନ ସେମାନଙ୍କୁ ଏହାର ଜବାବ ଦେବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ। ଉକ୍ତ ସଭାରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ଜିଲ୍ଲା ପରିଷଦ ସଦସ୍ୟା ସୁଷମା ମହାପାତ୍ର,ରଶ୍ମିତା ମହାପାତ୍ର ଓ ସାବିତ୍ରୀ ପାଢ଼ୀ, ଜୟନ୍ତୀ ପତି, ସିମୁଳିଆ ବ୍ଲକ ମହିଳା ସଭାପତି ସୌଦାମିନ ଜେନା, ମଧୁଛନ୍ଦା ମହାପାତ୍ର, ରେମୁଣା ବିଧାୟିକା ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଳିକ, ବିଷ୍ଣୁପ୍ରିୟା ବୁଗୁଡେଇ, ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଖଇରା ବ୍ଲକ୍ ବିଜେଡି ସଭାପତି ରାଜେନ୍ଦ୍ର ଦାସ ଓ ସିମୁଳିଆ ବ୍ଲକ ସଭାପତି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ। ପ୍ରଥମେ ମହିଳାଙ୍କର ବିଶାଳ ଶୋଭାଯାତ୍ରା ମେଡିକାଲ ନିକଟରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ମଞ୍ଚ ନିକଟକୁ ଆସିଥିଲା।

# ପଲ୍‌ସର୍‌ରେ ଆସି ଝାମ୍ପିନେଲେ ସୁନା ଚେନ

ସୋର,୨୪।୫(ସମିସ): କିଛି ଦିନର ବ୍ୟବଧାନ ପରେ ସୋରରେ ପୁଣି କଳା ପଲସର ଆତଙ୍କ ଦେଖିବାକୁ ମିଳିଛି। ଆଜି ସକାଳେ କଳା ପଲସରରେ ଦୁଇ ଜଣ ଦୁର୍ବୃତ୍ତ ଆସି ଘର ସାମ୍ନାରୁ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ସୋର ପୌର ପାଳିକା ଅନ୍ତର୍ଗତ ୨ ନମ୍ବର ୱାର୍ଡ କମରପୁର ଗ୍ରାମର ଗାୟତ୍ରୀ ପୁହାଣ ଆଜି ସକାଳେ ଘର ସାମ୍ନାରେ ଗଛରେ ପାଣି ଦେଉଥିଲେ। ଏହି ସମୟରେ ଦୁଇଜଣ ହେଲମେଟ ପିନ୍ଧା ଦୁର୍ବୃତ୍ତ ଏକ କଳାରଙ୍ଗର ପଲସରରେ ଆସି ତାଙ୍କ ବେକରେ ପିନ୍ଧିଥିବା ୧୪ ଗ୍ରାମର ସୁନାଚେନ ଟିକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ତେବେ ଏ ବାବଦରେ ଗାୟତ୍ରୀ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଯୁବମୋର୍ଚ୍ଚା ମଣ୍ଡଳ ପ୍ରବାସରେ ଫାଲଗୁନୀ ପାଣିଗ୍ରାହୀ ରାଜ୍ୟରେ ପ୍ରଥମ ଜିଲ୍ଲା ସଭାପତି



ଜଳେଶ୍ୱର,୨୪।୫(ସମିସ): ଯୁବମୋର୍ଚ୍ଚା ମଣ୍ଡଳ ପ୍ରବାସ କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ବାଲେଶ୍ୱର ଉତ୍ତର ସଭାପତି ଫାଲଗୁନୀ ପାଣିଗ୍ରାହୀ ରାଜ୍ୟରେ ପ୍ରଥମ ଜିଲ୍ଲା ସଭାପତି ଭାବେ ସମସ୍ତ ୧୯ଟି ମଣ୍ଡଳରେ ପ୍ରବାସ ସାରିଥିବାରୁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଶ୍ରୀ ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସମଗ୍ର ରାଜ୍ୟରେ ପ୍ରଥମ ଜିଲ୍ଲା ଯୁବମୋର୍ଚ୍ଚା ସଭାପତିଭାବେ ସମ୍ମାନିତ ହୋଇଥିବା ଶ୍ରୀ ପାଣିଗ୍ରାହୀ ନିଜ ପ୍ରତିକ୍ରିୟାରେ ଏହା କେବଳ ତାଙ୍କର ସଫଳତା ନୁହେଁ ବରଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ଏବଂ ଏହା ସମଗ୍ର ଉତ୍ତର ବାଲେଶ୍ୱର ଯୁବମୋର୍ଚ୍ଚାର ସମସ୍ତ ମଣ୍ଡଳ ସଭାପତି ଓ ଜିଲ୍ଲା କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠାପର ପ୍ରଚେଷ୍ଟା ଯୋଗୁଁ ହିଁ ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି।

# ସକାଳୁଆ ଅଫିସ୍; ୯ଟାରେ ଆସୁଛନ୍ତି ବାବୁ

ଜଳେଶ୍ୱର ବ୍ଲକ୍,୨୪।୫(ସମିସ): ସକାଳୁଆ ଅଫିସ୍‌କୁ ବାବୁମାନେ ଦିନ ୯ଟା ବେଳକୁ ଆସୁଛନ୍ତି। ଫଳରେ ଗ୍ରାମାଞ୍ଚଳରୁ କାର୍ଯ୍ୟପାଇଁ ଆସୁଥିବା ଜନସାଧାରଣ ଖରାରେ ଉହଳ ବିକଳ ହେଉଥିବା ଦେଖିବାକୁ




ମିଳୁଛି। ଜଳେଶ୍ୱର ବ୍ଲକ ସହିତ କେତେକ ସରକାରୀ କାର୍ଯ୍ୟାଳୟ ସକାଳ ୭ଟାରେ ଖୋଲା ଯାଉଥିବାବେଳେ ବିଭାଗୀୟ ଅଧିକାରୀମାନେ ସକାଳ ୯ଟାରେ କାର୍ଯ୍ୟାଳୟକୁ ଆସୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସକାଳୁଆ କାର୍ଯ୍ୟାଳୟ ଫାଙ୍କା ଫାଙ୍କା ଲାଗୁଥିବାବେଳେ ବିଳମ୍ବରେ ବାବୁମାନେ ଆସି ଯେନତେନ ପ୍ରକାରେ କାମ କରି ପଳାଉଛନ୍ତି। ଖରା ତଥା ଭୀଷଣ ଗରମ ପାଇଁ ରାଜ୍ୟ ସରକାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ବିନା ଖାଇବା ସମୟ ସହିତ କାର୍ଯ୍ୟପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଜଳେଶ୍ୱର ବ୍ଲକ କେତେକ ପ୍ରଶାସନିକ କାର୍ଯ୍ୟାଳୟର ବାବୁମାନେ ଏହାର ବ୍ୟତିକ୍ରମ କରୁଛନ୍ତି। ଦିନ ୧୦ଟା ବେଳକୁ ଭୀଷଣ ଖରା ଓ ଗୁଳୁଗୁଳି ହେଉଥିବାରୁ ବିଭାଗୀୟ ଅଧିକାରୀ ମାନଙ୍କର ଆସିବା ବିଳମ୍ବ ଦେଖି ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅଧିକାଂଶ କାର୍ଯ୍ୟାଳୟର ଭିତିରିଆ କାର୍ଯ୍ୟ ସନ୍ଧ୍ୟାରେ ହେଉଥିବାର ଦେଖିବାକୁ ମିଳୁଛି। ତେଣୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ଏ ବିଷୟରେ ଦୃଷ୍ଟି ଦେବାକୁ ଜନସାଧାରଣ ନିବେଦନ କରିଛନ୍ତି।

**ଜବରଦଖଲ ଉଚ୍ଛେଦରେ ପକ୍ଷପାତିତା ଅଭିଯୋଗ**

# ଷ୍ଟେସନ୍ ଛକରୁ ହଟୁଛି; ଅନ୍ୟ ସ୍ଥାନରୁ କେବେ

ବାଲେଶ୍ୱର,୨୪।୫(ସମିସ)



ସହରରେ ଓଟି ରୋଡ୍ ରାସ୍ତା ପ୍ରଶସ୍ତୀକରଣକୁ ଦୃଷ୍ଟିରେ ରଖି ଷ୍ଟେସନ ଛକରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ପଶ୍ଚିମ ପାଶ୍ୱର୍ରେ ଗତ ଡିସେମ୍ବର ମାସରେ ବଡ଼ ଧରଣର ଉଚ୍ଛେଦ ଆରମ୍ଭ ହୋଇଥିଲା। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ଏହି ଉଚ୍ଛେଦ କରିଥିଲା। ପରେ ସେଠାରେ ଡ୍ରେନ୍ ମଧ ନିର୍ମାଣ ଚାଲିଛି। ହେଲେ ଏବେ ପୁଣି ସେଠାରେ ବାକି ଥିବା ଆଉ ଭଗ୍ନ ଦୋକାନ ଘର ଉଚ୍ଛେଦ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଫଳରେ ଜୀବିକା ହରାଇଥିବା ପାଖାପାଖି ୨୫୦ ଦୋକାନୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଓଟି ରୋଡ୍‌ର ତାମୁଳିଆରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ବେଆଇନ୍ ଜବରଦଖଲ, ପକ୍ଷପାତିତାମୂଳକ ଉଚ୍ଛେଦ ଓ ଅନିୟମିତତା ସମ୍ପର୍କରେ ଅଭିଯୋଗ ଓ ତଦନ୍ତ ପାଇଁ ଦାବି କରିଛନ୍ତି ଷ୍ଟେସନ ଛକ ଉଚ୍ଛେଦ ହୋଇଥିବା ଦୋକାନୀ।

ଦୋକାନୀମାନଙ୍କ କହିବା ଅନୁସାରେ, ତାମୁଳିଆରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଓଟି ରୋଡ୍ ରାସ୍ତାର ୬-ଲେନ୍ ସମ୍ପ୍ରସାରଣ କ୍ଷେତ୍ରରେ ଅନିୟମିତତା ଓ ବେଆଇନ୍ କାର୍ଯ୍ୟ ଦେଖିବାକୁ ମିଳିଛି, ଯାହାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି କହିଛନ୍ତି। ୬-ଲେନ୍ ପୂର୍ବରୁ ଓ ପରେ ଟାଉନ୍ ପ୍ଲାନିଂର ଆରିୟାନ୍ ରୋଡ୍ ଉପରେ ଥିବା ସମସ୍ତ ବେଆଇନ୍ ଜବରଦଖଲ ଓ ନିର୍ମାଣକୁ ମ୍ୟାପ୍ ଅନୁଯାୟୀ ମାପି ଉଚ୍ଛେଦ କରାଯାଇନାହିଁ। ଘରୋଇ କୋଠା ରାସ୍ତା ଉପରକୁ ମାଡ଼ି ବସି ପ୍ରତିବନ୍ଧକ ସୃଷ୍ଟି କରିଛି। ଷ୍ଟେସନ୍ ଛକରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଡିଭାଇଡରରୁ ଉଭୟ ପାଶ୍ୱର୍କୁ ୧୮ ମିଟର ରାସ୍ତା ସମ୍ପ୍ରସାରଣ କରାଯାଇଥିଲେ ମଧ, ରାସ୍ତା ଉପରେ ଥିବା ଟାଉନ୍ ପ୍ଲାନିଂ କୋଠାକୁ ଭଙ୍ଗାଯାଇନାହିଁ, କିନ୍ତୁ ସାଧାରଣ ଲୋକଙ୍କ ଘର ଦୋକାନ ଭଙ୍ଗାଯାଇଛି। କେଉଁ ବିଜ୍ଞପ୍ତି ବା ଅନୁମତି ଅନୁଯାୟୀ ଡିଭାଇଡରରୁ ୧୮ ମିଟର ନିର୍ଣ୍ଣୟ କରାଯାଇ କେବଳ ପଶ୍ଚିମ ପାଶ୍ୱର୍ର ମାର୍କେଟ୍ କମ୍ପ୍ଲେକ୍ସକୁ ଭଙ୍ଗାଗଲା, ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭଙ୍ଗାଯିବା ପୂର୍ବରୁ ଦୋକାନୀମାନଙ୍କୁ ଥଇଥାନ କରାଯାଇନାହିଁ, ରାସ୍ତାର ୧୮ ମିଟର ପରେ ଥିବା ବଳକା ଦୋକାନଗୁଡ଼ିକୁ ଭାଙ୍ଗିବା ପାଇଁ ସରକାର ପ୍ରଶାସନକୁ ଅନୁମତି ଦେଇଛନ୍ତି କି ନାହିଁ ପ୍ରଶ୍ନ ଉଠାଇଛନ୍ତି। ଉପରୋକ୍ତ ବିଷୟଗୁଡ଼ିକର ଉଚ୍ଚସ୍ତରୀୟ ନ୍ୟାୟିକ ତଥା ଭିଜିଲାନ୍ସ ତଦନ୍ତ କରାଇ ସମ୍ପୂର୍ଣ୍ଣ ଓଟି ରୋଡ୍ ଓ ନୟନ ଯୋଡିର ରେଭିନ୍ୟୁ ମ୍ୟାପ୍ ଅନୁଯାୟୀ ପୁନଃ ମାପଚୁପ ଓ ସୀମା ନିର୍ଦ୍ଧାରଣ, ରାସ୍ତା ଉପରେ ଥିବା ସମସ୍ତ ବେଆଇନ୍ ଜବରଦଖଲ ଓ ନିର୍ମାଣକୁ ବିନା ପକ୍ଷପାତରେ ଉଚ୍ଛେଦ, ୬-ଲେନ୍ ନିର୍ମାଣର ନକ୍ସା, ଖର୍ଚ୍ଚ, ବିଜ୍ଞପ୍ତି ଓ ଗାଇଡଲାଇନ୍ ସାର୍ବଜନୀନ, ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟଙ୍କ ଆଦେଶ ଅନୁଯାୟୀ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ପ୍ରଦାନ କରାଯାଉ ବୋଲି ଦୋକାନୀମାନେ ଦାବି କରିଛନ୍ତି। ପ୍ରକାଶ ଥାଉ କି, ସହରର ପୁଲିସ ଲାଇନ ଛକ, ଆଇଟିଆଇ ଛକରେ ଉଚ୍ଛେଦ ନେଇ ଓଟି ରୋଡ୍‌ର ସମ୍ପ୍ରସାରଣ କାମ ଅଟକି ରହିଛି। ବିଶେଷକରି ରାସ୍ତା ତଥା ଡ୍ରେନ୍ ଉପରେ ଥିବା ସଂଖ୍ୟାଧିକ ଜବରଦଖଲକାରୀଙ୍କ ପାଇଁ କାମ ଆଗେଇ ପାରୁନାହିଁ। ଫଳରେ ଉଚ୍ଛେଦ କ୍ଷେତ୍ରରେ ପାତରଅନ୍ତର ହେଉଥିବା ନେଇ ଅଭିଯୋଗ ହେଉଛି। ଷ୍ଟେସନ ଛକ ଦୋକାନୀ ଉଚ୍ଛେଦ ପରେ ଅନ୍ୟ ଜବରଦଖଲ କେବେ ହଟିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- ଓଟି ରୋଡ୍ ୬-ଲେନ୍ ସମ୍ପ୍ରସାରଣ କ୍ଷେତ୍ରରେ ଅନିୟମିତତା ଅଭିଯୋଗ
- ଥଇଥାନ କରି ଆମକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ: ଷ୍ଟେସନ ଛକ ଦୋକାନୀ

## ଦୋକାନୀଙ୍କୁ ଥଇଥାନ ପାଇଁ ଜାଗା ଚିହ୍ନଟ ଚାଲିଛି: ଜିଲ୍ଲାପାଳ

ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଷ୍ଟେସନ ଛକରେ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଘୋଷଣା କରାଯାଇଛି। ତେବେ ସେଠାରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀଙ୍କ ଥଇଥାନ ପାଇଁ ଜାଗା ଚିହ୍ନଟ ଚାଲିଛି। ସେମାନଙ୍କୁ ଜାଗା ଦେବା ପାଇଁ ସଦର ତହସିଲଦାର ଜାଗା ଚିହ୍ନଟ କରୁଛନ୍ତି। ଉଚ୍ଛେଦ ହୋଇଥିବା ଜାଗାରେ ଡ୍ରେନ୍ ନିର୍ମାଣ ଚାଲିଛି। ବାକି ଯାହା ଭଗ୍ନାବଶେଷ ରହିଛି ସେସବୁ ଉଚ୍ଛେଦ ହେବ। ଡ୍ରେନ୍ ଉପରେ ଯେମିତି କିଛି ସମସ୍ୟା ନହୁଏ ସେନେଇ ଆର୍ ଆଣ୍ଡ ବି ଦେଖୁଛି। ଯେହେତୁ କୋର୍ଟ କେସ୍ କ୍ଲିୟର ନଥିଲା ସେଥିପାଇଁ କିଛି କିଛି ଦୋକାନ ଭଙ୍ଗାଯାଇ ନଥିଲା। ଦେବ କେସ୍ କ୍ଲିୟର ହୋଇଛି ଆମେ ସମ୍ପୁର୍ଣ୍ଣ ଉଚ୍ଛେଦ ପାଇଁ ଚେଷ୍ଟା କରୁଛୁ। ବାକି ରହିଲା ଟାଉନ ପ୍ଲାନିଂ ପଟ ଲିଜ୍ ଜାଗା। ସରକାରଙ୍କ ଲିଜ୍ ଅଛି। ଆର୍ ଆଣ୍ଡ ବି ତରଫରୁ ବ୍ରିଟ୍‌କୁ ଲିଜ୍ ଦିଆଯାଇଛି। ତେଣୁ ସେଠାରେ ଏବେ ଉଚ୍ଛେଦ ହେବ ନାହିଁ। ଷ୍ଟେସନ ଛକର ଆର ପାଖ ଯେଉଁଟା ଥିଲା ତାହା ଜବରଦଖଲ। ସେଥିପାଇଁ ସେ ସବୁ ଉଚ୍ଛେଦ ହେଉଛି।

# ବାଙ୍ଗରା ରେଳଷ୍ଟେସନ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ



ବାଲେଶ୍ୱର,୨୪।୫(ସମିସ): ସଦର ବ୍ଲକ୍ ଅନ୍ତର୍ଗତ ଖାନନଗର ପଞ୍ଚାୟତ ବାଙ୍ଗରା ରେଳୱେ ଫାଟକ ନିକଟରେ ରେଳୱେ ଷ୍ଟେସନ ଏବଂ ଉଡନ୍ତା ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ସେହି ଫାଟକ ଦେଇ ବିଭିନ୍ନ ପଞ୍ଚାୟତ ଯଥା ଖାନନଗର, ଗେଙ୍ଗୁଟି, ଶାସଙ୍ଗ, କୁରୁଡା, କସବା, ରସାଲପୁର, ପଦ୍ମପୁର ଆଦି ଅଞ୍ଚଳର ଲୋକ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଅବସ୍ଥିତ ଏବିଏ କଲେଜ, ନୀଳକଣ୍ଠେଶ୍ୱର କଲେଜ, ମର୍ତ୍ତଣ୍ଡ ଇଞ୍ଜିନିୟରିଂ କଲେଜରେ ପାଠ ପଢ଼ୁଥିବା ଛାତ୍ରଛାତ୍ରୀ ଯିବାଆସିବାରେ ଅସୁବିଧା ଭୋଗୁଛନ୍ତି। ରେଳୱେ ଫାଟକ ପଡିବା ଯୋଗୁଁ ରାତି ଅଧରେ ଆମ୍ବୁଲାନ୍ସରେ ରୋଗୀ ସେବା ବାଧାପ୍ରାପ୍ତ ହେବା ଭଳି ଯାବତୀୟ ଅସୁବିଧା ପାଇଁ ଏବିଷୟରେ ରେଳୱେ ଡିଆର୍‌ଏମ୍, ଖଡ଼ଗପୁର, ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ ବି କୈଣସି ସୁଫଳ ମିଳିନାହିଁ। ଚଳିତବର୍ଷ ଏପ୍ରିଲ ୨୭ରେ ଦକ୍ଷିଣ ପୂର୍ବ ରେଳବାଇ ଡିଆରଏମ୍‌ଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳୱେ ଷ୍ଟେସନ ଏବଂ ଉଡ଼ନ୍ତା ପୋଲ ନିର୍ମାଣ ଲାଗି ଦାବିପତ୍ର ପ୍ରଦାନ କରାଯାଇଥିଲେ ବି ବହୁ ଦିନର ଦାବି ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ। ସେଥିପାଇଁ ଆଜି ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଦାବିପତ୍ର ରେମୁଣା ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ବାଲେଶ୍?ର ସ୍ଥିତ ନିଜ ବାସଭବନରେ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟିର ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ଉପସଭାପତି ଗୋପାଳ କୃଷ୍ଣ ବେହେରା, ସାଧାରଣ ସମ୍ପାଦକ ନିରଞ୍ଜନ ଦାସ, କୋଷାଧକ୍ଷ ସୁଶାନ୍ତ କୁମାର ନାୟକ, ସନ୍ନ୍ୟାସୀ ମହାନ୍ତି, ସୁଧାକର ରାଉତ, ଦୀପକ କୁମାର ନାୟକ, ଦୀପକ ନାୟକ, ବିଜୟ କୁମାର ଦାସ, ଦୁର୍ଯ୍ୟୋଧନ ମହାନ୍ତି, ଶିଶିର କୁମାର ଆଚାର୍ଯ୍ୟ, ଶୁଭ୍ରାଂଶୁ ରାଉତ, ବିଧାନ ଚନ୍ଦ୍ର ଜେନା, ମଙ୍ଗ ସିଂ, ସୁଦର୍ଶନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ପ୍ରତିବାଦ

**ଯାଜପୁର, ୨୪।୫(ସମିସ):** ତାମିଲନାଡୁ ଡିଏମ୍‌କେ ଦଳର ନେତା ଉଦୟନିଧି ଷ୍ଟାଲିନଙ୍କ ହିନ୍ଦୁ ବିରୋଧି ମନ୍ତବ୍ୟକୁ ନେଇ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା ସଂଗଠନ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ଷ୍ଟାଲିନ ବିଧାନସଭାରେ ସନାତନ ଧର୍ମ ବିରୋଧୀ ମନ୍ତବ୍ୟ ଦେଇ ସନାତନ ଧର୍ମର ଅପମାନ କରିଛନ୍ତି ବୋଲି ହିନ୍ଦୁ ପରିଷଦ ଅଭିଯୋଗ କରିଛି। ବିଗତ ଦିନରେ ଏହି ବିଧର୍ମୀ ପୂର୍ବରୁ ମଧ ସନାତନ ଧର୍ମ ପ୍ରତି ଅପମାନ ଜନକ ମନ୍ତବ୍ୟ ରଖିସାରିଛନ୍ତି। ପୂର୍ବରୁ ମଧ ସେ ଏବଂ ତାଙ୍କ ବାପା କହିଥିଲେ ସନାତନ ଧର୍ମ ଏବଂ ହିନ୍ଦୁତ୍ୱ ଡେଙ୍ଗୁ ରୋଗ ଏବଂ ଏଡସ୍ ରୋଗର ଭାଇରସ୍। ଏଭଳି ବିର୍ଧମୀ ନେତାମାନଙ୍କ ସ୍ଥାନ ବିଧାନସଭା ଗୃହରେ ନୁହଁ ବରଂ ଜେଲର ଚାରିକାନ୍ଥ ଭିତରେ ହେବା ଆବଶ୍ୟକ। ଏହି ବିର୍ଧମୀ ନେତାଙ୍କ ମନ୍ତବ୍ୟକୁ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା ସଂଗଠନ ତୀବ୍ର ବିରୋଧ କରିବା ସହ ପ୍ରତ୍ୟେକ ଜିଲ୍ଲାରେ ଭାରାପ୍ରାପ୍ତ ଥାନା ଅଧିକାରୀଙ୍କ ମାଧମରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛି। ଷ୍ଟାଲିନଙ୍କ ଉପରେ ଦୃଢରୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ମାମଲା

# ସମ୍ପତ୍ତି ପାଇଁ ବଡ଼ଭାଇ ସାଜିଲା ହତ୍ୟାକାରୀ

**ପାଣିକୋଇଲି, ୨୪।୫(ସମିସ)**

ସମ୍ପତ୍ତି ପାଇଁ ବଡ଼ଭାଇ ସାଜିଲା ହତ୍ୟାକାରୀ। ସାପବାପା ଓ ତାଙ୍କ ପୁଅ ପ୍ରରୋଚନାରେ ହତ୍ୟାକଲା ସାନଭାଇକୁ। ଆଉ କଥା ଲୁଗାଇବାକୁ ମାରି ଟାଙ୍ଗିଦେଲା ଗଛରେ। ମାଆର ଅଭିଯୋଗ ପରେ ଦୁଇ ଅଭିଯୁକ୍ତ ଭାଇଙ୍କୁ ଗିରଫ କରି ଜେଲ୍ ପଠାଇଛି ପୁଲିସ୍। ଏମିତି ଘଟଣା ଘଟିଛି ପାଣିକୋଇଲି ଅଞ୍ଚଳରେ।

ଗତ ୨୦ ତାରିଖ ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତ ନୂଆପାଟଣା ଗ୍ରାମର ଏକ ଆମ୍ବଗଛରୁ ପ୍ରଦୀପ ସାହୁ (୩୨) ନାମକ ଜଣେ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏହା ଆତ୍ମହତ୍ୟା କି ହତ୍ୟା ପ୍ରଥମେ ତାହା ସ୍ପଷ୍ଟ ହୋଇନଥିଲା। କିନ୍ତୁ ମାଆର ଅଭିଯୋଗ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ୍ ସନ୍ଦେହ କରିଥିଲା। ପ୍ରଦୀପର ବଡ଼ଭାଇ ବସନ୍ତ ସାହୁ ସାନଭାଇକୁ ହତ୍ୟା କରିଛି ବୋଲି ମାଆ ଶ୍ରୀମତୀ ସାହୁ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ



ମାମଲା ୧୮୯/୨୬ ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରାଯାଇଥିଲା।

ନୂଆପାଟଣା ଗ୍ରାମର ବାଉରୀବନ୍ଧୁ ସାହୁଙ୍କ ସ୍ତ୍ରୀ ଶ୍ରୀମତୀ ସାହୁଙ୍କ ଅଭିଯୋଗ ମୁତାବକ ତାଙ୍କ ବଡ଼ପୁଅ ବସନ୍ତ କୁମାର ସାହୁ, ତାଙ୍କ ଦିଅର ବାଇଧର ସାହୁ ଓ ତାଙ୍କ ପୁଅ ହେମନ୍ତ ସାହୁଙ୍କ ପ୍ରରୋଚନାରେ ପଡ଼ି ବାପା ବାଉରୀଙ୍କ ନାମରେ ଥିବା ଜମିକୁ ଜାଲିଆତି କରି ନିଜ ନାମକୁ ଆଣି ତିନି ମାସ ତଳେ ଅନ୍ୟତ୍ର ବିକ୍ରି କରିଦେଇଛି। ଏହା ଜାଣି ବାଉରୀ ପଚାରିବାରୁ ବସନ୍ତ ଅଶ୍ଳୀଳ ଭାଷାରେ ବାପାଙ୍କୁ ଗାଳିଗୁଲଜ କରି ଘରେ ତାଲା ପକାଇ ତାଙ୍କୁ ଘରୁ ବାହାର କରିଦେଇଥିଲା। ସାନପୁଅ ପ୍ରଦୀପ ଏହାର ପ୍ରତିବାଦ କରିବାରୁ ତାକୁ ୨ମାସ ମଧ୍ୟରେ ମାରିଦେବାକୁ ଧମକ ଦେଇଥିଲା। ଏପରିସ୍ଥଳେ ୨୦ ତାରିଖ ସକାଳୁ ବାଡ଼ି ପଛ ଏକ ଆମ୍ବଗଛରେ ସାନପୁଅ ପ୍ରଦୀପର ମୃତଦେହ ଝୁଲନ୍ତା ଭାବେ ଉଦ୍ଧାର ପରେ ଏହା ବସନ୍ତ ଦ୍ୱାରା କରାଯାଇଥିବା ମାଆ ଅଭିଯୋଗ କରିଥିଲେ। ପ୍ରଦୀପର ମୃତ୍ୟୁ ବସନ୍ତ, ହେମନ୍ତ ଦ୍ୱାରା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ପରେ ପୁଲିସ ବସନ୍ତ ଓ ହେମନ୍ତଙ୍କୁ ଧରି ଆଣି ଜେରା କରିଥିଲା। ତଦନ୍ତ ପରେ ବସନ୍ତକୁ ଅଦାଲତ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବ ସମାଜସେବୀଙ୍କ ମୃତ୍ୟୁ



**ଜେନାପୁର, ୨୪।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ଜେନାପୁର ଗ୍ରାମର ଶଙ୍କର୍ଷଣ ଦଳାଇଙ୍କ ସାନ ପୁଅ ଯୁବ ସମାଜସେବୀ କୁନାଲ ଦଳାଇ (୨୧, କାଳିଆ)ଙ୍କ ମୃତ୍ୟୁ ହୋଇଯାଇଛି। ଗତକାଲି ଅପରାହ୍ନରେ ଭଉଣୀକୁ ଛାଡି ଗାଡିରେ ଫେରୁଥିବା ସମୟରେ କବାଟବନ୍ଧ ଆଡୁ ଆସୁଥିବା ଅଜଣା ଗାଡି ସହିତ ପନ୍ତୁରୀ ନିକଟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆଜି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଳିଆ ସ୍ୱର୍ଣ୍ଣପ୍ରଭା ସେବା ସଙ୍ଗଠନର ଜଣେ ସକ୍ରିୟ ସଦସ୍ୟ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଲାଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ୱର୍ଣ୍ଣପ୍ରଭା ସେବା ସଙ୍ଗଠନ ସଦସ୍ୟ ନାଏବ ସରପଞ୍ଚ ରଞ୍ଜିତ ବରାଳ, ସମାଜସେବୀ ରାକେଶ ନାୟକ ଓ ଗ୍ରାମବାସୀ ଶେଷ ଦର୍ଶନ କରିଛନ୍ତି। ମୃତ ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ବ୍ରାହ୍ମଣୀ କୂଳ ମଶାଣିରେ ସମାଧି ଦିଆଯାଇଥିଲା।

## ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

**ଧର୍ମଶାଳା, ୨୪।୫(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡ଼ିଆ ପଞ୍ଚାୟତ ପାଇକରାପୁର ଛକ ନିକଟରେ ଆଜି ଅପରାହ୍ନରେ ବାଇକ୍ ଯୋଗେ କାମରୁ ଫେରୁଥିବା ୩ ଶ୍ରମିକଙ୍କୁ ଏକ ଗାଡ଼ି ଧକ୍କା ଦେବା ଫଳରେ ଜଣଙ୍କର ମୃତ ହୋଇଥିବା ବେଳେ ଅନ୍ୟ ଦୁଇ ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଆଜି ଅପରାହ୍ନ ୨.୩୦ମିନିଟ ସମୟରେ କଣ୍ଟିଗଡ଼ିଆ ଗ୍ରାମର ମଣିଆ ଦଳେଇ (୩୨), ବିଶି ଦଳେଇ (୨୦) ଓ ମକରା ଦଳେଇ (୨୦) ବାଇକ ଯୋଗେ ପିପ୍ପଳିଡିହ ଗ୍ରାମରୁ କାମ ସାରି ବାଇକ୍ ଯୋଗେ ନିଜ ଗ୍ରାମ କଣ୍ଟିଗଡ଼ିଆକୁ ଫେରୁଥିବା ସମୟରେ ପାଇକରାପୁର ଛକ ନିକଟରେ ବିପରୀତ ଦିଗରୁ ଯାଉଥିବା ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ୩ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇ ରାସ୍ତା ଉପରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ସେଠାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ମଣିଆ ଦଳେଇଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଦୁଇ ଗୁରୁତରଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ପାଣିକୋଇଲି, ୨୪।୫(ସମିସ):** ପାଣିକୋଇଲି ପୁଲିସ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଗତ ମେ' ୯ ତାରିଖ ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ଅନ୍ତର୍ଗତ ବଗିରିଆ ଗ୍ରାମର ରଘୁନାଥ ଧଳଙ୍କ ଅଭିଯୋଗ ମୁତାବକ ସେ ତାଙ୍କ କାର୍ଯ୍ୟକ୍ଷେତ୍ରରୁ ଶାଳବା ହରିଜନ ସାହିରୁ ଫେରୁଥିବା ବେଳେ ଶାଳବା ଗ୍ରାମର କୈଳାସ ଭୂତିଆଙ୍କୁ ତାଙ୍କ ବକେୟା ପଇସା ମାଗିଥିଲେ। ସେହି ସମୟରେ କୈଳାସ ଏକ ଲୁହା ରଡ଼ରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥି ସହିତ ପ୍ରଭାତ ଭୂତିଆ ଏକ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିବା ସହ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ସେହି ସମୟରେ ନିକଟସ୍ଥ କ୍ଷୀରୋ ଗ୍ରାମର ନିରଞ୍ଜନ ନାୟକ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୧୬୨/୨୬ ରୁଜୁ କରାଯାଇଥିଲା। ଆଜି ତଦନ୍ତାଧିକାରୀ ଏସ୍ଆଇ ବିଶ୍ୱରଞ୍ଜନ ଦାସ ବିଶେଷ ସୂତ୍ରରୁ ଖବର ପାଇ ଶାଳବାରେ ପ୍ରଭାତ ଭୂତିଆ ଥିବା ଖବର ପାଇ ଚଢ଼ଉ କରି ତାକୁ ଗିରଫ କରିଥିଲେ। ତାଙ୍କୁ ଡାକ୍ତରୀ ପରୀକ୍ଷା କରାଯିବା ସହ ଆଜି ଅଦାଲତ ଚାଲାଣ କରାଯାଇଥିବା ଶ୍ରୀଦାସ ପ୍ରକାଶ କରିଛନ୍ତି।

## ମୋବାଇଲକୁ କେନ୍ଦ୍ର କରି ଛୁରାମାଡ଼, ଜଣେ ଗୁରୁତର

**ପାଣିକୋଇଲି, ୨୪।୫(ସମିସ):** ଗୋଟିଏ ଦୋକାନର ଦୁଇ କର୍ମଚାରଙ୍କ ମଧ୍ୟରେ ମୋବାଇଲକୁ ନେଇ ବଚସାରୁ ଛୁରାମାଡ଼ ହୋଇଛି। ଆହତକୁ କଟକ ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅଭିଯୁକ୍ତକୁ କୋରେଇ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ ପମ୍ପ ଠାରୁ ଦାମୋଦରପୁର ରାସ୍ତାରେ ସେକ୍ ମତଲୁବ ଅଲ୍ଲୀ ଏକ ପାର୍ଟ୍ସ ଦୋକାନ କରିଛନ୍ତି। ତାଙ୍କ ଦୋକାନରେ ୪ଜଣ କର୍ମଚାରୀ ଅଛନ୍ତି। ଶନିବାର ରାତିରେ ଶୋଇବା ବେଳେ ଦେକାନର ଦୁଇ କର୍ମଚାରୀ କାବୁଲି ବାରିକ ଓ ଶୁଭମ ମହନ୍ତଙ୍କ ମଧ୍ୟରେ ମୋବଇଲ ଚଳାଇବାକୁ ନେଇ ବଚସା ହୋଇଥିଲା। ଆଜି ସକାଳୁ ଶୁଭମ ମହନ୍ତ ଉତକ୍ଷିପ୍ତ ହୋଇ କାବୁଲିକୁ ଏକ ଧାରୁଆ ଛୁରିରେ ପଛପଟ ବେକ ତଳକୁ ଆଘାତ କରିଥିଲେ। ଫଳରେ ଛୁରିଟି ସମ୍ପୂର୍ଣ୍ଣ ପିଠି ମଧ୍ୟରେ ପସି ଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳେ ପହଞ୍ଚି ଶୁଭମକୁ ଧରି ଥାନାକୁ ଆଣିବା ସହିତ କାବୁଲାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ତାର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ ଶୁଭମ ଥାନାରେ ପାଗଳାମୀ ବ୍ୟବହାର କରିବାରୁ ତାକୁ କୋରେଇ ମେଡିକାଲାକୁ ପଠାଯାଇଛି। ପୁଲିସ ଉପସ୍ଥିତିରେ ତାର ଚିକିତ୍ସା ଚାଲିଛି।

## କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ମଙ୍ଗଳପୁର, ୨୪।୫(ସମିସ):** ମଙ୍ଗଳପୁର ବଜରାପାଟ ଗ୍ରାମର ନିରଞ୍ଜନ ନାଥ ଏବଂ ବିଜୟଲକ୍ଷ୍ମୀ ନାଥଙ୍କ ଝିଅ ମନୀଷା ନାଥ ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୫ ପ୍ରତିଶତ ମାର୍କ ରଖି ସଫଳତା ହାସଲ କରିଛନ୍ତି। କନିକାପଡ଼ା ସ୍ଥିତ ଏସ୍‌ଜି କଲେଜରେ ପାଠ ପଢ଼ିଥିବା ମନୀଷା ଏହି କଲେଜ ଇତିହାସରେ ବିଜ୍ଞାନ ବିଭାଗରେ ରେକର୍ଡ ସୃଷ୍ଟି କରି ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ କୋଚିଂ ସେଣ୍ଟର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ନ୍ୟୁକ୍ଲିୟସ କୋଚିଂ ସେଣ୍ଟରର ସମ୍ପାଦକ ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟିଙ୍କ ପୌରୋହିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟ୍ରାଇଡେଣ୍ଟ କଲେଜର ପ୍ରଫେସର ସିଦ୍ଧାର୍ଥ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସ୍ମିତାରାଣୀ ଭଞ୍ଜ, ସାମ୍ବାଦିକ ଜୟପ୍ରକାଶ ନାୟକ, ମହେଶ୍ୱର ଯେନା, ସୁଶାନ୍ତ ବେହୁରିଆ, ଚନ୍ଦ୍ରଶେଖର ସାହୁ, ସୀତାଂଶୁ ଶେଖର ଜେନା, ରାକେଶ କୁମାର ସାହୁ ଯୋଗଦେଇ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହ ଏହି କୋଚିଂ ସେଣ୍ଟରରୁ ୨୯ ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ୮ ଜଣ କୃତୀ ଛାତ୍ରଛାତ୍ରୀ ଆଶିଷ ମିଶ୍ର, ଅରମାନ ଘଡ଼େଇ, ମୀର ରେହଁ, ଶାଶ୍ୱତୀ ସାହୁ, ଦିପ୍ତିମୟୀ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ଶୁଭଶ୍ରୀ ସେଠୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍କୁଲ ଟପ୍ପର ପ୍ରିୟଦର୍ଶନୀଙ୍କୁ ସମ୍ବର୍ଦ୍ଧନା



**କୁନ୍ଦଳ, ୨୪।୫(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁର ପଟଣା-ବାଲିଚନ୍ଦ୍ରପୁର ଗ୍ରାମର ହେମନ୍ତ କୁମାର ସାହୁ ଓ ତୁଳସୀ ସାହୁଙ୍କ ଝିଅ ପ୍ରିୟଦର୍ଶନୀ ସାହୁ +୨ ବିଜ୍ଞାନରେ ସ୍କୁଲ ଟପ୍ପର ହୋଇ ବାଲିଚନ୍ଦ୍ରପୁର ତଥା ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ +୨ ବିଜ୍ଞାନରେ ୯୪.୫ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ପ୍ରିୟଦର୍ଶନୀଙ୍କ ନାନପୁର ପଟଣାସ୍ଥିତ ବାସଭବନରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାପ୍ରେମୀ ଓ ବୃଦ୍ଧିଜୀବୀ ମାନେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି।

## ଯୁକ୍ତ ଦୁଇ ବିଜ୍ଞାନ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ବରୀ, ୨୪।୫(ସମିସ):** ବରୀ ବ୍ଲକ ଅର୍ନ୍ତଗତ ଧାରପୁର ଗ୍ରାମର ଶୁଭେନ୍ଦୁ ପତି ମାଧ୍ୟମିକ ଶିକ୍ଷାପରିଷଦ ବାର୍ଷିକ ପରୀକ୍ଷାର ବିଜ୍ଞାନ ବିଭାଗରେ ୫୮୨ ନମ୍ବର (୯୭ ପ୍ରତିଶତ) ରଖି ବରୀ ବ୍ଲକର ଟପ୍ପର ହୋଇଛନ୍ତି। ପିତା କମଳାକାନ୍ତ ପତି ଓ ମାତା ରଶ୍ମିତା ପତିଙ୍କ ପୁତ୍ର



ଶୁଭେନ୍ଦୁ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ବିଜ୍ଞାନ ବିଭାଗରେ ଇଂରାଜୀରେ ୯୮, ଓଡ଼ିଆରେ ୧୦୦, ଫିଜିକରେ ୯୫, କେମେଷ୍ଟ୍ରିରେ ୧୦୦, ଗଣିତରେ ୯୬ ଓ ବାୟୋଲୋଜିରେ ୯୪ ନମ୍ବର ରଖିଛନ୍ତି। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ତଥା ସାମାଜିକ କର୍ମୀ ଅଶୋକ କୁମାର ସାମଲ ଶୁଭେନ୍ଦୁଙ୍କ ବାସଭବନର ପହଞ୍ଚି ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିବା ସହିତ ସମ୍ବର୍ଦ୍ଧିତ କରି ।ର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଶୁଭେନ୍ଦୁ ଭବିଷ୍ୟତରେ ଡାକ୍ତର ହେବେ ବୋଲି ମତ ରଖିଛନ୍ତି।

## ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

**ବିଞ୍ଝାରପୁର, ୨୪।୫(ସମିସ):** ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ରୁଦ୍ରପୁର ଗ୍ରାମର ଦିପ୍ତିରଞ୍ଜନ ଦାଶ ଓ ସୀମାରାଣୀ ଦାଶଙ୍କ ଝିଅ ଶୁଭଶ୍ରୀ ଦାଶ ୯୭ ପ୍ରତିଶତ (୫୯୩) ନମ୍ବର ରଖି ବିଞ୍ଝାରପୁର ବ୍ଲକ ସହ ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଶୁଭଶ୍ରୀର ଏହି ସଫଳତା ପାଇବା ପ୍ରକାଶ ହେବା ପରେ



ବିଧାୟିକା ପ୍ରମିଳା ମଲ୍ଲିକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବିଇଓ ସତ୍ୟବ୍ରତ ମିଶ୍ର, ସାମାଜିକ କର୍ମୀ ପଦ୍ମାକର ଗୁରୁ, ଜିଲ୍ଲା ପରିଷଦ ସଭ୍ୟା ସୁନିତା ନାୟକ, ଯୁବ ବିଜେଡି ସଭାପତି ଦିଲ୍ଲିପ ରାଉଳ, ଜ୍ୟୋତିପ୍ରକାଶ ନାୟକ, ସ୍ଥାନୀୟ ସରପଞ୍ଚ ସୁଶ୍ରୀସଙ୍ଗିତା ନାୟକ, ଶ୍ୟାମସୁନ୍ଦର ବେହେରା, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ଦାସ, ଅତୁଲ ଦାଶ, ମୁକ୍ତିକାନ୍ତ ସାମଲ ପ୍ରମୁଖ ଶୁଭଶ୍ରୀଙ୍କୁ ଭେଟି ସମ୍ମାନିତ କରିଛନ୍ତି। ଶୁଭଶ୍ରୀ ଭବିଷ୍ୟତରେ ଜଣେ ସଫଳ ଡାକ୍ତର ରଖିଛନ୍ତି। ଶୁଭଶ୍ରୀ ଟାଙ୍ଗୀସ୍ଥିତ ଏକ ଘରୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିଲେ।

## ମୃତ ଶ୍ରମିକଙ୍କ ପରିବାରକୁ ମିଳିବ କ୍ଷତିପୂରଣ

**ଦାନଗଦି, ୨୪।୫(ସମିସ):** ଏକ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକ ଉମାଶଙ୍କର ପାତ୍ରଙ୍କ ଶନିବାର ଆକସ୍ମିକ ଭାବେ ମୃତ୍ୟୁ ଘଟିଥିଲା। ସେ କାରଖାନା ଅଧୀନରେ ନିୟୋଜିତ ଠିକା ସଂସ୍ଥା ମେସର୍ସ ଉତ୍କଳ ପ୍ରୋଜେକ୍ଟସ୍ ଲିମିଟେଡ୍‌ରେ ଶ୍ରମିକ ଭାବେ କାମ କରୁଥିଲେ। ମୃତ ଶ୍ରମିକଙ୍କ ପରିବାରକୁ ଜିନ୍ଦଲ ଷ୍ଟେନଲେସ୍ ଓ ଠିକା ସଂସ୍ଥା ପକ୍ଷରୁ ମୋଟ ୧୮ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୃତ ଶ୍ରମିକଙ୍କ ପରିବାରରୁ ଜଣକୁ କାରଖାନାରେ ଠିକା ସଂସ୍ଥା ଅଧୀନରେ ନିଯୁକ୍ତି ଦିଆଯିବ। ଏହା ସହିତ ଇଡିଏଲ୍ଆଇ



ଇନ୍ସୁରାନ୍ସ ବାବଦରେ ମୃତକଙ୍କ ପରିବାରକୁ ଅନ୍ୟୁନ ୫ ଲକ୍ଷ ଟଙ୍କା ମିଳିବ ବୋଲି କାରଖାନା ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ଗତକାଲି ରାତିରେ ଟାଟା ମେଡିକା ପରିସରରେ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସୁପ୍ରସନ୍ନ ମଲ୍ଲିକ, ଯଖପୁରା ଓ କଳିଙ୍ଗନଗର ଆଇଆଇସିଙ୍କ ଉପସ୍ଥିତିରେ ଜିନ୍ଦଲ କର୍ତ୍ତୃପକ୍ଷ ଏବଂ ଶ୍ରମିକ ନେତା ବିଶ୍ୱଜିତ ରାଜ, ସଞ୍ଜୟ ମହାନ୍ତି ପ୍ରମୁଖ ଆଲୋଚନାରେ ଉପସ୍ଥିତ ରହିଥିଲେ। ସହାୟତା ଘୋଷଣା ପରେ ରବିବାର ଶ୍ରମିକଙ୍କ ମୃତଦେହକୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି।

## ବିରୂପା ଉଚ୍ଚ ବିଦ୍ୟାପୀଠର ରୌପ୍ୟ ଜୟନ୍ତୀ



**ବରୀ, ୨୪।୫(ସମିସ):** ବିରୂପା ଉଚ୍ଚ ବିଦ୍ୟାପୀଠର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ସାମନ୍ତ ସିଂହାର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବପ୍ରସାଦ ସାମଲ, ସମ୍ମାନିତ ଅତିଥି ବରୀ ଡେରାବିଶ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସୁବାସ ଚନ୍ଦ୍ର ବିଶ୍ୱାଳ, ଭାଗ୍ୟଧର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଜ୍ଞାପରମିତା ପରିଡ଼ା, ସମିତିସଭ୍ୟ ବିଭୁ ପ୍ରସାଦ ରାଉତ, ସାମାଜିକ କର୍ମୀ ଅଞ୍ଜନା ପରିଡ଼ା, ନିର୍ମଳ କୁମାର ଜେନା, ରବୀନ୍ଦ୍ର କୁମାର ପତି ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଶେଷରେ ବିଭୁ ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ସାଇକଲ ଶୋଭାଯାତ୍ରା

**ପାଣିକୋଇଲି, ୨୪।୫(ସମିସ):** ପାଣିକୋଇଲି ପୁଲିସ ମୁଖ୍ୟାଳୟରୁ ଆଜି ଏକ ସାଇକଲ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଚାଲିବ। ପ୍ରତ୍ୟେହ ସାଇକଲ ଶୋଭାଯାତ୍ରା ସହ ଅନ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଆଜି ରିର୍ଜଭ ଇନ୍ସପେକ୍ଟର ଦୀନେଶ ସାହୁଙ୍କ ନେତୃତ୍ୱରେ ସରଜେଣ୍ଟ ବିଶ୍ୱ ରଞ୍ଜନ ଗଡ଼ପାଳଙ୍କ ସମତେ ଶତାଧିକ କର୍ମଚାରୀ ଏହି ସାଇକଲ ରାଲି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




## ବେଆଇନ ମାଟି ଉଠାଣକୁ ନେଇ ଗଣ୍ଡଗୋଳ

**ଧର୍ମଶାଳା, ୨୪।୫(ସମିସ):** ଧର୍ମଶାଳା ଥାନା ପାଟପୁର ପଞ୍ଚାୟତ ସୁନାରି ମୌଜାରୁ ବେଆଇନ ଭାବେ ମାଟି ଉଠାଣକୁ ଗ୍ରାମବାସୀ ବିରୋଧ କରିବାରୁ ଗଣ୍ଡଗୋଳ ଘଟିବା ସହିତ ଥାନାରେ ଏତଲା ହୋଇଛି। ଏହି ଗଣ୍ଡଗୋଳରେ ଜଣଙ୍କର ମୁଣ୍ଡ ଫାଟି ଥିବା ବେଳେ ଅନ୍ୟ ମାନେ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମାଟି ଉଠାଣକୁ ବିରୋଧ କରି ମାଫିଆଙ୍କ ଆକ୍ରୋସର ଶିକାର ହୋଇଥିବା ବ୍ୟକ୍ତି ଜଣକ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ଏହି ପଞ୍ଚାୟତ ଖଡ଼ିପଡ଼ିଆ ଗ୍ରାମର କିଛି ଲୋକ ପାଟପୁର ପଞ୍ଚାୟତର ସୁନାରି ମୌଜାରୁ ଟ୍ରାକ୍ଟର ଯୋଗେ ମାଟି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଏହାକୁ ଶୁନାରି ଗ୍ରାମବାସୀ ବିରୋଧ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ଗଣ୍ଡଗୋଳ ଓ ମାର୍‌ପିଟ ଘଟିଥିଲା। ଏହି ମାରପିଟରେ ଉମେଶ ସିଂ ନାମକ ଯୁବକ ଗୁରୁତର ଆହତ ହୋଇଥିଲେ। ଏ ନେଇ ଆହତ ଉମେଶ ଥାନାରେ ଅଭିଯୋଗ କରିବା ପରେ ପୁଲିସ



୨୦୮/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି। ସୁନାରୀ ମୌଜାରେ ବିନା ଅନୁମତିରେ ବେଆଇନ ଭାବେ ମାଟି ଉଠାଣ ହେଉଥିବା ଶ୍ରୀନଗର ରାଜସ୍ୱନିରିକ୍ଷକ ସୂଚନା ଦେଇ କହିଛନ୍ତି। ଏଭଳି ବିନା ଅନୁମତିରେ ମାଟି ଉଠାଣ ହେଉଥିବା ବେଳେ ସ୍ଥାନୀୟ ତହସିଲ ପ୍ରଶାସନ ଚୁପ୍ ରହିଥିବା ଘଟଣା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## କାଏମାରେ ଜଳଛତ୍ର ଉଦ୍‌ଘାଟିତ

**ଧର୍ମଶାଳା, ୨୪।୫(ସମିସ):** ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତରେ କାଏମା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି। ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳିରେ ବାଟୋଇମାନେ ଆଉଟି ପାଉଟି ହେଉଥିବା ବେଳେ ସେମାନଙ୍କ ତୃଷ୍ଣା ମେଣ୍ଟାଇବା ଲାଗି ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ଜାରକା ଠାରୁ ବ୍ରହ୍ମବରଦା ଏବଂ ଗୋକର୍ଣ୍ଣେଶ୍ୱର ବ୍ରିଜ ନିକଟରୁ ରମାପୁର ରାସ୍ତାକୁ ସଂଯୋଗ କରୁଥିବା କାଏମା ବ୍ରିଜ ଚାରିଛକ ନିକଟରେ ଏହି ଜଳଛତ୍ର ଖୋଲାଯାଇଛି। କାଏମା ପଞ୍ଚାୟତ ବିଜେପି ସଭାପତି ମଧୁସୂଦନ ପଣ୍ଡା ଓ ପ୍ରଶାନ୍ତ ବେହେରା ଅତିଥି ଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ନିରଞ୍ଜନ ବେହେରା, ସୁକାନ୍ତ ସାହୁ, ସ୍ୱାଧୀନ ସାହୁ, ଗଜେନ୍ଦ୍ର ପଣ୍ଡା, ଗୌରାଙ୍ଗ ତରାଇ, ବିକ୍ରମ କେଶରୀ ଦାସ, ସାଗର ପ୍ରଧାନ, ନୀଳାଦ୍ରି ମୁଦୁଲି, ମନୋରଞ୍ଜନ ସାହାଣୀ ସମେତ ବହୁ ଯୁବ କର୍ମୀ ଉପସ୍ଥିତ ରହି ଦହି ପାଣି ବଣ୍ଟନ କରିଥିଲେ।

## ପୁଷ୍ପଗିରି ପ୍ରେସ୍ ଫୋରମର କାର୍ଯ୍ୟକାରିଣୀ ବୈଠକ




**ବାଲିଚନ୍ଦ୍ରପୁର, ୨୪।୫(ସମିସ)**

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ସଂଗଠନ 'ପୁଷ୍ପଗିରି ପ୍ରେସ୍ ଫୋରମ୍'ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ ଫୋରମର ସଭାପତି ସୁମନ୍ତ କୁମାର ଭୂୟାଁ ଅଧ୍ୟକ୍ଷତା କରି ସାମ୍ବାଦିକମାନଙ୍କ ସୁରକ୍ଷା, ବୃତ୍ତିଗତ ସମସ୍ୟାର ସମାଧାନ ଏବଂ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଜନମଙ୍ଗଳକର କାର୍ଯ୍ୟକ୍ରମରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଫୋରମର ସମ୍ପାଦକ ରାକେଶ କୁମାର ବାରିକ ଆଗାମୀ ଦିନରେ ସଂଗଠନକୁ କିପରି ସୁଦୃଢ଼ ଓ କ୍ରିୟାଶୀଳ କରିବା, ସତ୍ୟ ଏବଂ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ସହ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ମଳିକ, ଉପଦେଷ୍ଟା ସମାଜସେବୀ ଜୟନ୍ତ କୁମାର ପରିଡ଼ା, ଶ୍ୟାମ ସୁନ୍ଦର ଦାସ, ଅକ୍ଷୟ କୁମାର ମହାନ୍ତି, ସାମ୍ବାଦିକ ନିବାରଣ ସାହୁ, ସଞ୍ଜୟ କୁମାର ବାରିକ, ଡା. ରାମଚନ୍ଦ୍ର ଦାସ, ଶୁଭକାନ୍ତ ସାହୁ, ବିକାଶ ରଞ୍ଜନ ବଳ, ରବୀନ୍ଦ୍ର କୁମାର ନାୟକ, କୁଳମଣି ବାରିକ, ସେକ୍ ସଲିମୁଦ୍ଦିନ ମହମ୍ମଦ, ରଶ୍ମିରଞ୍ଜନ ମହାନ୍ତି, ସତ୍ୟଭାମା ସେନାପତି, ଗାୟତ୍ରୀ ବିଶ୍ୱାଳ, ରାକ୍ଷୀ ବାରିକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ବିକାଶ ରଞ୍ଜନ ବଳ ଅତିଥି ପରିଚୟ ଦେଇଥିବା ବେଳେ ସାମ୍ବାଦିକ ରବୀନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି।
-ବିଲ୍ ଗେଟ୍ସ

ସକାଳ
THE SAKALA

# ଅଦୂରଦର୍ଶିତାର ପରିଣାମ

ଓଡ଼ିଶାର ବିଭିନ୍ନ ସହରର ତାପମାତ୍ରା ବଢ଼ିବା ସହିତ ଅଂଶୁଘାତ ଜନିତ ମୃତ୍ୟୁ ଖବର ଆସିବାରେ ଲାଗିଛି। ଏହି ଆଲେଖ୍ୟ ଲେଖା ହେବା ବେଳକୁ ଓଡ଼ିଶାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ସରକାରୀ ଭାବେ ୩ ଦର୍ଶାଯାଇଥିଲେ ମଧ୍ୟ ତାହା ୧୬ ବୋଲି ଅନ୍ୟସୂତ୍ରରୁ ଦାବି କରାଯାଇଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ସହିତ ଦୂରଦୃଷ୍ଟିହୀନ ବିକାଶ ଯୋଜନା ଏବଂ ସର୍ବୋପରି ଜନସାଧାରଣଙ୍କ ଅପରିଣାମଦର୍ଶୀ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ବିଶେଷକରି ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ଏହି ସମସ୍ୟା ଅଧିକ ଗମ୍ଭୀର।

ଗତ ସରକାର ଅମଳରେ ଏ ଦିଗରେ ବହୁ ଉଦାହରଣୀୟ ପ୍ରଭାବୀ ପଦକ୍ଷେପ ନିଆଯାଇଥିଲେ ହେଁ କେନ୍ଦ୍ର ସରକାରଙ୍କ ଉପେକ୍ଷା କାରଣରୁ ଦୀର୍ଘମିଆଦୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ଭବ ହୋଇପାରୁନାହିଁ। ଅଂଶୁଘାତ, ବନ୍ୟା, ବାତ୍ୟା ଆଦିକୁ କେବଳ ପ୍ରାକୃତିକ ବିପର୍ଯ୍ୟୟ ଓ ଦୈବୀ ଦୁର୍ବିପାକ କହି ସରକାର ନିଜ ଦାୟିତ୍ୱରୁ ଓହରି ପାରିବେ ନାହିଁ। ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ପାଇଁ ଶିଳ୍ପାୟନ ଓ ସହରୀକରଣ ଅପରିହାର୍ଯ୍ୟ ହେଲେ ମଧ୍ୟ ଏହାର ସୁଦୂରପ୍ରସାରୀ କୁପ୍ରଭାବକୁ ଯଥାସମ୍ଭବ ନିୟନ୍ତ୍ରଣ କରିବା ପାଇଁ ଯେଭଳି କେନ୍ଦ୍ରୀୟ ସରକାରୀ ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉନାହିଁ।

ଏଥିପାଇଁ ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ ସଚେତନ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ପରିଣତି ବିଷୟରେ ସଚେତନ ଥାଇ ମଧ୍ୟ ତାହାର ନିରାକରଣ ଦିଗରେ ଆଗ୍ରହହୀନତା ଏବଂ ଯୋଜନା-ରୂପାୟନ ମଧ୍ୟରେ ବଢୁଥିବା ଦୂରତ୍ୱ ଆଗାମୀ ଦିନରେ ଅଂଶୁଘାତ ଭଳି ସମସ୍ୟାକୁ ଆହୁରି ଉତ୍କଟ କରିବ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି। ତେଣୁ ଏ ଦିଗରେ ବେଳ ହୁଁ ପଦକ୍ଷେପ ନେବା କେବଳ ଆବଶ୍ୟକତା ନୁହେଁ, ଅପରିହାର୍ଯ୍ୟତା ମଧ୍ୟ। ୨୦୨୪ ଜୁଲାଇରେ, ଲୋକସଭାରେ କେନ୍ଦ୍ର ବିଜ୍ଞାନ, ବୈଷୟିକ ଓ ଭୂବିଜ୍ଞାନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶର ୨୩ଟି ଅଂଶୁଘାତ ପ୍ରବଣ ଓ ଉତ୍ତାପ ସମ୍ବେଦନଶୀଳ ସହରରେ କେନ୍ଦ୍ର ସରକାର ଦୀର୍ଘମିଆଦୀ ଯୋଜନା ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କ ସହଯୋଗରେ କାର୍ଯ୍ୟକାରୀ କରାଯାଉଛି। ଏହାସତ୍ତ୍ୱେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। କିନ୍ତୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପରିସଂଖ୍ୟାନ କିଛି ଭିନ୍ନ ଦର୍ଶାଉଛି। ଅଂଶୁଘାତ ଜନିତ ଅଘଟଣ ଜନିତ ସରକାରୀ ତଥ୍ୟ ସହିତ କ୍ଷତିପୂରଣ ରାଶି ଜଡ଼ିତ ଥିବାରୁ ସରକାରୀ ପରିସଂଖ୍ୟାନ କମ୍ କରି ପ୍ରକାଶିତ ହେବା ସ୍ୱାଭାବିକ। ଉଦାହରଣ ସ୍ୱରୂପ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ସୂଚନାରେ ୨୦୨୪ରେ ମୋଟ ଅଂଶୁଘାତ ଜନିତ ଜୀବନହାନି ସଂଖ୍ୟା ୧୬୧ ଦର୍ଶାଯାଇଥିବା ବେଳେ 'ହିଟ୍ ୱାଚ୍' ନାମକ ଏକ ବେସରକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ୧୭ଟି ରାଜ୍ୟର ଏହି ସଂଖ୍ୟା ୭୩୩।

କେନ୍ଦ୍ର ସରକାର ବିପର୍ଯ୍ୟୟ ପ୍ରଶମନ(ସଂ) ବିଧେୟକ-୨୦୨୪ ପାରିତ କରିଛନ୍ତି। ଏଥିରେ ଅନ୍ୟାନ୍ୟ କେତେକ ପ୍ରାବଧାନ ସହିତ ସହରାଞ୍ଚଳ ବିପର୍ଯ୍ୟୟ ପ୍ରଶମନ ପାଇଁ ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ ବ୍ୟବସ୍ଥା ରହିଛି। ଅଂଶୁଘାତ ଜନିତ ବିପର୍ଯ୍ୟୟ ମୁଖ୍ୟତଃ ସହରାଞ୍ଚଳରେ ଅଧିକ ଦେଖାଯାଉଥିବାରୁ ଏଭଳି ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏ ଦିଗରେ ଥିବା ମୁଖ୍ୟ ସମସ୍ୟାଟି ହେଉଛି ଉପର ବର୍ଣ୍ଣିତ ଯୋଜନା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ସମନ୍ୱୟର ଅଭାବ। ବିପର୍ଯ୍ୟୟ ପ୍ରଶମନ ଆଇନ ୨୦୦୫ ସ୍ଥାନରେ ପ୍ରଣୀତ ହୋଇଥିବା ଏହି ନୂଆ ଆଇନରେ ପାଣ୍ଠି ପରିଚାଳନା ଓ କ୍ଷତିପୂରଣ ଭଳି କେତେକ ସମ୍ବେଦନଶୀଳ ପ୍ରସଙ୍ଗର କେନ୍ଦ୍ରୀକରଣ ହୋଇଥିବା ଅଭିଯୋଗ ଦୃଷ୍ଟିରୁ ଏହି ଆଇନ ବାସ୍ତବ ସମସ୍ୟା ସମାଧାନରେ କେତେ ସହାୟକ ହେବ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆହୁରି ମଧ୍ୟ ନୂଆ ଆଇନରେ ବିପର୍ଯ୍ୟୟ ସୂଚନାକୁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ମୂଳ ସମସ୍ୟା ହେଲା ସୂଚନା ଦେବାରେ କର୍ତ୍ତୃପକ୍ଷ ଅବହେଳା କରୁ ନ ଥିବା ବେଳେ ଏହାର ନିରାକରଣ ବା ପ୍ରଶମନ ଦିଗଟି ଶୂନ୍ୟ ରହିଯାଉଛି।

ପ୍ରତି ଗ୍ରୀଷ୍ମ ଋତୁରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅତି ଆବଶ୍ୟକ ନ ପଡ଼ିଲେ ବାହାରକୁ ନ ବାହାରିବା ପାଇଁ ସରକାରଙ୍କ ପକ୍ଷରୁ ବାରଣ କରାଯାଉଛି। ଏହି ସମୟରେ ଶ୍ରମିକମାନଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ମଧ୍ୟ ଚେତାବନୀ ଦିଆଯାଉଛି। ଦୃଢ଼ ଆଇନ୍ କାନୁନର ଅଭାବରୁ ଏହି କଟକଣାକୁ ଠିକାଦାରମାନେ ମାନୁ ନାହାନ୍ତି। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସରକାରୀ ବାବୁମାନଙ୍କ ଆଖି ସାମ୍ନାରେ ଏହି କଟକଣାର ଉଲ୍ଲଙ୍ଘନ ହେଉଥିବା ଦେଖାଯାଉଛି। ତେଣୁ ଅଂଶୁଘାତ ଜନିତ ମୃତ୍ୟୁ ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ଏ ଦିଗରେ କଟକଣା ଆହୁରି କଡ଼ା ହେବା ସହିତ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ଆଇନରେ ନାହିଁ।

ସର୍ବୋପରି ଆତ୍ମସଚେତନ ଓ ଆତ୍ମନିୟନ୍ତ୍ରିତ ଜୀବନଶୈଳୀ ହିଁ ଏଭଳି ସମସ୍ୟାରୁ ନିଜକୁ, ସମାଜକୁ ଓ ପ୍ରକୃତିକୁ ଧ୍ୱଂସମୁଖରୁ ରକ୍ଷା କରିପାରିବ। ବିଡ଼ମ୍ବନା ଯେ ନୀତି ନିର୍ଦ୍ଧାରଣ କରୁଥିବା ଏବଂ ଏହାର ରୂପାୟନ ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଂଶୀଦାରମାନେ ହିଁ ଅନୁପାଳନ କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଆଗାମୀ ଦିନରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁର୍ବିପାକ ଗୁରୁତର ହେବାକୁ ଯାଉଛି। ଏହି ବୈଶ୍ୱିକ ସମସ୍ୟାର ମୁକାବିଲା ପାଇଁ ଭାରତ ସେଭଳି ପ୍ରସ୍ତୁତ ହୋଇଥିବା ହୃଦବୋଧ ହେଉନାହିଁ। ଏଭଳି ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ସବୁସ୍ତରରେ ପ୍ରସ୍ତୁତି ତ୍ୱରାନ୍ୱିତ ହେବା ଆବଶ୍ୟକ।

# ଗାଡ଼ି ଅଭ୍ୟାସର ସଂସ୍କୃତି

ଡକ୍ଟର ଅବଶ ପରିଡ଼ା

ଇନ୍ଧନ ସଂରକ୍ଷଣ ପାଇଁ ଏବେ ବିଶ୍ୱବ୍ୟାପୀ 'ରେଡ ଟେପ' ଘୋଷଣା ହୋଇଛି। ମୁଖ୍ୟତଃ ପେଟ୍ରୋଲ ଓ ଡିଜେଲର ସଙ୍କଟ ପାଖେଇ ଆସୁଛି ବୋଲି ଅନେକ ଖବର ଆସୁଛି। ଏହି ପରିପ୍ରେକ୍ଷୀରେ କିଛିଦିନ ତଳେ ପ୍ରଧାନମନ୍ତ୍ରୀ ଇନ୍ଧନ ସଞ୍ଚୟ ପାଇଁ ଆହ୍ୱାନ କରିବା ପରେ ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର ଅଯଥା ଯାତ୍ରା ହ୍ରାସ କରିବା, ଇନ୍ଧନ ବ୍ୟବହାର କମ୍ କରିବା ଏବଂ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଆପଣେଇବା ଭଳି କିଛି ପରାମର୍ଶ ଜାରି କରିଛନ୍ତି। କିନ୍ତୁ ଏପରି ଆବେଦନ ଓ ପରାମର୍ଶ ଅନେକଙ୍କୁ ସାମାଜିକ ଅବାସ୍ତବତା ଭଳି ଲାଗୁଛି ବା ଲାଗୁଥାଇପାରେ। କମ୍ ଦୂରତା ପାଇଁ ମଧ୍ୟ ଆମେମାନେ ମୋଟରସାଇକେଲ, ସ୍କୁଟର ଓ କାର ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇଯାଇଛୁ। ଏହାର ମୁଖ୍ୟ କାରଣ ଯାନବାହନର ଅତ୍ୟଧିକ ବ୍ୟବହାର ଆଉ କେବଳ ଏକ ବ୍ୟାବହାରିକ ଆବଶ୍ୟକତା ନୁହେଁ, ବରଂ ଆଧୁନିକ ଜୀବନଶୈଳୀ, ସୁବିଧା, ଆରାମ, ସହରାଞ୍ଚଳ ସଂସ୍କୃତି ଏବଂ ବ୍ୟକ୍ତିର ସାମାଜିକ ସ୍ଥିତି, ପ୍ରତିଷ୍ଠା ଓ ଚେତନା ସହିତ ଜଡ଼ିତ ହୋଇସାରିଛି। ସରଳରେ ଏହା ହେଉଛି ଏକ ସାଧାରଣ ସାମାଜିକ ଅଭ୍ୟାସ।

ଦ୍ୱିତୀୟ ଶ୍ରେଣୀ ଭାରତୀୟ ସହରକୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଇନ୍ଧନ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଲୋକମାନେ ଯାନବାହନ ବ୍ୟବହାରରେ ଆଂଶିକ ହ୍ରାସ କରିଛନ୍ତି। ସେହିପରି କିଛିବର୍ଷ ତଳର ଅନୁସନ୍ଧାନ କୁହେ ଯେ ଭଲ ଆୟ, ଏକାଧିକ ଯାନବାହନ ଏବଂ ଅଧିକ ସାମାଜିକ ବିଶ୍ୱାସ ଥିବା ଲୋକମାନେ ସାର୍ବଜନୀନ ପରିବହନକୁ ଏଡ଼ାଇବାର ସମ୍ଭାବନା ଅଧିକ ଥାଏ। ଏହାସହିତ ସେହି ଶ୍ରେଣୀର ବ୍ୟକ୍ତିବିଶେଷ ବ୍ୟକ୍ତିଗତ ଯାନର ଅଦରକାରୀ ବ୍ୟବହାର କରିବାକୁ ପସନ୍ଦ କରନ୍ତି। ଅନ୍ୟପଟେ ଏହାର ବିପରୀତ ଏକ ରିପୋର୍ଟ କୁହେ ଯେ ଅପର୍ଯ୍ୟାପ୍ତ ସାର୍ବଜନୀନ ପରିବହନ, ସୁରକ୍ଷା ଚିନ୍ତା ଓ ଦୁର୍ବଳ ସଂଯୋଗୀକରଣ ନାଗରିକମାନଙ୍କୁ ବ୍ୟକ୍ତିଗତ ଯାନବାହନ ଆଡ଼କୁ ଆକର୍ଷିତ କରୁଛି। ସେ ଯାହା ବି ହେଉ ଉଭୟ ଚାଲି କରି ଯିବା କିମ୍ବା ସାର୍ବଜନୀନ ପରିବହନକୁ ପ୍ରାୟତଃ ଅସୁବିଧାଜନକ ଓ ସାମାଜିକ ଭାବରେ କମ୍ ମୂଲ୍ୟବାନ ଭାବେ ଦେଖାଯାଏ। ଫଳସ୍ୱରୂପ, ଇନ୍ଧନ ଅଧିକ ବ୍ୟବହାର ଏକ ସରଳ ଆର୍ଥିକ କାର୍ଯ୍ୟକଳାପ ନୁହେଁ, ବରଂ ଉପଭୋକ୍ତାବାଦ, ସହରୀକରଣ ଓ ଆଧୁନିକ ଆକାଂକ୍ଷା ଦ୍ୱାରା ଆକୃତି ପ୍ରାପ୍ତ ଏକ ସାଂସ୍କୃତିକ ଅଭ୍ୟାସରେ ପରିଣତ ହୋଇଛି। ତେଣୁ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ ଯେ ଜନସାଧାରଣଙ୍କ ଉପରେ ଇନ୍ଧନ ସଞ୍ଚୟ ପରାମର୍ଶଗୁଡ଼ିକର ସୀମିତ ପ୍ରଭାବ ପଡ଼ିପାରେ। ପ୍ରଶ୍ନ ଆସିପାରେ, ବ୍ୟକ୍ତିଗତ ଯାନବାହନର ଅତ୍ୟଧିକ ନିର୍ଭରଶୀଳତାକୁ କେବଳ ଅଭ୍ୟାସ ନା ଅନ୍ୟ କେଉଁ ସବୁ ଉପାଦାନ ପ୍ରୋତ୍ସାହିତ କରୁଛି? ଏହାର ଆଚରଣଗତ ଓ ଗଠନମୂଳକ କାରଣଗୁଡ଼ିକୁ ଆଲୋଚନା ଓ ସମାଧାନ କରିବାର ଆବଶ୍ୟକତା ଅଛି କି? ଏହି ଦୁଇଟି ବିଷୟବସ୍ତୁକୁ ନେଇ ଆଜିର ଆଲୋଚନା।

ଆମ ଆଧୁନିକ ସହରାଞ୍ଚଳରେ ନିକଟସ୍ଥ ଚା' ଦୋକାନକୁ ଚାଲିକିଯିବା ସତେଯେମିତି ଯୁକ୍ତିହୀନ ଲାଗେ ଏବଂ ଦୁଇଶହ ମିଟର ପାଇଁ ମଧ୍ୟ ଗାଡ଼ିଟିଏ ବ୍ୟବହାର କରିବା ସାମାଜିକ ଭାବରେ ସ୍ୱାଭାବିକ ମନେହୁଏ। ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ, କ୍ଷୁଦ୍ରତମ ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ଯାନବାହନ ଉପରେ ବଢୁଥିବା ନିର୍ଭରଶୀଳତା ହେଉଛି ଏକ 'ଅଭ୍ୟାସଗତ ଉପଭୋକ୍ତାବାଦ'(ହାବିଚୁଆଲ୍ କଞ୍ଜ୍ୟୁମରିଜିମ୍)। ଏହାର ସରଳ ଅର୍ଥ ହେଉଛି ଉପଭୋକ୍ତା-ଭିତ୍ତିକ ଆଚରଣକୁ ସମାଜ ସମୟକ୍ରମେ ସାଧାରଣ ଏବଂ ପ୍ରଶ୍ନହୀନ କରିଦିଏ। ଏହାକୁ 'ହେବିଟସ' ଧାରଣା ମାଧ୍ୟମରେ ବ୍ୟାଖ୍ୟା କରାଯାଇଛି। ସମାଜବିଜ୍ଞାନ ଭାଷାରେ ଏହା ହେଉଛି ଶକ୍ତ ରୂପରେ ସ୍ଥାପିତ ଏକ ବ୍ୟାବହାରିକ ଅଭ୍ୟାସ। ଅନେକ ସମୟରେ ଏହାକୁ ଦକ୍ଷତା, ସ୍ୱଭାବ ଓ ଚିନ୍ତା କରିବାର ଉପାୟ ବୋଲି ମଧ୍ୟ କୁହାଯାଏ। ଏହି ସବୁ ଉପାଦାନର ଉତ୍ସ ହେଉଛି ବ୍ୟକ୍ତିର ସାମାଜିକୀକରଣ ଓ ଅଭିଜ୍ଞତା।

ଆମେ ଜାଣୁ ଯେ ସାମାଜିକ ପରିବେଶ, ସାମାଜିକ ଶ୍ରେଣୀ ଓ ସଂସ୍କୃତି ଦ୍ୱାରା ଆମ ଅଭ୍ୟାସ, ଜୀବନଶୈଳୀ ଓ ପସନ୍ଦଗୁଡ଼ିକ ଆକୃତିପ୍ରାପ୍ତ ହୋଇଥାଏ। ଆର୍ଥିକ କିମ୍ବା ପରିବେଶଗତ ଭାବରେ ଅଯୌକ୍ତିକ ଲାଗିଲେ ମଧ୍ୟ ବାରମ୍ବାର ଅନୁସରଣ କରିବା ଦ୍ୱାରା ସେହି ଅଭ୍ୟାସଗୁଡ଼ିକ ତାର୍କିକ ଓ ସାମାଜିକ ଭାବରେ ଗ୍ରହଣୀୟ ହୁଏ। ସମ୍ଭବତଃ ସେଥିପାଇଁ ସମସାମୟିକ ସହରାଞ୍ଚଳରେ, ଅତି କମ ଦୂରତା ପାଇଁ ଗାଡ଼ି ବ୍ୟବହାର କରିବା କ୍ରମଶଃ ଏହି ସାମାଜିକ ଅଭ୍ୟାସର ଏକ ଅଂଶ ହୋଇଗଲାଣି। ଲୋକମାନେ ଆଉ ଚାଲିବା କିମ୍ବା ସାଇକେଲ ଚଲାଇବା ବାସ୍ତବରେ ସମ୍ଭବ କି ନାହିଁ ତାହା ମୂଲ୍ୟାଙ୍କନ କରୁନାହାନ୍ତି। ତେଣୁ ପ୍ରାରମ୍ଭରେ ସୁବିଧା ଭାବରେ ଉଭା ହୋଇଥିବା ମାଧ୍ୟମ ଆମ ପାଇଁ ଏକ ଅଚେତନ ନିର୍ଭରଶୀଳତାରେ ପରିଣତ ହୋଇସାରିଛି।

କେବଳ ଅଭ୍ୟାସ ନୁହେଁ ଏହି ପ୍ରକ୍ରିୟା ସହ ବ୍ୟକ୍ତିର ପ୍ରତୀକାତ୍ମକ ସାମାଜିକ ସ୍ଥିତି ମଧ୍ୟ ଜଡ଼ିତ। ସହରାଞ୍ଚଳ ପରିବେଶରେ ଅନେକ ଭାରତୀୟଙ୍କ ପାଇଁ ବ୍ୟକ୍ତିଗତ ଯାନ ହେଉଛି ଆଧୁନିକତା, ସଫଳତା, ମର୍ଯ୍ୟାଦା ଓ ଉଚ୍ଚ ସାମାଜିକ ଗତିଶୀଳତାର ପ୍ରତିଫଳନ। ଫଳସ୍ୱରୂପ, ଏଥିରୁ ସୃଷ୍ଟି ହୋଇଥିବା ଅଭ୍ୟାସଗୁଡ଼ିକ ଆବଶ୍ୟକତା ପାଇଁ ନୁହେଁ, ବରଂ ପରିଚୟ ଓ କାର୍ଯ୍ୟଦକ୍ଷତା ବିଷୟରେ ଅଧିକ। ଏହାବ୍ୟତୀତ ଉପଭୋକ୍ତା ସଂସ୍କୃତି ଏବେ ନୂତନ ଭୂମିକାରେ ଉଭା ହୋଇଛି। ଆବଶ୍ୟକତା ସହିତ ମାନବ ଆଚରଣକୁ ମଧ୍ୟ ଏହା ପୁନଃଆକୃତି ଦେଉଛି। ଏହାର ଅର୍ଥ ହେଉଛି ଉପଭୋକ୍ତା ସଂସ୍କୃତି ବ୍ୟକ୍ତିବିଶେଷଙ୍କୁ ପ୍ରତିଷ୍ଠାର ଏକ ଚିହ୍ନକ ଭାବରେ ସୁବିଧା ଗ୍ରହଣ କରିବାକୁ ତାଲିମ ଦିଏ। ତେଣୁ ଅତ୍ୟଧିକ ଇନ୍ଧନ ବ୍ୟବହାର କେବଳ ଏକ ବ୍ୟକ୍ତିଗତ ପସନ୍ଦ ନୁହେଁ, ବରଂ ବିଜ୍ଞାପନ, ସହରାଞ୍ଚଳର ଆପେକ୍ଷିକ ବ୍ୟବହାର ଓ ସଂସ୍କୃତିର ମିଶ୍ରଣ। ସବୁଠାରୁ ବିପଦ ହେଉଛି ଯେତେବେଳେ ଉପଭୋକ୍ତାବାଦ ଏକ ଅଭ୍ୟାସଗତ ହୋଇଯାଏ। ଥରେ ଏହି ଆଚରଣ ସ୍ୱାଭାବିକ ହୋଇଗଲେ, ଲୋକମାନେ ଏହାର ପରିଣାମ ଉପରେ କ୍ୱଚିତ୍ ପ୍ରଶ୍ନ କରନ୍ତି। ତେଣୁ ଏହି ସ୍ଥିତିରେ ଇନ୍ଧନ-ସଞ୍ଚୟ ପରାମର୍ଶଗୁଡ଼ିକ କମ୍ ପ୍ରଭାବଶାଳୀ ହୋଇପଡ଼େ।

ଅଭିଯୋଗ ଏହା ବି ହୁଏ ଯେ ଭାରତରେ ଦ୍ରୁତ ସହରୀକରଣ ଦ୍ୱାରା ସହର ସବୁ ଏପରି ନିର୍ମିତ ହୋଇଛି, ଯାହା ପଦଯାତ୍ରୀଙ୍କ ଅପେକ୍ଷା ଯାନବାହନ ପାଇଁ ଅଧିକ ଅନୁକୂଳ। ସାର୍ବଜନୀନ ପରିବହନ ବ୍ୟବସ୍ଥାର ଅନୁପଲବ୍ଧତା, ଦୁର୍ବଳ ପାଦଚଲା ରାସ୍ତା ଓ ଅସୁରକ୍ଷିତ ରାସ୍ତା ବ୍ୟତୀତ ବଢୁଥିବା ସହରାଞ୍ଚଳ ତାପମାତ୍ରା ଏବଂ ସମୟ ସଞ୍ଚୟ କରିବାର ଚାପ ସାମୂହିକ ଭାବରେ ନାଗରିକମାନଙ୍କୁ ଗାଡ଼ି ବ୍ୟବହାର କରିବାକୁ ବାଧ୍ୟ କରୁଛି। ଏପରି ପରିସ୍ଥିତିରେ, ବିଶାରଦମାନେ ପ୍ରଶ୍ନ କରନ୍ତି ବ୍ୟକ୍ତିଗତ ଯାନବାହନ ଉପରେ ନିର୍ଭରଶୀଳତା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନୁହେଁ, ବରଂ ସାମାଜିକ ଭାବରେ ଉତ୍ପାଦିତ ଏକ ବ୍ୟବହାର ନୁହେଁ କି?

ପ୍ରସିଦ୍ଧ ସମାଜବିଜ୍ଞାନୀ ଜର୍ଜ ରିଟଜରଙ୍କ ମ୍ୟାକଡୋନାଲ୍ଡାଇଜେସନ ତତ୍ତ୍ୱ ମାଧ୍ୟମରେ ଏହି ବ୍ୟବହାରକୁ ସମାଜଶାସ୍ତ୍ରୀୟ ବ୍ୟାଖ୍ୟା କରିବା। ମ୍ୟାକଡୋନାଲ୍ଡ ହେଉଛି ଏକ ଆନ୍ତର୍ଜାତୀୟ ଲୋକପ୍ରିୟ ଫାଷ୍ଟ ଫୁଡ କମ୍ପାନୀ। ବିଶ୍ୱରେ ଏହି ଫାଷ୍ଟ ଫୁଡ ଏତେ ଲୋକପ୍ରିୟ ହେଲା ଯେ ଏହା ଏକ ସଂସ୍କୃତି ହୋଇଗଲା। ଏହାର ନାଁ ହେଲା ମ୍ୟାକଡୋନାଲ୍ଡାଇଜେସନ। ଏହାର ଅର୍ଥ ହେଉଛି ସମାଜ ମଧ୍ୟ ମ୍ୟାକଡୋନାଲ୍ଡ ଫାଷ୍ଟ-ଫୁଡ୍ ରେଷ୍ଟୁରାଣ୍ଟ ପରି କାମ ସଭିଙ୍କୁ ଠାରୁ ଆଶା କରେ। ଯେଉଁଠାରେ ଗତି, ଦକ୍ଷତା, ସୁବିଧା, ପୂର୍ବାନୁମାନ ଓ ଶୀଘ୍ର ଫଳାଫଳ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧ। ଯଦି ଏହି ପରିପ୍ରେକ୍ଷୀରେ ଦେଖିବା, ଦ୍ରୁତ ଗତିରେ ଗତିଶୀଳ ସହରାଞ୍ଚଳ ଯେଉଁଠି ଦଶ ମିନିଟରେ ଡେଲିଭେରୀ ପାଇଁ ତଣ୍ଟିକଟା ପ୍ରତିଯୋଗିତା, ସେଠାରେ ଚାଲିକରି ଯିବା ବା ସାର୍ବଜନୀନ ପରିବହନକୁ ସମୟସାପେକ୍ଷ ଏବଂ ଧୀର ଭାବେ ଦେଖାଯାଇପାରେ।

ପରିଶେଷରେ ଇନ୍ଧନ ସଂରକ୍ଷଣ ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ଆବେଦନର ସାମାଜିକ ଅଣଦେଖା ହୋଇପାରେ। କାରଣ ସରକାରଙ୍କ ନିୟମ ଆମର ଅସ୍ଥାୟୀ ଆଚରଣ ବଦଳରେ ସ୍ୱାଭାବିକ ସାଂସ୍କୃତିକ ଅଭ୍ୟାସକୁ ଆହ୍ୱାନ କରୁଛି। ଇନ୍ଧନ ସଂରକ୍ଷଣ କେବଳ ନୈତିକ ପରାମର୍ଶ ମାଧ୍ୟମରେ ସଫଳ ହୋଇପାରିବ ନାହିଁ। ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ, ପଦଯାତ୍ରୀ-ଅନୁକୂଳ ସହରାଞ୍ଚଳ ଯୋଜନା, ସୁରକ୍ଷିତ ଚାଲିବା ସ୍ଥାନ, ସାଇକେଲିଂ ଭିତ୍ତିଭୂମି ଓ ସଚେତନତା ଅଭିଯାନ ଭଳି ସାଂରଚନିକ ହସ୍ତକ୍ଷେପ ମଧ୍ୟ ସମାନ ଭାବରେ ଅତ୍ୟାବଶ୍ୟକ। ସମାଜକୁ ସର୍ବନିମ୍ନ ଇନ୍ଧନ ବ୍ୟବହାର, ଇନ୍ଧନର ବିକଳ୍ପ ଏବଂ ସାର୍ବଜନୀନ ପରିବହନକୁ ଅସୁବିଧା ଭାବରେ ନେବା କଥା ନୁହେଁ। ବରଂ ଏହାକୁ ଜଳବାୟୁ ସମସ୍ୟା ଓ ସମ୍ପଦ ଅଭାବ ସମୟରେ ଏକ ଦାୟିତ୍ୱବାନ ନାଗରିକର ଭୂମିକା ଭାବେ ଗ୍ରହଣ କରିବାର ଆବଶ୍ୟକତା ଅଛି।

ଭୁବନେଶ୍ୱର, ୮୪୫୬୮୭୯୫୨୨

# ସଂକଟରେ ପୃଥିବୀର ଫୁସଫୁସ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ସମଗ୍ର ଦେଶ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରେ ସନ୍ତପ୍ତ। ସହରରୁ ଗାଁ ପର୍ଯ୍ୟନ୍ତ ସବୁଠି କେବଳ ଗୋଟିଏ ପ୍ରଶ୍ନ- ଏଥର ଏତେ ଗରମ କାହିଁକି? ଏହି ପ୍ରଶ୍ନର ସ୍ପଷ୍ଟ ଓ ବିଜ୍ଞାନସମ୍ମତ ଉତ୍ତର ନିକଟରେ ପ୍ରକାଶିତ ହୋଇଛି। ମିଳିତ ଜାତିସଂଘର 'ବୈଶ୍ୱିକ ବନ ଲକ୍ଷ୍ୟ ରିପୋର୍ଟ-୨୦୨୬' ତଥ୍ୟ ଦର୍ଶାଉଛି ଯେ, ଯେଉଁ ଜଙ୍ଗଲ ଆମକୁ ପ୍ରକୃତିର ପ୍ରକୋପରୁ ରକ୍ଷା କରିଥା'ନ୍ତା, ତାହାକୁ ସୁରକ୍ଷିତ ରଖିବାରେ ସମଗ୍ର ବିଶ୍ୱ ଅନେକାଂଶରେ ବିଫଳ ହୋଇଛି। ଆମେ ପ୍ରକୃତିକୁ ଧ୍ୱଂସ କରି ଚାଲିଛନ୍ତି ଏବଂ ବଦଳରେ ପ୍ରକୃତି ଏବେ ଭୟଙ୍କର ଗ୍ରୀଷ୍ମ ଓ ଜଳବାୟୁ ପରିବର୍ତ୍ତନ ରୂପରେ ଆମକୁ ସତର୍କ କରାଉଛି।

ବିଗତ କିଛିବର୍ଷ ଧରି ସମଗ୍ର ବିଶ୍ୱରେ ଜଙ୍ଗଲର ପରିସୀମା (ବନାବରଣ) ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି। ଅନେକ ଦେଶ ଏ ଦିଗରେ ନିଜ ନିଜ ସ୍ତରରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ତଥାପି ସ୍ଥିତି ଚିନ୍ତାଜନକ ରହିଛି। 'ବୈଶ୍ୱିକ ବନ ଲକ୍ଷ୍ୟ ରିପୋର୍ଟ-୨୦୨୬' ଅନୁଯାୟୀ ୨୦୩୦ ସୁଦ୍ଧା ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଜଙ୍ଗଲର ପରିସୀମା ବଢ଼ାଇବା ଏବଂ ଉପଲବ୍ଧ ଜଙ୍ଗଲଗୁଡ଼ିକୁ ସୁରକ୍ଷିତ ରଖିବା ଦିଗରେ ବିଶ୍ୱର ପ୍ରଗତି ସନ୍ତୋଷଜନକ ନୁହେଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମିଳିତ ଜାତିସଂଘ ୨୭ ଏପ୍ରିଲ, ୨୦୧୭ରେ ଜଙ୍ଗଲ ସମ୍ବନ୍ଧୀୟ ରଣନୀତିକ ଯୋଜନା (୨୦୧୭-୨୦୩୦) କୁ ଆପଣାଇଥିଲା, ଯାହା ଅଧୀନରେ ୬ଟି ବୈଶ୍ୱିକ ବନ ଲକ୍ଷ୍ୟ ଏବଂ ଏହା ସହିତ ଜଡ଼ିତ ୨୬ଟି ଉପ-ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ୨୦୩୦ ସୁଦ୍ଧା ସାରା ବିଶ୍ୱରେ ଜଙ୍ଗଲର ପରିସୀମା ୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାର ଥିଲା, ଯାହା ଫ୍ରାନ୍ସର ମୋଟ କ୍ଷେତ୍ରଫଳର ଦୁଇ ଗୁଣରୁ ମଧ୍ୟ ଅଧିକ ହୋଇଥା'ନ୍ତା। କିନ୍ତୁ ରିପୋର୍ଟ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେ ବିଗତ ୯ ବର୍ଷ ମଧ୍ୟରେ ଆମେ ଉକ୍ତ ଲକ୍ଷ୍ୟଗୁଡ଼ିକ ମଧ୍ୟରୁ ମାତ୍ର ୭ଟିକୁ ହିଁ ସମ୍ପୂର୍ଣ୍ଣ ଭାବେ ହାସଲ କରିପାରିଛନ୍ତି। ଚିନ୍ତାର ବିଷୟ ଏହା ଯେ, ଏଥିମଧ୍ୟରୁ ୧୭ଟି ଲକ୍ଷ୍ୟକୁ ଆଂଶିକ ଭାବେ ହାସଲ କରାଯାଇପାରିଛି, ଯେତେବେଳେ କି ୨ଟି ଲକ୍ଷ୍ୟ ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଯାଇଛି।

ଉଲ୍ଲେଖନୀୟ ଯେ, ବିଶ୍ୱର ଯେଉଁ ୪୮ ଟି ଦେଶରେ ମୋଟ ଜଙ୍ଗଲର ୫୧ ପ୍ରତିଶତ ଅଂଶ ରହିଛି, ସେଠାରେ ୨୦୧୫ ରୁ ୨୦୨୫ ମଧ୍ୟରେ ବୈଶ୍ୱିକ ବନ କ୍ଷେତ୍ରରେ ୪ କୋଟି ହେକ୍ଟରରୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଏବେ ଯେତେବେଳେ ନିର୍ଦ୍ଧାରିତ ଲକ୍ଷ୍ୟ ବର୍ଷରେ ପହଞ୍ଚିବା ପାଇଁ ମାତ୍ର ୪ ବର୍ଷ ସମୟ ବାକି ଅଛି, ସେତେବେଳେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଜଙ୍ଗଲ ସଂରକ୍ଷଣ ଦିଗରେ ବିଶ୍ୱ ଏତେ ମନ୍ଥର କାହିଁକି? ପର୍ଯ୍ୟାପ୍ତ କ୍ଷେତ୍ରଫଳରେ ସୁସ୍ଥ ଜଙ୍ଗଲ ରହିବା ସ୍ୱଚ୍ଛ ପରିବେଶ, ଜୀବନ ଓ ମାନବିକତାର ଆଧାର ବୋଲି ବିବେଚନା କରାଯାଏ। ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ସହିତ ଜୈବ ବିବିଧତାର ସଂରକ୍ଷଣ, ଖାଦ୍ୟ ଓ ଆଜୀବିକାର ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ, ଅମ୍ଳଜାନର ନିରନ୍ତରତା, ମୃତ୍ତିକା ସଂରକ୍ଷଣ, କାର୍ବନ ଅବଶୋଷଣ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ମଧ୍ୟ ଜଙ୍ଗଲ ଅପରିହାର୍ଯ୍ୟ। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ, ୧୬୦ କୋଟି ଲୋକଙ୍କ ପାଇଁ ଜଙ୍ଗଲ ହିଁ ଖାଦ୍ୟ, ଜଳ, ଜାଳେଣି ଓ ରୋଜଗାରର ଉତ୍ସ।

ତେବେ ବଢୁଥିବା ସହରୀକରଣ, ଶିଳ୍ପାୟନ, ଭୂମି ବ୍ୟବହାରରେ ପରିବର୍ତ୍ତନ, ବନାଗ୍ନି, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନର ଦୁଷ୍ପ୍ରଭାବ ଯୋଗୁଁ ଜଙ୍ଗଲର ଅସ୍ତିତ୍ୱ ବିପଦରେ ରହିଛି। ବିକାଶ ନାମରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ କଟାଯାଉଛି। ରାସ୍ତା, କୋଠାବାଡ଼ି ଏବଂ ଖଣି ଖନନ ପାଇଁ ସବୁଜିମାର ବଳି ଦିଆଯାଉଛି। ମିଳିତ ଜାତିସଂଘ ବୈଶ୍ୱିକ ବନ ଲକ୍ଷ୍ୟ ହାସଲ କରିବା ପାଇଁ ଜଙ୍ଗଲ କଟା ବନ୍ଦ କରିବା, ସ୍ଥାୟୀ ଜଙ୍ଗଲ ପରିଚାଳନା ଉପରେ ଗୁରୁତ୍ୱ ଏବଂ ପ୍ରଶାସନ ଓ ଆଇନ ପ୍ରଣୟନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଛି। ଆମକୁ ବୁଝିବାକୁ ହେବ ଯେ ଜଙ୍ଗଲକୁ ସୁରକ୍ଷିତ ରଖିବା ମାନବ ସମାଜର ଅସ୍ତିତ୍ୱକୁ ସୁରକ୍ଷିତ ରଖିବା ସହ ସମାନ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଢୁଥିବା ତାପମାତ୍ରା କାରଣରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ, ଏପରିକି ଆମ ଓଡ଼ିଶାର ଶିମିଳିପାଳ ଭଳି ଜୈବମଣ୍ଡଳରେ ମଧ୍ୟ ବାରମ୍ବାର ଭୟାବହ ବନାଗ୍ନି ସୃଷ୍ଟି ହେଉଛି, ଯାହା ମୁହୂର୍ତ୍ତକ ମଧ୍ୟରେ ଏକର ଏକର ଜଙ୍ଗଲ ଛାରଖାର କରିଦେଉଛି। ଜଙ୍ଗଲ ସୁରକ୍ଷା ପାଇଁ କଡ଼ା ଆଇନ ଥିଲେ ହେଁ, ପ୍ରଶାସନିକ ଶିଥିଳତା ଏବଂ ବେଆଇନ କାଠ ମାଫିଆଙ୍କ ସକ୍ରିୟତା ଯୋଗୁଁ ଜଙ୍ଗଲ କ୍ଷୟ ରୋକିବା ସମ୍ଭବ ହେଉନାହିଁ।

ଜଙ୍ଗଲ କେବଳ ଗଛ ନୁହେଁ, ଏହା ଜୀବନର ଆଧାର। ଏହା ସାଧାରଣ ମଣିଷର ପେଟ ଓ ପକେଟ୍ ସହ ଜଡ଼ିତ। ଜଙ୍ଗଲ ନଷ୍ଟ ହେଲେ ଦାରିଦ୍ର୍ୟ ବୃଦ୍ଧି ପାଇବ, ଜଳ ସଙ୍କଟ ସୃଷ୍ଟି ହେବ ଏବଂ ମୃତ୍ତିକା କ୍ଷୟ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଇବ। ଏହା ବ୍ୟତୀତ, ଜଙ୍ଗଲ ହେଉଛି ପୃଥିବୀର ଫୁସଫୁସ। ଏହା ଅଙ୍ଗାରକାମ୍ଳ ଅବଶୋଷଣ କରି ଅମ୍ଳଜାନ ପ୍ରଦାନ କରେ। ଜଙ୍ଗଲ ହ୍ରାସ ଅର୍ଥ ବାୟୁମଣ୍ଡଳରେ ଗ୍ରୀନହାଉସ୍ ଗ୍ୟାସର ମାତ୍ରା ବଢ଼ିବ, ଯାହା ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହକୁ ଆଗାମୀ ଦିନରେ ଆହୁରି ଅସହ୍ୟ କରିଦେବ।

୨୦୩୦ର ସୀମାରେଖା ପହଞ୍ଚିବା ପାଇଁ ଆମ ପାଖରେ ମାତ୍ର ୪ ବର୍ଷ ସମୟ ବାକି ଅଛି। ଏଭଳି ସ୍ଥିତିରେ କେବଳ ଆନ୍ତର୍ଜାତୀୟ ମଞ୍ଚରେ ବୈଠକ ବା ପ୍ରତିଶ୍ରୁତି ସମାଧାନ ନୁହେଁ। ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ହେବ। ବିକାଶମୂଳକ ପ୍ରକଳ୍ପ ପାଇଁ ଯଦି ଗୋଟିଏ ଗଛ କଟାଯାଉଛି, ତେବେ ତାହା ବଦଳରେ ପାଞ୍ଚଟି ଗଛ ଲଗାଇବା ଏବଂ ତାହାର ରକ୍ଷଣାବେକ୍ଷଣ କରିବା ବାଧ୍ୟତାମୂଳକ କରାଯାଉ। ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ଜନଜାତି ଓ ଜଙ୍ଗଲ ଅଞ୍ଚଳର ଲୋକଙ୍କୁ ସାମିଲ କରାଯାଉ। କାରଣ ସେମାନେ ହିଁ ଜଙ୍ଗଲର ପ୍ରକୃତ ରକ୍ଷକ। ପ୍ରତ୍ୟେକ ନାଗରିକଙ୍କୁ ବୃକ୍ଷରୋପଣ ସହ ଯୋଡ଼ିବାକୁ ହେବ। ସହରାଞ୍ଚଳରେ ମିୟାୱାକି (ଜାପାନ ପଦ୍ଧତି) କୁ ଆପଣାଇ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯିବା ଆବଶ୍ୟକ। ବନାବରଣକୁ ରକ୍ଷା କରିବା କୌଣସି ଦେଶ ବା ସରକାରଙ୍କର ଏକାକୀ ଦାୟିତ୍ୱ ନୁହେଁ, ଏହା ମାନବ ସଭ୍ୟତା ଅସ୍ତିତ୍ୱ ରକ୍ଷାର ପ୍ରଶ୍ନ। ଆଜି ସଜାଗ ନହେଲେ ଆଗାମୀ ପିଢ଼ିକୁ ଆମେ ଏକ ସବୁଜ ପୃଥିବୀ ବଦଳରେ ଜଳୁଥିବା ପିଣ୍ତୁଳା ଉପହାର ଦେଇଯିବା।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ଆମ ବୃକ୍ଷଲତା ଆମ ଜୀବନ

## ପ୍ରକୃତି-ପରିବେଶ

## ବରକୋଳି

Indian jujube or Common jujube-Zuziphus jujuba

ସୌଭାଗ୍ୟସୁନ୍ଦର

ବରକୋଳି ଦକ୍ଷିଣ ଏସିଆ, ବିଶେଷକରି ଭାରତର ମୂଳଜାତ ଉଦ୍ଭିଦ। ଏହା ବର୍ତ୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ସମଶୀତୋଷ୍ଣୀୟଠାରୁ ଉଷ୍ମମଣ୍ଡଳୀୟ ପର୍ଯ୍ୟନ୍ତ ବିଭିନ୍ନ ଜଳବାୟୁରେ ଚାଷ କରାଯାଏ। ଏହା ଅନାବାଦୀ ଜମି, ଉଦ୍ୟାନ ଓ ମନ୍ଦିର ପରିସରରେ ବଢ଼ିଥାଏ। ବରକୋଳି ଏକ ଛୋଟ ପର୍ଣ୍ଣମୋଚୀ ଗଛ କିମ୍ବା ଗୁଳ୍ମ, ଯାହା ୫-୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ସାଧାରଣତଃ ଅନେକ ଡାଳ ବହନ କରିଥାଏ। ସମଗ୍ର ଗଛଟି କଣ୍ଟକ ଯୁକ୍ତ। ପତ୍ରଗୁଡ଼ିକ ଚକଚକିଆ, ସବୁଜ, ଡିମ୍ବାକାର, ତିନୋଟି ସ୍ପଷ୍ଟ ଶିରା ବାରି ହୁଏ ଏବଂ ଧାର ଦନ୍ତୁରିତ। ଫୁଲଗୁଡ଼ିକ ଛୋଟ ଏବଂ କେବଳ ଗୋଟିଏ ବିହନ ଧାରଣ କରେ।

ଆୟୁର୍ବେଦରେ ବରକୋଳିକୁ ମଧୁର ରସ (ମିଠା ସ୍ୱାଦ) ଅଧୀନରେ ବର୍ଗୀକୃତ କରାଯାଇଛି ଏବଂ ଏହାକୁ ତ୍ରିଦୋଷ ସନ୍ତୁଳନ ଭାବରେ ବିବେଚନା କରାଯାଏ। ବିଶେଷକରି ପିତ୍ତ ଓ ବାତ ଦୋଷ ପାଇଁ ଲାଭଦାୟକ। ଏହା ଅନିଦ୍ରା, ଚାପ ଓ ଚିନ୍ତା ଦୂର କରେ, ପାଚନ ସମସ୍ୟା ଦୂର କରେ, ଚର୍ମ ରୋଗ, କ୍ଷତ ଓ ଅନ୍ତନଳୀକୁ ସୁସ୍ଥ କରେ। ବରକୋଳି ଆଣ୍ଟିଅକ୍ସିଡାଣ୍ଟ ବା ରକ୍ତଶୋଧକ, ଭୋକ ବୃଦ୍ଧି, ଶକ୍ତି ବୃଦ୍ଧି, ପ୍ରଦାହ-ବିରୋଧୀ, ଶାନ୍ତକାରୀ, ଶରୀରର ପ୍ରତିରକ୍ଷା ଶକ୍ତିବର୍ଦ୍ଧକ, ଅଣୁଜୀବ ପ୍ରତିରୋଧୀ, କର୍କଟରୋଧୀ, ରକ୍ତଚାପ ନିୟନ୍ତ୍ରଣକାରୀ, ଯକୃତ ସମ୍ବନ୍ଧୀୟ ସମସ୍ୟା ଉପଶମକାରୀ, ଓଜନ ହ୍ରାସକାରୀ, ପାଚନ ସହାୟକ, ମଧୁମେହ ପ୍ରତିରୋଧକ ଅଟେ। ଏଥିରେ ବାର୍ଦ୍ଧକ୍ୟ-ରୋଧୀ ଗୁଣ ଅଛି। ଡାଇରିଆ ବା ତରଳ ଝାଡ଼ା, ବ୍ୟାକ୍ଟେରିଆ, ଆଲର୍ଜି ଉପଶମ ପାଇଁ ଏହାକୁ ବ୍ୟବହାର କରାଯାଏ। ଏହାର ମ୍ୟୁସିଲେଜ୍ ବା ରସରେ ଆଲଜାଇମର ରୋଗ ଅର୍ଥାତ୍ ସ୍ମରଣ ଶକ୍ତି ହ୍ରାସ ଚିକିତ୍ସା ପାଇଁ ବ୍ୟାପକ କ୍ଷମତା ଅଛି। ଯଦିଓ ବରକୋଳିକୁ ସାଧାରଣତଃ ବହୁତ ସୁରକ୍ଷିତ ବୋଲି ବିବେଚନା କରାଯାଏ, କିଛି ବ୍ୟକ୍ତିଙ୍କ କ୍ଷେତ୍ରରେ କୁଣ୍ଡେଇ, ଫୁଲା କିମ୍ବା ଚର୍ମ ଫୋଡ଼ା ଭଳି ଆଲର୍ଜିକ୍ ପ୍ରତିକ୍ରିୟା ଅନୁଭବ ହୋଇ ପାରେ, କିନ୍ତୁ ଏହା ବହୁତ ବିରଳ।

ପାଚିବା ସହିତ ବରକୋଳିର ଗଠନ ଓ ସ୍ୱାଦ ଭିନ୍ନ ହୋଇପାରେ। ତାଜା ଫଳଗୁଡ଼ିକ ରସାଳ ଏବଂ ଆପେଲ ଓ ଖଜୁରିର ମିଶ୍ରଣ ପରି ସ୍ୱାଦ ହୋଇଥାଏ। ପାଚିଯିବା କିମ୍ବା ଶୁଖିଯିବା ପରେ ସେଗୁଡ଼ିକ ମିଠା, ନରମ ଓ ସ୍ୱାଦରେ ଅଧିକ ସମୃଦ୍ଧ ହୋଇଯାଏ। ଭାରତରେ ପାରମ୍ପରିକ ଭାବରେ ଫଳକୁ ଲୁଣ ଓ ଲଙ୍କା ଗୁଣ୍ଡ ସହିତ ତାଜା ଖିଆଯାଏ। ତେଲ ଏବଂ ମସଲା ସହିତ କ୍ୟାଣ୍ଡି, ଜାମ୍ କିମ୍ବା ଆଚାର ଭାବରେ ସଂରକ୍ଷିତ କରାଯାଏ। ସାଲାଡ୍ ଓ ମିଠାରେ ମଧ୍ୟ ଯୋଡ଼ାଯାଏ। ଏହାର ଶୁଖିଲା ଫଳଗୁଡ଼ିକ ସାଧାରଣତଃ ଚା, ସୁପ୍ ଓ ଷ୍ଟ୍ୟୁରେ ସେମାନଙ୍କର ବ୍ୟବହୃତ ହୁଏ। ଫଳର ପ୍ରାକୃତିକ ମିଠା ଓ ପୁଷ୍ଟିକର ମୂଲ୍ୟ ଏହାକୁ ସ୍ୱାଦିଷ୍ଟ ଓ ମିଠା ଖାଦ୍ୟ ଉଭୟରେ ଏକ ଲୋକପ୍ରିୟ ଉପାଦାନ କରିଥାଏ।

ବରକୋଳି ଫଳଗୁଡ଼ିକରେ ଫ୍ଲାଭିନୋଇଡ୍ସ ଥାଏ, ଯାହା ମଧ୍ୟରେ କେମ୍ପେରୋଲ ୩-ଓ-ରୁଟିନୋସାଇଡ୍, କ୍ୱେରସେଟୋଇନ୍ ୩-ଓ-ରୋବିନୋବାୟୋସାଇଡ୍, କ୍ୱେରସେଟୋଇନ୍ ୩-ଓ-ରୁଟିନୋସାଇଡ୍ ଅନ୍ତର୍ଭୁକ୍ତ। ଏଥିରେ କୋଲୁବ୍ରିନିକ୍ ଏସିଡ୍, ଜିଜିବେରେନାଲିକ୍ ଏସିଡ୍ ଓ ଆଲଫିଟୋଲିକ୍ ଏସିଡ୍ ଭଳି ଟର୍ପେନୋଇଡ୍ସ ମଧ୍ୟ ଥାଏ। ପତ୍ରଗୁଡ଼ିକରେ ସାପୋନିନ୍ ଓ ଜିଜିଫିନ୍ ଥାଏ, ଯାହା ମିଠା ସ୍ୱାଦ ଅନୁଭବ କରିବାର କ୍ଷମତାକୁ ଦମନ କରେ। ଫଳଟି ଭିଟାମିନ୍, ଖଣିଜ ପଦାର୍ଥ, ଆଣ୍ଟିଅକ୍ସିଡାଣ୍ଟ ବା ରକ୍ତ ଶୋଧକ ଏବଂ ଆମିନୋ ଏସିଡ୍‌ରେ ଭରପୂର ଥାଏ। ଆଚାର ଓ ଔଷଧୀୟ ବ୍ୟବହାର ପାଇଁ ଏହା ଏକ ଲୋକପ୍ରିୟ ଫଳ ଭାବେ ବିବେଚନା କରାଯାଏ।

ଔଷଧୀୟ ଓ ପୁଷ୍ଟିକର ମୂଲ୍ୟ ବ୍ୟତୀତ, ଏହି ଫଳଗୁଡ଼ିକ ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକ ପରମ୍ପରାରେ ଏକ ପବିତ୍ର ସ୍ଥାନ ଅଧିକାର କରେ। ରାମାୟଣରେ ଶବରୀ ନାମକ ଜଣେ ବୃଦ୍ଧା ଭକ୍ତ ଭଗବାନ ଶ୍ରୀରାମଙ୍କୁ ବରକୋଳି ଫଳ ଅର୍ପଣ କରିଥିଲେ। ବଦ୍ରିନାଥର ଏକ ପ୍ରମୁଖ ମନ୍ଦିରରେ ବିଷ୍ଣୁଙ୍କୁ ପୂଜା କରାଯାଏ, ସଂସ୍କୃତ ଯୌଗିକ ବଦରୀନାଥରୁ, ଯାହା ବଦରୀ (ବରକୋଳି ଗଛ) ଏବଂ ନାଥ (ପ୍ରଭୁ) ଶବ୍ଦ ନେଇ ଗଠିତ, ବିଷ୍ଣୁଙ୍କ ଏକ ଉପାଧି। ଏହା ବଦରୀକାଶ୍ରାମ ନାମରେ ମଧ୍ୟ ଜଣାଶୁଣା। ଇରାକର ଅଲ-କୁର୍ନାହ ସହରରେ ଏକ ପ୍ରାଚୀନ ବରକୋଳି ଗଛକୁ ସ୍ଥାନୀୟ ଲୋକେ ବାଇବଲରେ ଉଲ୍ଲେଖିତ 'ଜ୍ଞାନବୃକ୍ଷ' ବୋଲି ଦାବି କରନ୍ତି।

ମୁମ୍ବାଇ, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA



## କମର୍ଦ୍ଧା ଜଙ୍ଗଲରେ ଅଘଟଣ

# ପରସ୍ପର ଲଢ଼େଇରେ ମଲା ଦନ୍ତା

ଲାଞ୍ଜିଗଡ଼/ନର୍ଲା, ୨୪।୫(ସମିସ): ପରସ୍ପର ଲଢ଼େଇରେ ମଲା ଦନ୍ତା। କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ଅନ୍ତର୍ଗତ କମର୍ଦ୍ଧା ଗାଁ ପୋଖରୀ ନିକଟ ପୋରଙ୍ଗଲ ଜଙ୍ଗଲ ପାଦଦେଶରୁ ଗୋଟିଏ ଦନ୍ତା ହାତୀର ଗଳିତ ଶବ ଠାବ ହୋଇଛି। ଦୁଇ ଦିନ ତଳୁ ହାତୀର ମୃତ୍ୟୁ ହୋଇଥିବା କୁହାଯାଉଛି।



ପ୍ରତ୍ୟକ୍ଷଦର୍ଶୀମାନଙ୍କ କହିବା କଥା, ଜଙ୍ଗଲ ଭିତରେ ଦୁଇଟି ଦନ୍ତା ହାତୀ ମଧ୍ୟରେ ଲଢ଼େଇରୁ ଗୋଟିଏର ମୃତ୍ୟୁ ହୋଇଛି।

ଗାଁ ଲୋକଙ୍କଠାରୁ ଖବର ପାଇ କମର୍ଦ୍ଧା ଫରେଷ୍ଟର୍ ଦିଆଲୁ ରାଉତ, ଦଶରଥ ସାହୁଙ୍କ ସହ ଅନ୍ୟ କର୍ମଚାରୀ ପହଞ୍ଚି ଶବ ଜବତ କରିଥିଲେ। ଘଟଣାସ୍ଥଳରେ ଉତ୍ତର ବନଖଣ୍ଡ ଡିଏଫ୍ଓ ପ୍ରଭାକର ବର୍ମା, ଏସିଏଫ୍ ପ୍ରଭୁଦତ୍ତ ମିଶ୍ର, ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜର ଭାରତ ଭୂଷଣ ଶବର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନର୍ଲାରୁ ପ୍ରାଣୀ ସମ୍ପଦ ଚିକିତ୍ସକଙ୍କ ଟିମ୍ ପହଞ୍ଚିବା ପରେ ଘଟଣାସ୍ଥଳରେ ହାତୀର ବ୍ୟବଚ୍ଛେଦ କରାଯାଇ ସେଇ ନିକଟରେ ଗାତ ଖୋଳି ପୋତି ଦିଆଯାଇଛି।

ଗତ ୧୦ବର୍ଷ ହେଲା, ଲାଞ୍ଜିଗଡ଼ ବ୍ଲକ୍‌ର କମର୍ଦ୍ଧା, ଭୁର୍ଟିଗଡ଼ ଓ ନର୍ଲା ବ୍ଲକ୍‌ର ବାଗପୁର, କୁରମେଲ ଆଦି ଅଞ୍ଚଳରେ ଜଙ୍ଗଲୀ ହାତୀପଲଙ୍କ ଚଳପ୍ରଚଳ ଲାଗି ରହିଥିବା ବେଳେ ବିଭିନ୍ନ ସମୟରେ ୫ଟି ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ୧୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ସେହିପରି ଅଞ୍ଚଳର ହଜାର ହଜାର ଏକର ଜମିକୁ ହାତୀପଲ

### ତିନିବର୍ଷ ମଧ୍ୟରେ ଗଲାଣି ୫ ହାତୀଙ୍କ ଜୀବନ

ଦଳିମକଚି ନଷ୍ଟ କରିଦେଉଛନ୍ତି। ଏବେ ବି ମୃତ ହାତୀ ନିକଟରେ ଦୁଇଟି ହାତୀପଲ ରହିଥିବାରୁ ହାତୀ ନିକଟରେ ପହଞ୍ଚିବାରେ ବିଳମ୍ବ ହୋଇଥିବା ବନ ବିଭାଗ ସଫେଇ ଦେଇଛି। ଦୀର୍ଘ ବର୍ଷ ଧରି ଏ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଜାରି ରହିଥିବା ବେଳେ ବିଭିନ୍ନ ସମୟରେ ହାତୀ ଓ ମଣିଷଙ୍କ ଜୀବନ ହାନି ହୋଇଛି। ଅପରପକ୍ଷରେ, ବନ ବିଭାଗ ପକ୍ଷରୁ ହାତୀଙ୍କ ସୁରକ୍ଷା, ଲୋକଙ୍କ ଧନଜୀବନର ସୁରକ୍ଷା ସବୁବେଳେ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିବା ବେଳେ ସବୁଥର ବନ ବିଭାଗ ଫେଲ୍ ମାରିଛି।

## ବେଆଇନ ବାଲି ଉତ୍ତୋଳନ ନେଇ ଏନ୍‌ଜିଟିର କଡ଼ା ପଦକ୍ଷେପ

# ଯୁଗ୍ମ କମିଟି ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ବାରିପଦା, ୨୪।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରେ ଚାଲିଥିବା ଅବୈଧ ବାଲି ଉତ୍ତୋଳନ ମାମଲାକୁ କୋଲକାତାସ୍ଥିତ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ପୂର୍ବାଞ୍ଚଳ ବେଞ୍ଚ ଗୁରୁତ୍ୱର ସହ ନେଇଛନ୍ତି। ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ୍ ମେମ୍ବର) ଓ ଈଶ୍ୱର ସିଂହ (ଏକ୍ସପର୍ଟ ମେମ୍ବର)ଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଯୁଗ୍ମ କମିଟି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।




ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ନେଇ ଗଠିତ ଯୁଗ୍ମ କମିଟି ଦୁଇ ସପ୍ତାହ ମଧ୍ୟରେ ସ୍ଥାନ ପରିଦର୍ଶନ କରି ଅଭିଯୋଗର ସତ୍ୟତା ଯାଞ୍ଚ କରିବ ଓ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସୁପାରିଶ କରିବ। ଜିଲ୍ଲାପାଳ ଏହି କମିଟିର ନୋଡାଲ୍ ଅଧିକାରୀ ରହିବେ। କମିଟି ରିପୋର୍ଟ ଏକ ମାସ ମଧ୍ୟରେ ଦାଖଲ କରିବ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୪ ଜୁଲାଇ ତାରିଖକୁ ରଖାଯାଇଛି ବୋଲି ଆଇନଜୀବୀ ଅଖଣ୍ଡ ପ୍ରକାଶ କରିଛନ୍ତି।

ଦିଲ୍ଲୀପ ସାମନ୍ତରାୟଙ୍କ ଅଭିଯୋଗ ଅନୁଯାୟୀ, ରଞ୍ଜନ କୁମାର ସାମଲ ଓରଫ୍ ରୁନା ସାମଲ ବିଗତ ୩ବର୍ଷ ଧରି ବୁଢ଼ାବଳଙ୍ଗ ନଦୀର ତେନ୍ତୋଳ ଓ ପଣ୍ଡୁପାଳ ଦୁଇଟି ସ୍ଥାନରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ପ୍ରତ୍ୟେକ ସ୍ଥାନରୁ ପ୍ରାୟ ୫ ଲକ୍ଷ ଘନମିଟର ବାଲି ଉତ୍ତୋଳନ କରାଯାଇଥିବା ଅଭିଯୋଗ ହୋଇଛି। ନଦୀକୂଳ କାଟି ରାସ୍ତା ତିଆରି କରି ରାତିଦିନ ବାଲି ପରିବହନ କରାଯାଉଛି। ୨୦୨୬ ମାର୍ଚ୍ଚ ୧୨ରେ ଖଣି ବିଭାଗ ଅଧିକାରୀ ତେନ୍ତୋଳ ଘାଟରେ ଚଢ଼ଉ କରି ଗୋଟିଏ ଏକ୍ସାଭେଟର୍ ମେସିନ୍ ଜବତ କରିବା ସହ ଏ ସଂପର୍କରେ ବଡ଼ସାହି ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ଟ୍ରିବ୍ୟୁନାଲର ଆଦେଶ ଅନୁସାରେ ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଛି।

# ପୋଖରୀରେ ବୁଡ଼ି ୨ ଛାତ୍ର ମୃତ

ବ୍ରହ୍ମପୁର, ୨୪।୫(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ନିଗମ ନଗର ନୂଆସାହି ପୋଖରୀରେ ବୁଡ଼ି ୨ ନାବାଳକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ବ୍ରହ୍ମପୁର ଗଜପତିନଗର ଅଞ୍ଚଳର ବିଶ୍ୱଜିତ ପଣ୍ଡା ଓ ଖୋଡ଼ାସିଙ୍ଗି ଅଞ୍ଚଳର ଅଭିଜିତ୍ ମାରାଣ୍ଡି। ରବିବାର ସକାଳେ ବିଶ୍ୱଜିତ୍ ଓ ଅଭିଜିତ ଅନ୍ୟ ୨ସାଙ୍ଗଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ସେମାନେ ପହଁରା ଶିଖୁଥିଲେ। ଏହି ସମୟରେ ବିଶ୍ୱଜିତ ପାଣିରେ ବୁଡ଼ି ଯାଇଥିଲା। ତାକୁ ଉଦ୍ଧାର କରିବାକୁ ଯାଇ ଅଭିଜିତ ବି ବୁଡ଼ି ଯାଇଥିଲା। ଅନ୍ୟ ଜଣେ ବାଳକ ମଧ୍ୟ ପାଣିରେ ବୁଡ଼ି ଯାଉଥିବା ବେଳେ ନିକଟରେ ଥିବା ସାଙ୍ଗ ତାକୁ ଉଦ୍ଧାର କରିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁଇ ନାବାଳକଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।





ମୃତ ବିଶ୍ୱଜିତ୍ ଓ ଅଭିଜିତ ବ୍ରହ୍ମପୁର ସହରର ଡିପଲ୍ ସ୍କୁଲର ମେଧାବୀ ଛାତ୍ର ଥିବା ବେଳେ ଉଭୟ ଚଳିତ ବର୍ଷ ମାଟ୍ରିକ୍ ପାସ କରିଥିଲେ।ଯୁକ୍ତଦୁଇବିଜ୍ଞାନରେପଢ଼ିବାଲାଗିନାମଲେଖାଇଥା'ନ୍ତେ। ବିଶ୍ୱଜିତଙ୍କ ବାପା ବିଷ୍ଣୁପ୍ରସାଦ ପଣ୍ଡା ବ୍ରହ୍ମପୁର ବିଜେପିର ପୂର୍ବତନ ନଗର ସଭାପତି। ଅଭିଜିତ୍‌ଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ ହୋଇଥିବା ବେଳେ ସେ ବ୍ରହ୍ମପୁର ଖୋଡ଼ାସିଙ୍ଗି ଅଞ୍ଚଳରେ ସପରିବାରେ ରହି ଆସୁଥିଲେ। ଉଭୟ ସେମାନଙ୍କ ପରିବାରର ଏକମାତ୍ର ପୁଅ ଥିଲେ। ବ୍ରହ୍ମପୁର ବିଧାୟକ. କେ ଅନୀଲ କୁମାର ମେଡିକାଲରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ବୈଦ୍ୟନାଥପୁର ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅବଶିଷ୍ଟାଂଶ...

### ପୁଣି ବଢ଼ିବ...

ଗତ ଦୁଇ ବର୍ଷ ଧରି, ଭାରତ ଏହାର ଆମଦାନୀ ଖର୍ଚ୍ଚ ନିୟନ୍ତ୍ରଣ କରିବା ପାଇଁ ସବସିଡିଯୁକ୍ତ ରୁଷିଆ ଅଶୋଧିତ ତେଲ ଉପରେ ବହୁତ ନିର୍ଭର କରିଥିଲା। କିନ୍ତୁ ବର୍ତ୍ତମାନ ବିଶ୍ୱବ୍ୟାପୀ ଅଶୋଧିତ ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ଅତିକ୍ରମ କରିସାରିଛି, ତେଣୁ ସରକାରୀ ତେଲ କମ୍ପାନୀଗୁଡ଼ିକ ମାସ ମାସ ଧରି ମୂଲ୍ୟ ସ୍ଥିର ରଖିବା ପରେ ଶେଷରେ ଘରୋଇ ମୂଲ୍ୟ ସଂଶୋଧନ କରିବା ଆରମ୍ଭ କରିଛନ୍ତି। ଭାରତର ତୈଳ ରଣନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ମେ ମାସରେ, ଭେନେଜୁଏଲା ସାଉଦି ଆରବ ଏବଂ ଆମେରିକାକୁ ପଛରେ ପକାଇ ଭାରତର ତୃତୀୟ ବୃହତ୍ତମ ଅଶୋଧିତ ତେଲ ଯୋଗାଣକାରୀ ହୋଇଗଲା।

### ୯୦ ବର୍ଷୀୟ ଶାଶୂଙ୍କୁ...

୧,୫୦୦ ଟଙ୍କା ଭତ୍ତା ମିଳେ ଏବଂ ଏହି ଟଙ୍କା ପାଇଁ ସେ ବିଗତ କିଛି ମାସ ହେବ ଏଭଳି କଷ୍ଟ ସହୁଛନ୍ତି। ପୂର୍ବରୁ ଗାଁରେ ଭତ୍ତା ମିଳୁଥିଲା, ହେଲେ ଏବେ ସେହି ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଡିଜିଟାଲ ଇଣ୍ଡିଆ ଏବଂ ଘର ପାଖରେ ସରକାରୀ ସେବା ଯୋଗାଇଦେବାର ବଡ଼ ବଡ଼ ଦାବି ସତ୍ତ୍ୱେ, ଗ୍ରାମାଞ୍ଚଳରେ ବୃଦ୍ଧ ଓ ଅସହାୟ ଲୋକଙ୍କୁ ନିଜର ମୌଳିକ ଅଧିକାର ପାଇଁ ଏଭଳି ସଂଘର୍ଷ କରିବାକୁ ପଡୁଥିବାରୁ ପ୍ରଶାସନ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ମୌସୁମୀ ଆସିବା...

ନେଇ ପାଗ ଅନୁକୂଳ ରହିଥିବା ଯୋଗୁଁ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଆଭ୍ୟନ୍ତରୀଣ ଓଡ଼ିଶାରେ ଆସନ୍ତା ୪ ରୁ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହଜାରି ରହିବ। ପ୍ରଚଣ୍ଡ ସୂର୍ଯ୍ୟ କିରଣ ଏବଂ ଶୁଷ୍କ ଉତ୍ତର-ପଶ୍ଚିମା ପବନ ଯୋଗୁଁ ଝାରସୁଗୁଡ଼ା, ସମ୍ବଲପୁର ଏବଂ ବଲାଙ୍ଗିର ଭଳି ଜିଲ୍ଲାଗୁଡ଼ିକରେ ସର୍ବୋଚ୍ଚ ତାପମାତ୍ରା କ୍ରମାଗତ ଭାବେ ୪୩-୪୫ ଡିଗ୍ରୀ ମଧ୍ୟରେ ରହିବ। ଅନ୍ୟପକ୍ଷରେ, ଉପକୂଳବର୍ତ୍ତୀ ଅଞ୍ଚଳ ଯେପରିକି ଭୁବନେଶ୍ୱର, କଟକ ଏବଂ ପୁରୀରେ ବାୟୁମଣ୍ଡଳର ତାପମାତ୍ରା ସାମାନ୍ୟ କମ୍ ରହିଲେ ମଧ୍ୟ ଶାରୀରିକ ଅସ୍ୱାଭାବିକତା ଓ ଗୁଳୁଗୁଳି ବହୁତ ଅଧିକ ରହିବ। ବଙ୍ଗୋପସାଗରରୁ ପ୍ରଚୁର ପରିମାଣରେ ଆଦ୍ରତା ପ୍ରବେଶ କରୁଥିବାରୁ ଏହା ଗୁଳୁଗୁଳିକୁ ବହୁତ ବଢ଼ାଇଦେବ। ସ୍ଥାନୀୟ କାରଣରୁ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ କାଳବୈଶାଖୀ ଜନିତ ସୀମିତ ବର୍ଷା ହେବାର ସମ୍ଭାବନା ଥିଲେ ମଧ୍ୟ ଏହା ଗ୍ରୀଷ୍ମ ପ୍ରବାହ ସ୍ଥିତିରେ କୌଣସି ବଡ଼ ପରିବର୍ତ୍ତନ କରିପାରିବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ବିଭିନ୍ନ ମଡେଲ୍ ଅନୁସାରେ ୨୮-୨୯ ତାରିଖ ପରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ଦୁର୍ବଳ ହେବ। ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ, ତଥାପି ପାଗ ଗରମ ଓ ଗୁଳୁଗୁଳି ସ୍ଥିତି କିଛିମାତ୍ରାରେ ରହିବ। ଏହି ସମୟରେ ବାୟୁମଣ୍ଡଳୀୟ ଅସ୍ଥିରତା ବଢ଼ିବା ଯୋଗୁଁ ପୂର୍ବ ଭାରତରେ ମେଘୁଆ ପାଗ, ଝଡ଼ ପବନ ଏବଂ ସଂଗଠିତ ସନ୍ଧ୍ୟାକାଳୀନ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ। ବିଭିନ୍ନ ପାଣିପାଗ ମଡେଲ୍‌ର ସୂଚନା ଅନୁଯାୟୀ, ମାସ ଶେଷ ଆଡ଼କୁ କିମ୍ବା ଜୁନ୍ ପ୍ରାରମ୍ଭରେ ପଶ୍ଚିମ-କେନ୍ଦ୍ରୀୟ କିମ୍ବା ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ତୀବ୍ରତାକୁ ନେଇ ଏବେ ସ୍ପଷ୍ଟତା ଆସି ନ ଥିବା ବେଳେ ଏହି ଲଘୁଚାପ ସକ୍ରିୟ ହେଲେ ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ବର୍ଷାର ପରିମାଣ ବହୁତ ବଢ଼ିଯିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ବର୍ତ୍ତମାନର ଗତିପଥ ଅନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୭-୧୧ ତାରିଖ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି, ଯାହାକି ସ୍ୱାଭାବିକ ସମୟ ସହ ସମାନ କିମ୍ବା ସାମାନ୍ୟ ଆଗୁଆ ହୋଇପାରେ। ମୌସୁମୀ ଆଗମନର ଠିକ୍ ପୂର୍ବରୁ ସ୍ଥଳଭାଗକୁ ଦକ୍ଷିଣା ପବନର ପ୍ରବାହ ଶକ୍ତିଶାଳୀ ହେବ, ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ରା ତୀବ୍ର ଗତିରେ ବଢ଼ିବ ଏବଂ କ୍ରମାଗତ ଭାବେ ଘନ ମେଘ ସୃଷ୍ଟି ହେବା ସହ ବିସ୍ତୃତ ଅଞ୍ଚଳରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ହେବ। ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହ ପ୍ରବେଶ କରିବା ପରେ, ଜୁନ୍ ଦ୍ୱିତୀୟ ସପ୍ତାହରେ ସାରା ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହୋଇଯିବ। ଏହାଦ୍ୱାରା ଦିନର ତାପମାତ୍ରା ଆହୁରି କମିଯିବ ଏବଂ ବର୍ଷାର ପ୍ରଭାବକୁ ନେଇ ସାଧାରଣତଃ ଉପକୂଳ ଜିଲ୍ଲାଗୁଡ଼ିକରେ ୩୨-୩୫ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୩୪-୩୭ ଡିଗ୍ରୀ ମଧ୍ୟରେ ସ୍ଥିର ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ରାଜ୍ୟର ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗିରରେ ଗ୍ରୀଷ୍ମ ଲହରୀ ସ୍ଥିତି ଉପୁଜିବା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

### ଫେରିବ ମାଓବାଦୀ...

ଅଧୀନ ଚେରୁ ଓ ଦିଗଜାନବାଇ ଗାଁ ମଝିରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଟି ନେଇଥିଲେ। ମାଓବାଦୀମାନେ ୨୦୦୧ ମସିହାରେ କାଳିମେଳା ଥାନା ଉପରେ ଆକ୍ରମଣ କରି ପୁଲିସକୁ ହତ୍ୟା କରିଥିଲେ। ସେଠାରୁ ଝାରସୁଗୁଡ଼ା ଓଏସ୍‌ଏପି ବାଟାଲିୟନର ୧୭ଟି ୩୦୩ ରାଇଫଲ୍, ୨ଟି ଏସ୍‌ଏଲ୍‌ଆର୍, ୩ଟି ଏକେ-୪୭, ୩ଟି ୯ ଏମ୍‌ଏମ୍ ଷ୍ଟେନ୍ ସମେତ ୨୯ଟି ଅସ୍ତ୍ରଶସ୍ତ୍ର ଲୁଟ୍ କରି ନେଇଥିଲେ। ସେହିପରି ୨୦୦୮ ଫେବ୍ରୁଆରୀରେ ୫୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ନୟାଗଡ଼ ପୁଲିସ ଟ୍ରେନିଂ ସ୍କୁଲ୍, ଜିଲ୍ଲା ଅସ୍ତ୍ରାଗାର ଓ ଥାନା ଉପରେ ଆକ୍ରମଣ କରି ଅସ୍ତ୍ରଶସ୍ତ୍ର ଲୁଟି ନେଇଥିଲେ। ବିଗତ ଦିନମାନଙ୍କରେ ବିଭିନ୍ନ ରାଜ୍ୟରେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଟ୍ କରିଥିବା ବେଳେ ଓଡ଼ିଶାରୁ ସ୍ଥାନରୁ ପ୍ରାୟ ୬୫୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଲୁଟି ନେଇଛନ୍ତି।

ଏବେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ସହ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କଠାରୁ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ଓଡ଼ିଶା ଓ ଅନ୍ୟ ରାଜ୍ୟରୁ ଲୁଟ୍ ହୋଇଥିବା ଜଣାପଡ଼ିଛି। ଓଡ଼ିଶାରେ ଜବତ ହୋଇଥିବା ତାଲିକା ମଧ୍ୟ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ସେହିଭଳି ଅନ୍ୟ ରାଜ୍ୟରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରର ତାଲିକା ଆଣିଛି ଏସ୍‌ଆଇଡବ୍ଲୁ। ଜିଲ୍ଲା ବଟ୍ ନମ୍ବର, ବଡି ନମ୍ବର ଆଧାରରେ କେଉଁ ପ୍ରକାରର ଅସ୍ତ୍ରଶସ୍ତ୍ର କେଉଁଠାରୁ ଲୁଟ୍ ହୋଇଛି, ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ସେହି ତାଲିକାକୁ ଓଡ଼ିଶା ଓ ଅନ୍ୟ ରାଜ୍ୟରେ ମାଓବାଦୀଙ୍କଠାରୁ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରର ତାଲିକା ସହ ମେଳ କରାଯାଇଛି। ଏହି ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶାରୁ ଲୁଟ୍ ହୋଇଥିବା ପ୍ରାୟ ୬୫୦ ଅସ୍ତ୍ରଶସ୍ତ୍ର ମଧ୍ୟରୁ ୪୨୦ଟିର ସନ୍ଧାନ ମିଳି ସାରିଛି। ରାଜ୍ୟରୁ ଲୁଟ୍ ଅସ୍ତ୍ରଶସ୍ତ୍ର ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ଠାବ ହୋଇଥିବା ଜଣାପଡ଼ିବା ପରେ ଏସ୍‌ଆଇଡବ୍ଲୁ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂପୃକ୍ତ ଅସ୍ତ୍ରଶସ୍ତ୍ର ଫେରାଇ ଆଣିବା ଲାଗି ଉପରୋକ୍ତ ରାଜ୍ୟର ପୁଲିସ ଡିଜିଙ୍କୁ ଏସ୍‌ଆଇଡବ୍ଲୁ ଚିଠି ଲେଖିଛି। ଏଥିସହ ସିଆର୍‌ପିଏଫ୍ ଆଇଜି ଓ ବିଏସ୍‌ଏଫ୍ ଆଜିଙ୍କୁ ମଧ୍ୟ ଚିଠି ଲେଖି ଅବଗତ କରାଯାଇଛି। ବାକି ପ୍ରାୟ ୨୩୦ଟି ଅସ୍ତ୍ରଶସ୍ତ୍ରର ସନ୍ଧାନ ପାଇଁ ବିଭିନ୍ନ ତାଲିକା ଯାଞ୍ଚ କରାଯାଉଥିବା ବେଳେ ବିଭିନ୍ନ ପୁଲିସ ସହ ଯୋଗାଯୋଗ କରୁଛି ଏସ୍‌ଆଇଡବ୍ଲୁ।

### ବଢୁଛି ଅସନ୍ତୋଷ...

ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର ହେଉଥିଲେବି ଓଡ଼ିଶା ପରି ବିଜୁଳି କାଟ ହେଉନାହିଁ। ଓଡ଼ିଶାର ହାରାହାରି ବିଦ୍ୟୁତ ଚାହିଦା ଗତ ୨୦ ତାରିଖରେ ୬୧୧୫ ମେଗାୱାଟ ଥିବାବେଳେ ସର୍ବାଧିକ ଚାହିଦା ୭୨୫୧ ମେଗାୱାଟ ଥିଲା। ଅର୍ଥାତ ହାରାହାରି ଚାହିଦା ଓ ସର୍ବାଧିକ ଚାହିଦା ମଧ୍ୟରେ ଦୂରତା ଥିଲା ୧୧୩୬ ମେଗାୱାଟ। ଏହି ଦୂରତା ପ୍ରବଳ ବେଗରେ ବୃଦ୍ଧି ପାଇ ଗତ ୨୨ ତାରିଖରେ ୧୬୭୨ ମେଗାୱାଟରେ ପହଞ୍ଚି ଥିଲେବି ରାଜ୍ୟ ଆବଶ୍ୟକ କରୁଥିବା ଅତିରିକ୍ତ ୫୩୬ ମେଗାୱାଟ୍ ଯୋଗାଣ କରିବାରେ ବିତରଣ କମ୍ପାନୀ ଓ ଗ୍ରୀଡ୍‌କୋ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଫଳରେ ବିଜୁଳି କାଟ୍ ଓଡ଼ିଶାରେ ଉତ୍କଟ ରୂପ ଧାରଣ କରିଛି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

ଅନ୍ୟପଟରେ ଓଡ଼ିଶାର ବିଦ୍ୟୁତ ବିତରଣ ଭିତ୍ତିଭୂମିକୁ ସୁଦୃଢ଼ ଓ ମଜଭୁତ କରିବା ପାଇଁ ନିର୍ମାଣ କରାଯାଉଥିବା ଲାଇନ ଓ ସବ-ଷ୍ଟେସନ ପରମାୟୁ ୨୫ ବର୍ଷ। ଲାଇନ ଓ ସବ-ଷ୍ଟେସନ ପୁରୁଣା ହୋଇଗଲେ ତାହାର ବିଦ୍ୟୁତ ପ୍ରବାହ କ୍ଷମତା କମିଯାଏ। ବିଦ୍ୟୁତ୍ ସେବାରେ ନିୟୋଜିତ ଥିବା ୨୦ ବର୍ଷରୁ ଉଦ୍ଧ୍ୱର୍ ଲାଇନ ଓ ସବ୍-ଷ୍ଟେସନର ଚିହ୍ନଟ ପ୍ରକ୍ରିୟା ଏବଂ ନବୀକରଣ କାମ ଅତ୍ୟନ୍ତ ଆବଶ୍ୟକ ଥିଲେ ବି ତାହାକୁ ତ୍ୱରାନ୍ୱିତ କରିବାରେ ବିତରଣ କମ୍ପାନୀ, ଗ୍ରୀଡ୍‌କୋ ଓ ସରକାର ବିଫଳ ହୋଇଛନ୍ତି। ସେଥିପାଇଁ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ବୃଦ୍ଧି ପାଉଛି ବୋଲି ଶକ୍ତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି।

**AFFIDAVIT**

I, Lakshmikanta Mohanty, S/o- Manoj Mohanty, resident of At- Badanafrai, Po- Sankhari, Ps- Bhograi, District- Balasore, Odisha, declared by this affidavit no 8203 dated 06/05/2026 that now on word I shall be known as Lakshmikanta Mohanty for all future purposes. Henceforth, **Lakshmikanta Mohanty and Jhantu Mohanty** is the same and one person who is myself.

**AFFIDAVIT**

By virtue of an affidavit no. 899 before the Executive Magistrate, Nabarangpur, dtd. 29.07.2025, I, Umesh Harijan, S/o- Tulasi Harijan, resident of Dandasi Street, Nabarangpur, Odisha, declare that the correct name of my daughter is Jerina Harijan and father's name is Umesh Harijan. In the Birth Certificate, the names have been wrongly entered as Jerina Majhi and Umesh Majhi. Henceforth, the correct names shall be treated as Jerina Harijan, daughter of **Umesh Harijan** for all purposes.

25001/237/2627

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**
E-Mail: rw.kamakhyanagar@yahoo.co.in
**e-procurement Notice No 03 / Road Work / 2026-27**

1. **Name of the work** : Road Work
2. **Total No. of Works** : 4 (Four) Nos
3. **Tender Cost** : Rs.63.80 to 98.57 lakhs
4. **Class Contractor** : "B" equivalent
5. **Period of Completion** : 6 calendar months
6. **Availability of Tender online for bidding** : 28.05.2026 at 11.00 A.M to 09.06.2026 up to 4.00 P.M
7. **Last Date & Time of seeking tender clarification** : 08.06.2026 up to 4.00 PM
8. **Date & Time of opening of Tech Bid** : 10.06.2026 at 5.00 PM
9. **Date & Time of opening of financial Bid** : Intimate Later

Other Details can be seen from the website http://tendersorissa.gov.in.

**Superintending Engineer**
**Rural Works Division-II, Dkl**
**Kamakhyanagar**

OIPR-25001/25094/1/26-27/0003

24001/167/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No RDM-LAA-JAJ-0012-2023- 15269 R&DM, Dated 10.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନହୋରାଣୀ ପୋଖରୀ (ଅତିରିକ୍ତ)**, ଥାନା-ଟମକା ସଂ. ୭୦, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲ ରେ ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୬୫୫୮ ତା. ୨୪.୦୭.୨୦୨୩ ରିଖ** ରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା **୫୪୨୫ ତା. ୦୫.୦୨.୨୦୨୬ ରିଖ** ଅନୁସାରେ ଅଧିସୂଚନା ର ବୈଧତା ତା. **୦୮.୧୦.୨୦୨୬** ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ନହୋରାଣୀ ପୋଖରୀ (ଅତିରିକ୍ତ)**, ଥାନା-ଟମକା ସଂ. ୭୦, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲ ରେ ବରପଦା ଶାଖା କେନାଲ ନିର୍ମାଣ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲୀ ଦକ୍ଷିଣ କେନାଲ ପ୍ରଣାଳୀ, ସୁକିନ୍ଦା ଏବଂ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ ମଣ୍ଡଳ ନଂ. ସୁକିନ୍ଦା ରେଙ୍ଗାଲୀ କେନାଲ ପ୍ରଣାଳୀ, ସୁକିନ୍ଦା ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଯାଜପୁର** | **ତହସିଲ: - ଦାନଗଦି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନହୋରାଣୀ ପୋଖରୀ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୫.୮୮୫ | ଏକର ୧.୭୫୦ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)**

**ଜିଲ୍ଲା:- ଯାଜପୁର** | **ତହସିଲ: - ଦାନଗଦି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍‌ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୮.୧୦.୨୦୨୬ ।**

**ଜମି ଅନୁସୂଚି**

ଗ୍ରାମର ନାମ : ନୋହରାଣିପୋଖରୀ (ଅତିରିକ୍ତ)
ଥାନାର ନାମ : ଟମକା ନଂ : ୭୦ | ତହସିଲ : ଦାନଗଦି
ଜିଲ୍ଲା : ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ. : /

| କ୍ର ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିଗୃହିତ ଜମିର ରକବା | କିସମ | ରୟତର ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୩ | ୪୦୩ | ୦.୦୭୦ | ୦.୦୭୦ | ଶାରଦ ଦୁଇ | ବୈକୁଣ୍ଠ ରାଉତ ପିତା- ଲକ୍ଷ୍ମଣ ରାଉତ ଓଗେର, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୨ | | ୪୦୪ | ୦.୧୭୦ | ୦.୧୪୦ | ଶାରଦ ଦୁଇ | ବୈକୁଣ୍ଠ ରାଉତ ପିତା- ଲକ୍ଷ୍ମଣ ରାଉତ ଓଗେର, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୩ | | ୪୦୫ | ୦.୧୦୦ | ୦.୦୨୦ | ଶାରଦ ଦୁଇ | ବୈକୁଣ୍ଠ ରାଉତ ପିତା- ଲକ୍ଷ୍ମଣ ରାଉତ ଓଗେର, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୪ | ୩୯ | ୪୧୦ | ୦.୩୨୦ | ୦.୧୬୦ | ଶାରଦ ଦୁଇ | କାର୍ତ୍ତିକ ଚନ୍ଦ ଓଗେର ପିତା-ଗାଣ୍ଡୁ ଚନ୍ଦ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୫ | ୩୯ | ୪୧୨ | ୦.୧୯୦ | ୦.୧୯୦ | ଶାରଦ ଦୁଇ | କାର୍ତ୍ତିକ ଚନ୍ଦ ଓଗେର ପିତା-ଗାଣ୍ଡୁ ଚନ୍ଦ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୬ | ୮୫ | ୪୧୩ | ୦.୨୩୦ | ୦.୧୦୦ | ଶାରଦ ଦୁଇ | ଧ୍ରୁବସେନ ରାଉତ ପିତା-ମାର୍କଣ୍ଡ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୭ | ୧୩୩ | ୩୯୯ | ୦.୦୮୦ | ୦.୦୩୦ | ଶାରଦ ଦୁଇ | ବିରଭଦ୍ର ବଳ ପିତା-ଅନନ୍ତ ବଳ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୮ | ୧୪୧ | ୪୦୭ | ୦.୩୧୦ | ୦.୦୫୦ | ଶାରଦ ଦୁଇ | ଭାଗିରଥୀ ରାଉତ ଓଗେର ପିତା-ନୃସିଂହ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୯ | | ୪୧୪ | ୨.୦୫୦ | ୦.୭୦୦ | ଶାରଦ ଦୁଇ | ଭାଗିରଥୀ ରାଉତ ଓଗେର ପିତା-ନୃସିଂହ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୧୦ | ୨୦୨ | ୪୧୧ | ୦.୩୦୦ | ୦.୧୬୦ | ଶାରଦ ଦୁଇ | ଶେଷଦେବ ରାଉତ ପିତା-ରାମ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୧୧ | | ୪୧୫ | ୧.୮୮୦ | ୦.୦୩୦ | ଶାରଦ ଦୁଇ | ଶେଷଦେବ ରାଉତ ପିତା-ରାମ ରାଉତ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| ୧୨ | ୨୧୦/ ୪୧ | ୪୦୨ | ୦.୧୮୫ | ୦.୧୦୦ | ଶାରଦ ଦୁଇ | କୈଳାସ ଚନ୍ଦ୍ର ବଳ ପିତା-ଭାସ୍କର ଚନ୍ଦ୍ର ବଳ, ଜା: ଖଣ୍ଡାୟତ, ବା:ବାଙ୍ଗରକୋଟା |
| | | | ମୋଟ | ୧.୭୫୦ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0037

## ଭଦ୍ରକ ଜିଲ୍ଲାରେ ବଢ଼ି ଚାଲିଛି ବନ୍ଧୁକ ମୁନ୍‌ରେ ଲୁଟ୍‌ତରାଜ

# ୧୫ ଦିନ ମଧ୍ୟରେ ଘଟିଲାଣି ୩ ବଡ଼ଧରଣର ଲୁଟ୍

ଭଦ୍ରକ,୨୪।୫(ସମିସ)

ଭଦ୍ରକ ଜିଲ୍ଲାରେ ଏବେ ବନ୍ଧୁକ ମୁନରେ ଲୁଟ୍‌ତରାଜ ଅପରାଧ ବଢ଼ି ବଢ଼ି ଚାଲିଛି। ଗତ ୧୫ଦିନ ମଧ୍ୟରେ ବନ୍ଧୁକ ମୁନରେ ୩ଟି ବଡ଼ ଧରଣର ଲୁଟ୍ ତରାଜ ଘଟଣା ଏହାକୁ ସ୍ୱତଃ ପ୍ରମାଣିତ କରିଛି। ଗତ ୧୪ ତାରିଖ ରାତିରେ ଭଦ୍ରକ ବ୍ଲକ୍ ସାବରଙ୍ଗ ଥାନା ଅଧୀନ ପଗଡ଼ ନଦେଇଡିହ ଗାଁରେ ବନ୍ଧୁକ ଦେଖାଇ ଡକାୟତି ହୋଇଥିଲା।



ସୂଚନାନୁଯାୟୀ, ରୀତିରଞ୍ଜନ ସ୍ୱାଇଁ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ, ପିଉସା, ପିଉସୀ, ଭାଉଜ ଘରେ ଥିଲେ। ରାତିରେ କେହି କବାଟ ବାଡ଼େଇବାରୁ ରୀତିରଞ୍ଜନଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। ହଠାତ୍ ୬ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ହାତରେ ବନ୍ଧୁକ, ଖଣ୍ଡା, ସ୍କ୍ରୁଡାଇଭର ଆଦି ଧରି ଘରେ ପଶିଥିଲେ। ପରେ ପରିବାରର ସମସ୍ତ ସଦସ୍ୟଙ୍କୁ ଗୋଟେ ଘରେ ବନ୍ଦ କରିଥିଲେ। ଏହାପରେ ସମସ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇ ଆଲମିରା ଚାବି ନେଇ ନଗଦ ୧.୫ ଲକ୍ଷ ଟଙ୍କା ଓ ସୁନା ଗହଣା, ୩ଟି ଆଇଫୋନ୍ ଲୁଟି ନେଇ ପଳାଇଥିଲେ। ସାବରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଅନୁରୂପଭାବେ ଧାମନଗର ଥାନା ଅଞ୍ଚଳରେ ଗତ ୧୯ ତାରିଖରେ ଜଣେ ସୁନା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍ ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଲୁଟେରାମାନେ ପ୍ରାୟ ୪ ଲକ୍ଷ ଟଙ୍କାର ସୁନା ଓ ରୁପା ଲୁଟି ନେଇଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି। ଖବର ଅନୁଯାୟୀ, ଗୋଡୁପୋଖରୀ ଗ୍ରାମର ଶାହା କସିମଉଦ୍ଦିନ ଧାମନଗରରେ ଏକ ଗହଣା ଦୋକାନ କରିବା ସହ ଗ୍ରାମାଞ୍ଚଳରେ ବୁଲି ବ୍ୟବସାୟ କରନ୍ତି। ଘଟଣାଦିନ ରାତି ପ୍ରାୟ ୧୦ଟାରେ ସେ ଧାମନଗରସ୍ଥିତ ଦୋକାନ ବନ୍ଦ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଝାଟିଆସାହି ଛକ ୧୦୦ ମିଟର ଦୂରରେ ପହଞ୍ଚିବାବେଳେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ିକୁ ଅଟକାଇଥିଲେ। ସେମାନେ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିବା ସହ ସ୍କୁଟିରୁ ତଳେ ପକାଇ ମାଡ଼ମାରି ମୁଣ୍ଡ ଫଟାଇଥିବା ଅଭିଯୋଗ ହୋଇଛି। ପରେ ସ୍କୁଟିର ଚାବି ଛଡ଼ାଇ ନେଇ ଡିକିରେ ରଖାଯାଇଥିବା ପ୍ରାୟ ୨ ଭରି ସୁନା, ୭୦୦ ଗ୍ରାମ୍ ରୁପା ଓ ନଗଦ ୩୦ ହଜାର ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଲୁଟ୍ ହୋଇଥିବା ଗହଣାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି।

ସେହିଭଳି ଗତ ୨୨ତାରିଖ ରାତିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଳାଙ୍ଗ ଗାଁରେ ବାପାଙ୍କ ମୁଣ୍ଡରେ ବନ୍ଧୁକ ଓ ପୁଅ(ନାବାଳକ) ବେକରେ ଛୁରି ଲଗାଇ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ନଗଦ ୨୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର। ଗତ ଶୁକ୍ରବାର ରାତିରେ ଆମ୍ବରୋଳି ପଞ୍ଚାୟତ ତଳାଙ୍ଗ ଗାଁର ଗଙ୍ଗାଧର ମଲ୍ଲିକ ନାମକ ଜଣେ ବ୍ୟବସାୟୀ ଚରମ୍ପା କେନାଲ ରୋଡ୍‌ରେ ଘର କରି ରହି ଆସୁଥିଲେ। ଘଟଣାଦିନ ରାତି ପ୍ରାୟ ୯ଟା ୪୦ରେ ଗଙ୍ଗାଧର ଓ ତାଙ୍କ ପରିବାର ଘର ବାରଣ୍ଡାରେ ବସି ଖାଉଥିଲେ। ସେହି ସମୟରେ ୮/୯ ଜଣ ଲୁଟେରା ତାଙ୍କ ଘରକୁ ପଶି ଗଙ୍ଗାଧରଙ୍କ ମୁଣ୍ଡରେ ବନ୍ଧୁକ ଓ ତାଙ୍କ ପୁଅ ବେକରେ ଛୁରି ଲଗାଇ ଭୟଭୀତ କରି ଘର ଭିତରକୁ ନେଇଥିଲେ। ବାପ ପୁଅଙ୍କ ସମେତ ଗଙ୍ଗାଧରଙ୍କ ସ୍ତ୍ରୀ ତପସ୍ୱିନୀ ମଲ୍ଲିକଙ୍କୁ ଗୋଟିଏ ଘରେ ଅଟକ ରଖିଥିଲେ। ପରେ ତାଙ୍କ ଆଲମିରାରେ ଜମି କିଣିବା ପାଇଁ ରଖିଥିବା ନଗଦ ୨୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇ ବାହାର ପଟୁ କବାଟ ବନ୍ଦ କରି ପଳାଇ ଯାଇଥିଲେ। ସକାଳେ ବାହାର ଲୋକଙ୍କୁ ଡାକିବା ପରେ ସେମାନେ କବାଟ ଖୋଲିଥିଲେ। ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବନ୍ଧୁକ ମୁନରେ ଏଭଳି ଲୁଟ୍‌ତରାଜ ବଢ଼ି ଚାଲିଥିବାବେଳେ ନିୟମିତଭାବେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ଲୁଟ୍‌ତରାଜ ଭଳି ଘଟଣା ଘଟିଚାଲିଛି। ବିଶେଷକରି ଭଣ୍ଡାରିପୋଖରୀ ଥାନା ରଣଜିତ ଓ ଷୋଳମପୁର ଅଞ୍ଚଳରେ ଲକ୍ଷାଧିକ ଟଙ୍କାର ଚୋରି ଭଳି ୨ଟି ମାମଲା ରୁଜୁ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା, ବନ୍ଧୁକ ମୁନରେ ଲୁଟ୍‌ତରାଜ କରୁଥିବା ଅପରାଧିକ ଗୋଷ୍ଠୀରେ ରାଜ୍ୟ ବାହାର ଅଞ୍ଚଳର ଅପରାଧୀମାନେ ସାମିଲ୍ ଥିବା ଜଣାପଡ଼ିଛି।

### ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ବାରିକପୁର,୨୪।୫(ସମିସ): କିଛି ମାସ ପୂର୍ବେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ହେଉଥିଲା। ଏବେ ଚୋରମାନେ ତରିକା ବଦଳାଇ ଅନେକ ବାସଗୃହରୁ ଲୁଟ୍‌ପାଟ୍ କରୁଥିବା ଜଣାପଡ଼ିଛି। ଚଳିତ ସପ୍ତାହେ ମଧ୍ୟରେ ଥାନା ଅନ୍ତର୍ଗତ ୩ଟି ଗାଁରୁ ଚୋରି ହୋଇଛି। ପ୍ରଥମେ ବିରୋଳି ଶାସନ ଓ ପରେ ରଣଜିତଠାରୁ ଚୋରି ହୋଇଥିବାବେଳେ ଏବେ ପୁଣି ଗତ ଶନିବାର ବିଳମ୍ବିତ ରାତିରେ ଜଗନ୍ନାଥ ପ୍ରସାଦରୁ ଚୋରମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିଛନ୍ତି। ଗ୍ରାମର ନୂଆସାହି ପ୍ରଭାତ ବେହେରାଙ୍କ ବାସଗୃହ କବାଟ ଭାଙ୍ଗି ଚୋରମାନେ ସୁନା ଅଳଙ୍କାର ସମେତ ନଗଦ ଟଙ୍କା ମଧ୍ୟ ଚୋରି କରିଛନ୍ତି। ଖବର ପାଇ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାଛଡ଼ା ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଏନେଇ ଥାନା ପକ୍ଷରୁ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜୋର୍‌ଦାର୍ ହୋଇଛି। ପୂର୍ବ ଚୋରି ନେଇ ଚୋରମାନଙ୍କ ସମ୍ପର୍କରେ ପୁଲିସ ଏଯାଏଁ ସୁରାକ ପାଇନାହିଁ। ବାରମ୍ବାର ଏଭଳି ଲୁଟ୍‌ପାଟ୍ କରି ଚୋରମାନେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି।

## ହୃଦ୍‌ଘାତରେ ବିଜେଡି ନେତାଙ୍କ ପରଲୋକ



ଭଦ୍ରକ,୨୪।୫(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ପଞ୍ଚୁଟିକ୍ରୀ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଶୈଳେନ୍ଦ୍ର ପ୍ରଧାନଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହେଇଥିଲା। ସେ ଘରେ ଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ହେଇଥିଲା। ତାଙ୍କୁ ତୁରନ୍ତ ସ୍ଥାନୀୟ ବଇଁଚା ମେଡିକାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶରୀରକୁ ପଞ୍ଚୁଟିକ୍ରୀ ପଞ୍ଚାୟତର ବିଭିନ୍ନ ଗାଁରେ ଶୋଭାଯାତ୍ରା କରାଯାଇଥିଲା। ଶେଷ ଦର୍ଶନ ପାଇଁ ଏହି ପଞ୍ଚାୟତର ଯୁବନେତା ଅନିଲ ନାୟକ, ରାଜେନ୍ଦ୍ର ମହାନ୍ତି, ଅମୀୟ ଧଳ, ସଞ୍ଜିବ ନାୟକ, ଖଗେଶ୍ୱର ଜେନା, ଧ୍ରୁବଚରଣ ନାୟକ ପ୍ରମୁଖ ତାଙ୍କ ଘରେ ପହଞ୍ଚିଥିଲେ। ତାଙ୍କ ବିୟୋଗରେ ପଞ୍ଚୁଟିକ୍ରୀ ଗାଁରେ ଶୋକର ଛାୟା ଖେଳିଯାଇଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ



ବାସୁଦେବପୁର,୨୪।୫(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ବାସୁଦେବପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ନୀଳମଣି ରାଉତରାୟଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ବାସୁଦେବପୁର ପୌରପାଳିକାର ନୀଳମଣି ମାର୍କେଟ କମ୍ପ୍ଲେକ୍ସ ପରିସରରେ ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ବ୍ଲକ୍ ବିଜେଡିର ସଭାପତି ଦୀନବନ୍ଧୁ ଦାସ, ପୌରପାଳିକା ଉପାଧ୍ୟକ୍ଷ ଉତମ ବାରିକ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଚିନ୍ମୟ ବାରିକ, ଶ୍ୟାମସୁନ୍ଦର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଗୌତମ ସେଠୀ, କାଉନ୍‌ସିଲର ଶୁଭେନ୍ଦୁ ପୃଷ୍ଟି, ଗୌତମ ବେହେରା, ସାରଦା ପ୍ରସାଦ ମହାନ୍ତି, ଖଗେନ୍ଦ୍ର ଦାସ, ବାଲିମେଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ପୂର୍ବତନ କାଉନ୍‌ସିଲର ମାନସ ରଞ୍ଜନ ସାହୁ, ମାନସ ରଞ୍ଜନ ପଟ୍ଟନାୟକ, କମଳାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଯୁବ ଆଇନଜୀବୀ ପାର୍ଥପ୍ରତିମଙ୍କ ପରଲୋକ



ଭଦ୍ରକ,୨୪।୫(ସମିସ): ଭଦ୍ରକ ନୂଆବଜାର ଅଞ୍ଚଳର ଅଧିବାସୀ ତଥା ଯୁବ ଆଇନଜୀବୀ ପାର୍ଥପ୍ରତିମ ରାୟ(ବାପୁ)ଙ୍କ ହୃଦ୍‌ଘାତରେ ଶନିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ରବିବାର ପୂର୍ବାହ୍ଣରେ ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗାନ୍ଧୀପଡ଼ିଆସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁଶଯ୍ୟା ନିକଟକରେ ତାଙ୍କ ପତ୍ନୀ ଶୁଭଦର୍ଶନୀ ବେହେରା, ମାମୁ ବରିଷ୍ଠ ଆଇନଜୀବୀ ଯତିକାନ୍ତ ନାୟକ, ଆଦିତ୍ୟ ନାୟକ, ଭାଇ ଆଇନଜୀବୀ ଦେବାଶିଷ ନାୟକ, ପ୍ରୀତିଶ ନାୟକ, ଶିଳାଦିତ୍ୟ ନାୟକ, ଭଉଣୀ ପ୍ରଜ୍ଞାପାରମିତା ରାୟ, ଭିଣୋଇ ଇଂ.ପ୍ରଶାନ୍ତ ମହାନ୍ତି, ବାବି ନାୟକ, ପପୁ ନାୟକ ପ୍ରମୁଖ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଭଦ୍ରକ ଓକିଲ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବରିଷ୍ଠ ଆଇନଜୀବୀ ସର୍ବଶ୍ରୀ ପବନ ଶର୍ମା, ଗଦାଧର ବଳ, ଜ୍ୟୋତିପ୍ରକାଶ ମହାପାତ୍ର, ପ୍ରେମକଲ୍ୟାଣ ମହାପାତ୍ର ପ୍ରମୁଖଙ୍କ ସହ ସ୍ଥାନୀୟ କାଉନ୍‌ସିଲରଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସ, ଅମରେନ୍ଦ୍ର ବିଶ୍ୱାଳ, ଅନିଲ ଦାସ, ନାମକଲ୍ୟାଣ ମହାପାତ୍ର, ଗମେନ ଦେ, ପୁଟନ ମହାପାତ୍ର ଓ ପ୍ରିୟବ୍ରତ ଜେନା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଭାଇ ସଞ୍ଜିତ ରାୟ ମୁଖାଗ୍ନି ଦେଇଥିଲେ।

## ଯୁକ୍ତ ୨ ବିଜ୍ଞାନରେ ୯୨.୬୮% ନମ୍ବର ରଖିଛନ୍ତି ଶୁଭ୍ରାଂଶୁ



ଅସୁରାଳି,୨୪।୫(ସମିସ): ଚଳିତ ବର୍ଷ ପ୍ରକାଶିତ +୨ ବିଜ୍ଞାନ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ମେଧାବୀ ଛାତ୍ର ଶୁଭ୍ରାଂଶୁ ଶେଖର ମଲ୍ଲିକ। ସେ ଚଳିତ ପରୀକ୍ଷାରେ ମୋଟ୍ ୫୫୬ ମାର୍କ (୯୨.୬୮%) ରଖି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ 'ଅନୁକମ୍ପା ମହିଳା ସଂଗଠନ'ର ସମ୍ପାଦିକା ଅଞ୍ଜନା ମହାକୁଡ଼, ସାମ୍ବାଦିକ ସନ୍ତୋଷ ଦାସ, ବରଗଡ଼ା ସେବା ସମବାୟ ସମିତିର ସଭାପତି ତ୍ରିଲୋଚନ ଦାସ, ସମାଜସେବୀ ଅଧର ନାୟକ, କୁଳମଣି ସାମଲ ଓ ସୁଶାନ୍ତ ମହାକୁଡ଼ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ବନ୍ତ ବ୍ଲକ୍‌ର ୭ମ ସାଧାରଣ ଅଧିବେଶନ

ବନ୍ତ/ଆଗରପଡ଼ା,୨୪।୫(ସମିସ): ବନ୍ତ ବ୍ଲକ୍ ପରିସରସ୍ଥ ସମ୍ମିଳନୀ କକ୍ଷଠାରେ ବ୍ଲକ୍‌ର ୭ମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ସମେତ ଅଞ୍ଚଳର ବହୁ ପ୍ରମୁଖ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ବିଧାୟକ ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ ଏବଂ ବ୍ଲକ୍ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ଜିପିଇଓ ସୁଚିସ୍ମିତା ବାରିକ୍ ଏବଂ ସହକାରୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ସହଯୋଗ କରିଥିଲେ। ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ବ୍ଲକ୍ ଅଧୀନରେ ଥିବା ୨୫ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ/ସଭ୍ୟା ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ବିଦ୍ୟୁତ୍ ସମସ୍ୟା, ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗ୍ରାମୀଣ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟଣ କିପରି ତୃଣମୂଳସ୍ତରରେ ପହଞ୍ଚିପାରିବ, ସେ ନେଇ ସାଂସଦ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଧିବେଶନରେ ବ୍ଲକ୍‌ର ବିଭିନ୍ନ ବିଭାଗର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଓ ଅଧିକାରିଣୀମାନେ ଉପସ୍ଥିତ ରହି ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନର ଉତ୍ତର ରଖିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସମସ୍ତଙ୍କ ସହଯୋଗରେ ବନ୍ତ ବ୍ଲକ୍‌କୁ ଏକ ଆଦର୍ଶ ବ୍ଲକ୍ ଭାବେ ଗଢ଼ିତୋଳିବାକୁ ସଂକଳ୍ପ ନିଆଯାଇଥିଲା।

## 'ଲେସ୍ ଟେଣ୍ଡର'କୁ ଠିକାଦାର ସଂଘର ବିରୋଧ



ବାରିକପୁର,୨୪।୫(ସମିସ): ସମ୍ପ୍ରତି ସରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଇଚ୍ଛାକୃତ ଲେସ୍ ଟେଣ୍ଡର ଆଇନ ପ୍ରଣୟନ କରିଛନ୍ତି। ତାକୁ ନେଇ ବିଭିନ୍ନ ଠିକାଦାର ସଙ୍ଘ ବିରୋଧ କରୁଥିବା ଦେଖିବାକୁ ମିଳିଛି। ଏନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ସଂଘ ପକ୍ଷରୁ ଅନେକ ଦିନ ହେବ ବିରୋଧାଭାସ ଜାରି ରହିଛି। ସମସ୍ତ ଠିକାଦାର ନିର୍ଦ୍ଧାରିତ ଟେଣ୍ଡର ସିଡ୍ୟୁଲ୍ ମୂଲ୍ୟରେ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ନିର୍ଦ୍ଧାରିତ ମୂଲ୍ୟରେ ଟେଣ୍ଡର ପକାଇବାକୁ ସଂଘ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ଏ ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ତଥା ଭଣ୍ଡାରିପୋଖରୀ ଠିକାଦାର ସଂଘ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ରବିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଠିକାଦାର ସଂଘ ସଭାପତି କୁମୁଦ ମହାପାତ୍ର ଓ ସମ୍ପାଦକ ଅଜିତ ଦାସ ଉପସ୍ଥିତ ରହି ସମସ୍ତ ଠିକାଦାର ଭାଇମାନେ ଲେସ୍ ଟେଣ୍ଡରକୁ ବିରୋଧ କରିବା ସହ ସିଡ୍ୟୁଲ୍ ମୂଲ୍ୟରେ ଟେଣ୍ଡର ପକାଇବାକୁ ପରାମର୍ଶ ଦେଇଥିଲେ। ଏଭଳି ହେଲେ ଉନ୍ନୟନମୂଳକ କାର୍ଯ୍ୟ ଉନ୍ନତମାନର ହେବା ସହିତ ଠିକାଦାର ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଛି। ସେହିଭଳି ବାହାର ଜିଲ୍ଲାର ଯେଉଁ ଠିକାଦାର ବନ୍ଧୁମାନେ ମନଇଚ୍ଛା ଲେସ୍‌ରେ ଟେଣ୍ଡର ପକାଉଛନ୍ତି ସେମାନେ ଏଭଳି ନ କରିବାକୁ ମଧ୍ୟ ନିବେଦନ କରାଯାଇଛି। ଆୟୋଜିତ ଏହି ଜରୁରୀ ବୈଠକରେ ବ୍ଲକ୍ ସଂଘ ସଭାପତି ଲଳିତ ରାଉତ, ସମ୍ପାଦକ ଗିରିଶ ଚନ୍ଦ୍ର ସାମଲ, ବରିଷ୍ଠ ସଦସ୍ୟ ସଞ୍ଜୀବ ପରିଡ଼ା, ବନମାଳୀ ପୃଷ୍ଟି, ମଦନ ଭାରତୀ, ନିହାର ମହାପାତ୍ର, କେଦାର ମହାନ୍ତି, ସୂର୍ଯ୍ୟ ନାରାୟଣ ମହାନ୍ତି, ଅଶ୍ୱିନୀ ଦାସ, ପର୍ଶୁରାମ ପଣ୍ଡା, ଉଜ୍ୱଳ ଜେନା, ଶ୍ରୀକାନ୍ତ ଦାସ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ୫୦ରୁ ଅଧିକ ଠିକାଦାର ଯୋଗଦେଇଥିଲେ।

## ରାହାଞ୍ଜୀ ସମବାୟ ସମିତିକୁ ଆଦର୍ଶ ସମିତି ମାନ୍ୟତା



ଭଦ୍ରକ,୨୪।୫(ସମିସ): ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାହାଞ୍ଜୀ ସମବାୟ ସମିତି ଆଦର୍ଶ ସମବାୟ ସମିତିର ମାନ୍ୟତା ପାଇଛି। ପରିଚାଳନାଗତ ଶୃଙ୍ଖଳା, କାର୍ଯ୍ୟଦକ୍ଷତା ସହ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଆଦର୍ଶ ସମବାୟ ସମିତିର ମାନ୍ୟତା ମିଳିଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ରାହାଞ୍ଜୀ ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା ଓ ସମ୍ପାଦକ ଅନିରୁଦ୍ଧ ଧୀନ୍ଦା ମହାରାଷ୍ଟ୍ରର ପୁଣେ ସ୍ଥିତ ବୈକୁଣ୍ଠ ନାଥ ମେହେଟା ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କୋ-ଅପରେଟିଭ୍ ମ୍ୟାନେଜମେଣ୍ଟରେ ଆୟୋଜିତ ୫ ଦିନିଆ ଦକ୍ଷତା ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଫେରିଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଶୁଭକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ପ୍ରକଳ୍ପ ସଂଯୋଜିକା ବିଜୟଶ୍ରୀ ଏମ୍ ଭଗବତୀ, ଯୁଗ୍ମ ନିବନ୍ଧକ ମହାରାଷ୍ଟ୍ର ସମବାୟ ବିଭାଗ ତାନଜୀ ତାଉଡେନୂତନ, ପ୍ରାଧ୍ୟାପକ ଡ. ଋଷିକେଶ କଲମକାର, ବିଜୟ ଗାୟକ ୱାଡେଙ୍କ ପରିଚାଳନାରେ ଓଡ଼ିଶାରୁ ଯୋଗଦେଇଥିବା ୧୦ଟି ସମବାୟ ସମିତିର ୧୯ ଜଣଙ୍କୁ ସମବାୟ ସମିତିର ଆଗାମୀ ପ୍ରକଳ୍ପ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ତା' ଛଡ଼ା ମହାରାଷ୍ଟ୍ରର ପୁଣେର ରେହେତାରେ, ସରିଡି ଓ କାଷ୍ଟି ସମବାୟ ସମିତି ପରିଦର୍ଶନରେ ନେଇ ସେମାନଙ୍କ ସମବାୟ ସମିତିର ପରିଚାଳନା ଓ ଉନ୍ନତୀକରଣ ବିଷୟରେ ଅବଗତ କରାଇଥିଲେ। ଓଡ଼ିଶାର ଲୋକମାନଙ୍କୁ କିପରି ସମବାୟ ସମିତି ସହ ଯୋଡ଼ାଯାଇ ପାରିବ ସେ ବିଷୟରେ ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାରୁ ପୁରୁଷୋତ୍ତମ ସମବାୟ ସମିତିର ସଭାପତି ପ୍ରଶାନ୍ତ ଦାଶ, ସମ୍ପାଦକ ରାଜେନ୍ଦ୍ର ବେଜ, ନେରଡ଼ା ସଭାପତି ସତ୍ୟନାରାୟଣ ମିଶ୍ର, ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା, ବରଗଡ଼ାର ସମ୍ପାଦକ ରାମଚନ୍ଦ୍ର କର ଯୋଗଦେଇଥିଲେ।

## ୪୦ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ,୨୪।୫(ସମିସ): ମାକ୍ରୋୱେଭ୍ ଟେକ୍ନୋଲୋଜି ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମନୋଜ ରାୟଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ପାଳନ କରି ସମାଜକୁ ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି। ଏ ଶିବିରକୁ ସମାଜସେବୀ ଇଂ. ପୀତାମ୍ବର ପରିଡ଼ା ଉଦ୍‌ଘାଟନ କରିଥିଲେ। ସଂସ୍ଥାର ନିର୍ଦ୍ଦେଶିକା ନମ୍ରତା ରାୟ ଅକ୍ଲାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ୯୫ ଜଣ ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ଅତ୍ୟଧିକ ରୌଦ୍ରତାପ ଯୋଗୁଁ ୪୦ଜଣ ରକ୍ତଦାନ କରିପାରିଥିଲେ। ସମରେନ୍ଦ୍ର ପୁହାଣ, ଶୁଭସ୍ମିତା ମଲ୍ଲିକ, ରଶ୍ମିରଞ୍ଜନ ବେହେରା, ମୋନାଲିସା ପରିଡ଼ା, ରୁଦ୍ର ନାରାୟଣ ମହାନ୍ତି, ଅର୍ଶଦ ଅଲ୍ଲୀ ଖାଁ, ମଧୁସ୍ମିତା ନାୟକ, ରଶ୍ମିପ୍ରଭା ରାଉଳ, ବିକାଶ ଧଳ, ତପସ୍ୱିନୀ ଶାନ୍ତ, ଜ୍ୟୋସ୍ନାରାଣୀ ନାୟକ, ରାଜକିଶୋର ମହାନ୍ତି, ଭକ୍ତହରି ସାହୁ, ସୁନୀଲ ବେହେରା, ସୁମନ ପଣ୍ଡା, ନିର୍ମଳ ମାଝୀ, ପ୍ରମୋଦ ପୁହାଣ, ଉମାକାନ୍ତ ରାୟ, ମାୟାଧର ଓଝା, ଅଙ୍କିତା ପାତ୍ର, ସତ୍ୟରଞ୍ଜନ ରାୟ, ମିଥୁନ ମହାଳିକ, ନମିତା ମହାପାତ୍ର, ସୁନୟନା ମଲ୍ଲିକ, ପୂର୍ଣ୍ଣିମା ସ୍ୱାଇଁ, କସିସ୍ ମିନହାଜ କ୍ୱାଦ୍ରି, ବର୍ଷାରାଣୀ ପଣ୍ଡା ପ୍ରମୁଖ ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଦଲ ସିକ୍‌ଦାର, ଡ. ଅରୁଣ ଲେଙ୍କା, ସତ୍ୟଶଙ୍କର ବରାଳ, ରାଜକିଶୋର ମିଶ୍ର ଏବଂ ଓସ୍‌ମେର ପ୍ରତିନିଧି ଯାଦବ ଲେଙ୍କା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବ୍ଲଡ୍ ବ୍ୟାଙ୍କ ଅଫିସର ଡା. ବିମଳା ମିଶ୍ର, ଟେକ୍ନିକାଲ ଅଫିସର ଲେଲିନା ସ୍ୱାଇଁ, ଲାବୋରେଟୋରୀ ଟେକ୍ନିସିଆନ ରବୀନ୍ଦ୍ର ଜେନା, ମନିଷା ଜେନା, ଯାଜ୍ଞସେନୀ ସାହୁ, ଅରୁଣ ପରିଡ଼ା, ବଳରାମ ପୁହାଣ ରକ୍ତ ସଂଗ୍ରହ କରିଥିଲେ।

### ● ଧାମନଗର ବଜାର ଓ ଚୁଡ଼ାକୁଟି ରାସ୍ତାକଡ଼ରୁ ମଦ ଦୋକାନ ସ୍ଥାନାନ୍ତର ଦାବି

## ଅବକାରୀ ବିଭାଗର ସଲାସୁତରାରେ ରାସ୍ତାକଡ଼ରେ ଖୋଲିଛି ବାର୍




ଧାମନଗର,୨୪।୫(ସମିସ): ଧାମନଗର ସହର ଅନ୍ତର୍ଗତ ସଦର ମହକୁମା ତଥା ବଡ଼ ବଜାର ଛକ ନିକଟରେ ଅଛି ମସ୍‌ଜିଦ ଏବଂ ମଦ୍ରାସା। ଆଉ ଗୋଟେ ପଟରେ ଶିବ ମନ୍ଦିର ସାଙ୍ଗକୁ ସାପ୍ତାହିକ ପରିବା ହାଟ ରହିଛି। ଜନଗହଳି ସ୍ଥାନରେ ସରକାରୀ ବାର୍ ଓ ବିଦେଶୀ ମଦ ବେପାରୀ ଏବଂ ଅବକାରୀ ବିଭାଗର ସଲାସୁତରାରେ ଖୁଲମ୍‌ଖୁଲା ଦିନ ଦ୍ୱିପହରରେ ସର୍ବସାଧାରଣ ସ୍ଥାନରେ ମଦ ବିକ୍ରିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦ୍ୱାରା ଧାମନଗରର ବିଭିନ୍ନ ଅଞ୍ଚଳରେ ଏବେ ପରିସ୍ଥିତି ଅଶାନ୍ତ ହେବାରେ ଲାଗିଛି। ଝିଅ-ବୋହୂ, ପିଲାଛୁଆ, ସ୍କୁଲ ଓ କଲେଜରେ ପଢ଼ିବା ପାଇଁ ଯାଉଥିବା କୋମଳମତି ଛାତ୍ରଛାତ୍ରୀ ଆଦି ରାସ୍ତାରେ ଯିବାକୁ ଆଉ ସୁରକ୍ଷିତ ମଣୁନାହାନ୍ତି। ସେହିପରି ଧାମନଗର-ଚୁଡ଼ାକୁଟି ମୁଖ୍ୟ ରାସ୍ତାର ରାପିତାଠାରେ ଥିବା ସରକାରୀ ବାର୍ ଓ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମ ଆଗରେ ଅଭିଯୋଗ ସହିତ ଦାବି କରିଛନ୍ତି। ଧାମନଗର ହେଉଛି ସମ୍ବେଦନଶୀଳ ଅଞ୍ଚଳ। ଏଥିସହିତ ଜନବସତି, ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତାକଡ଼ରେ ଥିବା ଏହି ଦୁଇଟି ମଦ ଦୋକାନ ଯୋଗୁଁ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହିତ ପ୍ରତିଦିନ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଦୁର୍ଘଟଣା ସଂଖ୍ୟା ଏବଂ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ସରକାରୀସ୍ତରରେ ନିୟମ ଅନୁଯାୟୀ, ତୁରନ୍ତ ମଦ ଦୋକାନକୁ ଅନ୍ୟତ୍ର ତଥା ଫାଙ୍କା ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଉଭୟ କମ୍ୟୁନିଟି ଜନସାଧାରଣ, ବୁଦ୍ଧିଜୀବୀ ମହଲରୁ ଜୋର୍‌ଦାର୍ ଦାବି ହେଉଛି। ଯଦି ଚଳିତ ନବୀକରଣ ସମୟରେ ଏହି ମଦ ଦୋକାନକୁ ଜନବସତିଠାରୁ ଦୂରକୁ ସ୍ଥାନାନ୍ତର କରା ନ ଯାଏ, ତାହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ବ୍ୟାପକ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି ସ୍ଥାନୀୟ ମହିଳା ଓ ପୁରୁଷମାନେ ଚେତାବନୀ ଦେଇଛନ୍ତି।

## ଖୋଲିବ ଖାନ୍‌କା ସରିଫ୍ ଗେଟ୍; ଆଉ ପଡ଼ିବନି ତାଲା

ଧାମନଗର,୨୪।୫(ସମିସ)

ଧାମନଗରର ପ୍ରସିଦ୍ଧ ପୀଠ ଖାନ୍‌କା ସରିଫ୍ ଗେଟ୍‌ରେ ତାଲା ପକାଇବାକୁ ନେଇ ଉର୍ଷ କମିଟି ଏବଂ ଏମ୍‌ଏନ୍ ଗ୍ରୁପ୍ ମଧ୍ୟରେ ଉତ୍ତେଜନା, ଛକାପଞ୍ଝା ଘଟଣାର ସମାପ୍ତ ହୋଇଛି। ଖାନ୍‌କା ଗେଟ୍ ଖୋଲିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଆଉ କେବେ ଗେଟ୍‌ରେ ତାଲା ପଡ଼ିବ ନାହିଁ ବୋଲି ଏଏସ୍‌ପି ଉଭୟ ଗୋଷ୍ଠୀଙ୍କୁ ତାଗିଦ୍ କରିଛନ୍ତି। ଏହି ଘଟଣାର ସମାଧାନ ପାଇଁ ଉଭୟ ପକ୍ଷଙ୍କ ମଧ୍ୟରୁ ୫ଜଣ ଲେଖାଏଁ ପ୍ରତିନିଧିଙ୍କୁ ନେଇ ଶନିବାର ସନ୍ଧ୍ୟାରେ ଧାମନଗର ଥାନା ପରିସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଆଇଆଇସି ସୁବ୍ରଜିତ ଦାଶଙ୍କ ଉପସ୍ଥିତିରେ ବ୍ୟାପକ ଆଲୋଚନା କରାଯାଇଥିଲା। କୌଣସି ଧାର୍ମିକ ପୀଠ ହେଉ ବା ଖାନକା ସରିଫ ହେଉ ସମସ୍ତଙ୍କର ତେଣୁ ମନମୁଖୀ ଭାବେ କାର୍ଯ୍ୟ କରିପାରିବେ ନାହିଁ। ତେବେ ଉଭୟଙ୍କ ସହମତିରେ ପୂର୍ବ ଭଳି ଯାହା ଥିଲା ସେହିଭଳି ଚାଲିବ, ଆଉ କେହି ଗେଟ୍‌ରେ ତାଲା ପକାଇ ପାରିବେ ନାହିଁ ବୋଲି ଏଏସ୍‌ପି ଶ୍ରୀ ଦ୍ୱିବେଦୀ ରୋକ୍‌ଠୋକ୍ କହିଛନ୍ତି। ଏଥିରୁ ଯିଏ ବ୍ୟତିକ୍ରମ କରିବେ ତାଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଉଭୟ ଗୋଷ୍ଠୀଙ୍କୁ ତାଗିଦ୍ କଲେ ଏଏସ୍‌ପି



ଏଠି ପ୍ରଶ୍ନ ଉଠୁଛି ଯେ, ପାରିବାରିକ କଳହକୁ ନେଇ ଖାନ୍‌କା ସରିଫ୍ ଭିତରେ କାହିଁକି ବିଭିନ୍ନ ପ୍ରକାର ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। କ'ଣ ରହିଛି କାରଣ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଆଲୋଚନା ଓ ଚର୍ଚ୍ଚାର ବିଷୟ ପାଲଟିଛି। କାହିଁକି ଖାନ୍‌କା ଭିତରେ ସରକାରୀ ଶିକ୍ଷକ ସେକ୍ ସାମ୍‌ସୁଦ୍ଦିନ ମାଧ୍ୟମରେ ଜଣେ ସାମ୍ବାଦିକକୁ ଆକ୍ରମଣ କରାଗଲା। କାହିଁକି ଉର୍ଷ କମିଟି ପୁଲିସକୁ ସିସିଟିଭି ଫୁଟେଜ୍ ଦେଉନାହାନ୍ତି। ଉକ୍ତ ଶିକ୍ଷକ କମିଟିରେ ନାହିଁ, ତା' ପାଇଁ କାହିଁକି ଉର୍ଷ କମିଟିର କର୍ମକର୍ତ୍ତା ବାରମ୍ବାର ପୁଲିସକୁ ଭେଟି ଆଭ୍ୟନ୍ତରଣ ବିଶୃଙ୍ଖଳାର ସମାଧାନ ପାଇଁ ଆଲୋଚନା କରୁଛନ୍ତି। କାହିଁକି କାହା ଇଙ୍ଗିତରେ ଖାନ୍‌କା ଭିତରେ ଶିକ୍ଷକ ଜଣକ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗୁଣ୍ଡା ଶ୍ରେଣୀର ଯୁବକଙ୍କୁ ନେଇ ଆଡ୍ଡା କରୁଛି। ଏସବୁ ପଛରେ କ'ଣ କାରଣ ଅଛି ପୁଲିସ ପ୍ରଶାସନ ଗୁରୁତ୍ୱ ଦେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବ ବୋଲି ସାଧାରଣରେ ଦାବି କରାଯାଇଛି। ପାରିବାରିକ ଏବଂ ଖାନ୍‌କାର ସ୍ଥାୟୀ ସମାଧାନ ନ ହେଲେ ଯେଉଁ ପବିତ୍ର ପୀଠ ଖାନ୍‌କା ସରିଫ୍ ପାଇଁ ଧାମନଗର ଆଜି ଦେଶରେ ଓ ଦେଶ ବାହାରେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଯଦି ଏଭଳି ଅଶାନ୍ତ ପରିସ୍ଥିତି ଲାଗିରହେ ଶେଷରେ ଏଥିପାଇଁ ସମସ୍ତଙ୍କୁ ନିନ୍ଦିତ ହେବାକୁ ପଡ଼ିବ ବୋଲି ଆଲୋଚନା ହେଉଛି।

## ନାବାଳିକା ବିବାହ ରୋକିଲେ ଗ୍ରାମବାସୀ

# ବର, କନ୍ୟାପିତାଙ୍କୁ ଉଠାଇନେଲା ପୁଲିସ

ବାଲେଶ୍ୱର,୨୪।୫(ସମିସ)





ବାଲେଶ୍ୱର ସଦର ଥାନା କଞ୍ଚନିବାଗ ଅଞ୍ଚଳରେ ଆଜି ଏକ ନାବାଳିକା ବିବାହକୁ ରୋକିଛନ୍ତି ଗ୍ରାମବାସୀ। ଜଣେ୧୭ବର୍ଷର ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ଜୋର ଜବରଦସ୍ତ ବିବାହ କରିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀମାନେ ଏହାକୁ ବିରୋଧ କରିଥିଲେ। ବର ଜଣଙ୍କ ନାବାଳିକାଙ୍କ ମା'ଙ୍କ ସହ ଦୀର୍ଘ ୫ବର୍ଷ ଧରି ସମ୍ପର୍କ ରଖିବା ପରେ ଏବେ ନାବାଳିକାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ ବୋଲି କିଛି ପଡ଼ୋଶୀ ଅଭିଯୋଗ କରିଛନ୍ତି। ଏପରିକି ଗ୍ରାମବାସୀ ବରକୁ ଅଟକ ରଖିଥିଲେ। ଏ ନେଇ ସେମାନେ ସଦର ଥାନା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିବା ସହ ନାବାଳିକାଙ୍କ ବାପା ଓ ବିବାହ କରିବାକୁ ଯାଉଥିବା ବରକୁ ଅଟକ ରଖିଛି। ନାବାଳିକାଙ୍କୁ ଜୋରଜବରଦସ୍ତ ବିବାହ କରାଇବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ବିରୋଧ କରିବାରୁ ନାବାଳିକାଙ୍କୁ ମାଡ଼ ମରାଯାଇଥିଲା। ଫଳରେ ସେ ବେହୋସ ହୋଇପଡ଼ିଥିଲେ। ବିବାହ କରିବାକୁ ଆସିଥିବା ଜିତେନ୍ଦ୍ର ବାରିକ ନାମକ ଜଣେ ଯୁବକ ନାବାଳିକାଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ଜୋର ଜବରଦସ୍ତ ରାଜି କରାଇବାକୁ ଚେଷ୍ଟା କରୁଥିଲେ। ଏଥିରେ ନାବାଳିକାଙ୍କ ବାପା ଓ ମା' ମଧ୍ୟ ଯୁବକଙ୍କୁ ସହଯୋଗ କରୁଥିଲେ। ଏହି ସମୟରେ ନାବାଳିକାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଏବଂ ପଡ଼ୋଶୀ ମହିଳାମାନେ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିବା ସହ ବରକୁ ଘର ମଧ୍ୟରେ ଅଟକ ରଖିଥିଲେ। ପରେ ସେମାନେ ସଦର ଥାନାକୁ ଖବର ଦେଇଥିଲେ। ଖବର ପାଇ ସଦର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କ ବାପା ଲକ୍ଷ୍ମୀଧର ମାଝୀ ଏବଂ ବର ଜିତେନ୍ଦ୍ରକୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ଅନ୍ୟପଟେ ଯୁବକ ଜଣଙ୍କ ୫ବର୍ଷ ହେବ ତାଙ୍କ ଘରକୁ ଆସୁଥିଲା। ଝିଅର ମା'ଙ୍କ ସହ ତାଙ୍କର ସମ୍ପର୍କ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୀଡ଼ିତା ନାବାଳିକା ଜଣଙ୍କ କହିଛନ୍ତି ଯେ, ଜିତୁ ତାଙ୍କର ଧରମ ମାମୁ ହୋଇଥିଲାବେଳେ ଏବେ ତାଙ୍କୁ ବିବାହ କରିବାକୁ କହୁଛନ୍ତି। ବିରୋଧ କରିବାରୁ ମାଡ଼ ମାରିବା ସହ ଜୋରଜବରଦସ୍ତ ବିବାହ କରିବାକୁ ବାଧ କରୁଛନ୍ତି। ଏପରିକି ତାଙ୍କ ବାପା ଓ ମା ଉକ୍ତ ଯୁବକଙ୍କ ସପକ୍ଷରେ ରହିଛନ୍ତି। ଆଜି ସେ ତାଙ୍କ ଘରକୁ ଆସି ବିବାହ ପାଇଁ ଜିଦ୍ ଧରିଥିଲେ। ଏ ନେଇ ସ୍ଥାନୀୟ ମହିଳା ପୂଜା ତରେଇ କହିଛନ୍ତି ଯେ ନାବାଳିକାଙ୍କୁ ଏଭଳି ଜୋରଜବରଦସ୍ତ ବିବାହ କରାଇବାକୁ ଆମେ ବିରୋଧ କରୁଛୁ। ଅନ୍ୟପଟେ ଗାଁର ଜଣେ ବୃଦ୍ଧା କାତ୍ୟାୟନୀ ମାଝୀ କହିଛନ୍ତି ଯେ, ଏହି ଯୁବକ ପୂର୍ବରୁ ତାଙ୍କ ଘରକୁ ଆସୁଥିଲା। ଆଜି ଝିଅଟି ବିବାହ ପାଇଁ ମନା କରିବାରୁ ସେ ଝିଅଟିକୁ ଘରେ ବହୁତ ମାଡ଼ ମାରିଥିଲା। ଏପରିକି ଝିଅଟି ବେହୋସ ମଧ୍ୟ ହୋଇଯାଇଥିଲା। ପଡ଼ୋଶୀମାନେ ତାଙ୍କୁ ପାଣି ଦେବା ପରେ ତାଙ୍କର ହୋସ ଫେରିଥିଲା। ସଦର ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଏ ନେଇ କେହି ଅଭିଯୋଗ କରିନଥିବାରୁ ମାମଲା ରୁଜୁ ହୋଇନାହିଁ। ହେଲେ ଉଭୟଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଛି।

## ଟପ୍ପର ମମତା ପାତ୍ରଙ୍କୁ ପ୍ରଶଂସା



କମର୍ଦ୍ଦା,୨୪।୫(ସମିସ): ଭୋଗରାଇ ବ୍ଲକ୍ ନାଚିନ୍ଦା ପଞ୍ଚାୟତ ଉଲୁଡ଼ା ଗ୍ରାମର ମଧୁସୂଦନ ପାତ୍ର ଓ ବାସନ୍ତୀ ପାତ୍ରଙ୍କ ଝିଅ ମମତା ପାତ୍ର ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଯୁକ୍ତ ଦୁଇ କଳା ବିଭାଗ ପରୀକ୍ଷାରେ ମୋଟ ୫୨୦ ମାର୍କ ରଖି ଦହମୁଣ୍ଡା ଆନନ୍ଦମୟୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଟପ୍ପର ହେଇଛନ୍ତି। ମମତା ଦହମୁଣ୍ଡାସ୍ଥିତ ଯୁକ୍ତ ଦୁଇ କଳା ଘରୋଇ 'ଜିଜ୍ଞାସା ଶିକ୍ଷାକେନ୍ଦ୍ର'ରେ କୋଚିଂ ନେଉଥିଲେ। ସେ ନିଜର ସଫଳତା ପାଇଁ ପିତା ମାତା, ଆନନ୍ଦମୟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବସୁମତୀ ପତି, ଅଧ୍ୟାପକ ରାଜେଶ କୁମାର ଦାସ, ଅଧ୍ୟାପିକା ଭାଗ୍ୟଶ୍ରୀ ସାହୁ, ପ୍ରାକ୍ତନ ଅଧ୍ୟାପକ ଶିବପ୍ରସାଦ ଜେନାଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଜିଜ୍ଞାସା ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଡଃ ଶିବନାରାୟଣ ପାତ୍ର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ଅଧ୍ୟାପକ ସରୋଜ କୁମାର ଦାସ, ଜୟଦେବ ଦାସ ପ୍ରମୁଖଙ୍କୁ ଶ୍ରେୟ ଦେଇଛନ୍ତି। ମମତାଙ୍କ ସଫଳତା ପାଇଁ ନାଚିନ୍ଦା ଗ୍ରାମପଞ୍ଚାୟତ ସରପଞ୍ଚ ଶିଶିର କୁମାର ରଣା, ଖରିଦପିପଳ ଗ୍ରାମପଞ୍ଚାୟତ ସରପଞ୍ଚ ମଞ୍ଜୁରାଣୀ ବେହେରା, ନୟାପାଳି ଗ୍ରାମ ସଭାପତି ତରୁଣକାନ୍ତି ପାତ୍ର, ଆଇନଜୀବୀ ରାଜକିଶୋର ଜେନା, ଶିକ୍ଷକ ତ୍ରିଦୀପ କୁମାର ଜେନା, ଭୋଗରାଇ କ୍ରିକେଟ ଏକାଡେମୀ ପ୍ରତିଷ୍ଠାତା ଚନ୍ଦନ କୁମାର ପାତ୍ର, ସମାଜସେବୀ ମୁରଲୀ ମୋହନ ପଟ୍ଟନାୟକ, ସେବାସମବାୟ ସମିତି ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଉତ୍ତର ଭୋଗରାଇ କଳାକାର ସଂଘ ସଭାପତି ଶିବଶଙ୍କର ସେଠୀ, ସମାଜସେବୀ ସୂର୍ଯ୍ୟକାନ୍ତ ଜେନା, ଦେବାଶିଷ ଦେ, ସଞ୍ଜୀବ କୁମାର ଜେନା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ମମତା ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାର ଲକ୍ଷ୍ୟ ରଖିଥିବା ପ୍ରତିକ୍ରିୟାରେ କହିଛନ୍ତି।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



କାଳିପଦା,୨୪।୫(ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରବିବାର ବାଲିଆପାଳ ବ୍ଲକ୍‌ରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର (୫୭୪) ରଖିଥିବା ଛାତ୍ରୀ ସାଇପ୍ରଭା ନନ୍ଦୀଙ୍କୁ ସମ୍ବର୍ଦ୍ଧିତ କରଯାଇଛି। ଏହି ଅବସରରେରେ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ବଙ୍କିମ ଚନ୍ଦ୍ର ଜେନା, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାସ ସାଇପ୍ରଭାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ପରିଷଦର ୪୦ରୁ ଅଧିକ ସଦସ୍ୟ ଯୋଗ ଦେଇ ସାଇପ୍ରଭାଙ୍କ ଉନ୍ନତି କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ। ସାଇପ୍ରଭା ଡାଙ୍ଗରପଦା ହାଇସ୍କୁଲର ଛାତ୍ରୀ ହୋଇଥିବା ବେଳେ ଅସ୍ତି ପଞ୍ଚାୟତର ଡାକୁଆ -୨ ଗ୍ରାମର ପ୍ରତାପ ଚନ୍ଦ୍ର ନନ୍ଦୀ ଓ ରଶ୍ମିତା ନନ୍ଦୀଙ୍କ ଝିଅ ଅଟନ୍ତି। ଏହି ସଭାରେ ସାଇପ୍ରଭା ଯୋଗଦେଇ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସମାଜ ସେବାରେ ବ୍ରତୀ ହେବେ ବୋଲି କହିଛନ୍ତି। ପରିଷଦ ପକ୍ଷରୁ ଛାତ୍ରୀଙ୍କ ପିତା ମାତା ଓ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଜ୍ଞାପନ କରଯାଇଛି।

## ଆଲ୍‌ଫା ବିଜ୍ଞାନ ଅନୁଷ୍ଠାନରେ 'ମେଧା ସମ୍ମାନ ଉତ୍ସବ'

ବାଲେଶ୍ୱର/ରେମୁଣା,୨୪।୫(ସମିସ): ସ୍ଥାନୀୟ ଆଲଫା ବିଜ୍ଞାନ ଅନୁଷ୍ଠାନ ପରିସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ, ବରେଣ୍ୟ ଅତିଥି ଭାବେ ରେମୁଣା ଏନ୍‌ଏସି ଉପାଧ୍ୟକ୍ଷ ଆଏସାନ୍ ଖାଁ, ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ରବୀନ୍ଦ୍ର ଦାସ, ପଣ୍ଡିତ ପ୍ରଦୀପ୍ତ ମିଶ୍ର ଓ ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଏ୧ ପ୍ରାପ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଲଫା ଅନୁଷ୍ଠାନର ପାଠପଢ଼ା ଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସନ୍ଦୀପ କୁମାର ମିଶ୍ର, ଅନୁଷ୍ଠାନ ସମ୍ପର୍କରେ ପ୍ରାକ୍ କଥନ ରଖିଥିବା ବେଳେ ସମସ୍ତ ଅତିଥିଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ। ଅନୁଷ୍ଠାନରୁ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରିୟଙ୍କା ବେହେରା (୫୬୭), ତୁହିନପ୍ରଭା ନାୟକ (୫୫୦), ଶୁଭ୍ରାଂଶୁ ପେଡ଼ା (୫୪୫), ଆସିଫ୍ ଅଲୀ ଖାନ୍ (୫୪୪), ମୋନାଲିସା ଜେନା (୫୪୨) ସମେତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ, ଟ୍ରଫି, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତ ସଙ୍ଗୀତ ଯୁଗଳ କିଶୋର ସ୍ୱାଗତ ନୃତ୍ୟ ଭୂମିକା ଏବଂ ସନ୍ଧ୍ୟା ପରିବେଷଣ କରିଥିଲେ। ଅଧ୍ୟାପକ ପ୍ରୀତମ ବାରିକ, ସତ୍ୟମ୍ ସାର୍, ଖିତେଶ ଦାସ, ଜଗତ ଜୀବନ ବେହେରା, ଜ୍ୟୋତ୍ସ୍ନା ସିଂଘ ଏବଂ ରାକ୍ଷୀ ମାଡାମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭମ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ କୁନାଲ୍ ନାୟକ, ଆଦିତ୍ୟ ରାୟ, କମଲ୍ ଦାସ, ନିତ୍ୟଗୋପାଲ୍ ନାୟକ, ସଞ୍ଜୟ ସାହୁ, ଅଂଶୁମାନ ବୁଗୁଡ଼ି, ରସାନନ୍ଦ ସାର୍, ପ୍ରତ୍ୟୁଷ ଦାଶ ପରିଚାଳନାରେ ସହାୟତା କରିଥିଲେ।



## ହାଇୱା ଧକାରେ ବାଇକ୍‌ଚାଳକ ମୃତ

ସୋର,୨୪।୫(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ରେମୁଣା ବ୍ଲକ୍ ଇଞ୍ଚୁଡ଼ି ଗ୍ରାମର ରଞ୍ଜିତ କୁମାର ପ୍ରଧାନ(୪୦) ଜାମୁଝାଡ଼ିରେ ରହି ଟ୍ରକ୍ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଜାମୁଝାଡ଼ିରୁ ଘରକୁ ଫେରୁଥିବା ବେଳେ ପାଇକାଳି ନିକଟରେ ପଛରୁ ଆସୁଥିବା ଓଡି ୨୨ ଏବି ୭୬୦୩ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱା ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ରଞ୍ଜିତ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକକୁ ଜବତ କରିବା ସହିତ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୪୪୭/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



## 'ଟୁଇଟର ମ୍ୟାନ୍' ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧନା

କାଳିପଦା,୨୪।୫(ସମିସ): ବାଲିଆପାଳ ବ୍ଲକ୍‌ରେ ପ୍ରତିଦିନ "ଏକ୍ସ" ଜରିଆରେ ଗରିବ ଅସହାୟ ଲୋକଙ୍କ ସମସ୍ୟାର ସମାଧାନ କରୁଥିବାରୁ ବାଲିଆପାଳ ବ୍ଲକ୍ ଅସ୍ତି ପଞ୍ଚାୟତ ସୂର୍ଯ୍ୟାପୁର ଗ୍ରାମର ଗୁଣାକର ଜେନା ଓ ମା ବାସନ୍ତୀ ଜେନାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ରବିବାର ଭୁବନେଶ୍ୱର ପାନ୍ଥନିବାସ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚମ ବାର୍ଷିକ 'ଆଟା'(ଆସୋସିଏସନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟ) ପକ୍ଷରୁ ଉତ୍ତମ ଟୁଇଟର ମ୍ୟାନ୍ ଭାବରେ ସମ୍ବର୍ଦ୍ଧିତ କରଯାଇଛି। ସେ ୩ ବର୍ଷ ମଧ୍ୟରେ ପାଖାପାଖି ୮ରୁ ୯ଶହ ସମସ୍ୟାର ସମାଧାନ କରିଥିବା କଥା ଆଟା ପକ୍ଷରୁ ସୂଚନା ଦିଆଯାଉଛି। "ଆଟା"ର କର୍ମକର୍ତ୍ତା ସାରା ରାଜ୍ୟରେ କାମ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ପାଇଁ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଉପ ସଭାପତି ଓ ବାଲିଆପାଳ ବ୍ଲକ୍ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହିତ ଅନ୍ୟ ଅତିଥି ଯୋଗଦେଇ ଆଟା ଅର୍ଗାନାଇଜେସନ ବାଲେଶ୍ୱର ଜିଲ୍ଲା ଉପ ସଭାପତି ଶ୍ରୀ ଜେନାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।



# ଗାଁକୁ ନାହିଁ ରାସ୍ତା; ସାମାନ୍ୟ ବର୍ଷାରେ ବଢୁଛି ଦୁର୍ଦ୍ଦଶା

ବାଲେଶ୍ୱର ସଦର,୨୪।୫(ସମିସ)



ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଏବଂ ଗାଁକୁ ସହର ସହିତ ଯୋଡ଼ିବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କରି ଗ୍ରାମାଞ୍ଚଳର ବିକାଶ କରୁଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ମାତ୍ର ତାହା କେବଳ ଭାଷଣ ବାଜିରେ ସୀମିତ ରହିଥିବା ବେଳେ ବାସ୍ତବରେ ଚିତ୍ର କିନ୍ତୁ ଅଲଗା। ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ କମାରଗଡ଼ିଆ ଗ୍ରାମରେ ଦେଖିବାକୁ ମିଳିଛି ଏହାର ବ୍ୟତିକ୍ରମ। ଏହି ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଯାହା ଫଳରେ ଦୟନୀୟ ଦୁଃଖ ଭୋଗୁଛନ୍ତି ଗ୍ରାମବାସୀ। ଦଶନ୍ଧି ପରେ ଦଶନ୍ଧି ବିତୁଛି, ସରକାର ପରେ ସରକାର ବଦଳୁଛି, ମାତ୍ର ଏଠାରେ ବଦଳୁନି ଗ୍ରାମବାସୀଙ୍କ ଭାଗ୍ୟ। ସ୍ୱାଧୀନତା ପୂର୍ବ ଭଳି ଜୀବନ ଜିଉଁଛନ୍ତି ଗ୍ରାମବାସୀ। କାଦୁଅ ପଚପଚ ରାସ୍ତାରେ ଯାତାୟାତ କରୁଛନ୍ତି। ବୈଶାଖର ପ୍ରବଳ ଗରମ ସମୟରେ ଏହି ଗାଁ ରାସ୍ତା ଯଦି ଏହିଭଳି, ବର୍ଷାଦିନ କିପରି ଲୋକେ ଯାତାୟାତ କରୁଥିବେ ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ନିରାଶ ହୋଇଛନ୍ତି। ହେଲେ କେହି କର୍ଣ୍ଣପାତ କରୁନଥିବା କହିଛନ୍ତି ସ୍ଥାନୀୟ ଲୋକେ। କମାର ଗଡ଼ିଆ ଗ୍ରାମରେ ୫ ଶହ ପରିବାରର ଦୁଇ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଯାତାୟାତ ପାଇଁ ଏକମାତ୍ର ଏହି ଜରାଜୀର୍ଣ୍ଣ ରାସ୍ତା। ୧୯୬୨ ମସିହାରେ ସେତେବେଳର ନେତା ଅଜୟ ଦାସ ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦେଖି ଏହି ରାସ୍ତା ନିର୍ମାଣ କରିଥିଲେ। ସେବେଠାରୁ ଏହା ଉପରେ ଆଉ କେହି ନେତା ମନ୍ତ୍ରୀ ନଜର ପକାଇନାହାନ୍ତି। କେତେବେଳେ କେମିତି ନାଲି ମୋରମ ଟିକିଏ ପକାଇ କାମ ସରିଗଲା ଭାବି ଆଖି ବୁଜି ଦିଅନ୍ତି, ଆଉ ଦୟନୀୟ ଦୁଃଖ ଭୋଗନ୍ତି ଗ୍ରାମବାସୀ। ଗାଁ କୁ ଭଲ ରାସ୍ତା ନଥିବାରୁ ରୋଗ ବ୍ୟାଧି ସମୟରେ ଆମ୍ବୁଲାନ୍ସ ଆସି ନପାରି ପାଖାପାଖି ୩ କିଲୋମିଟର ଦୂରରେ ରହେ, ଆଉ ରୋଗୀଙ୍କର ଆମ୍ବୁଲାନ୍ସ ପାଲଟେ ଦଉଡ଼ିଆ ଖଟ, ତାହାରି ଭିତରେ ବସି ଆମ୍ବୁଲାନ୍ସ ପାଖକୁ ଯାଆନ୍ତି ରୋଗୀ। ରାସ୍ତାର ଅବସ୍ଥା ଏମିତି ଯେ, ସାମାନ୍ୟ ବର୍ଷା ହେଲେ ପିଲାମାନଙ୍କ ସ୍କୁଲ ଯିବା ବନ୍ଦ ହୋଇଯାଏ। ଏବେ ଗାଁକୁ ଗାଁ ମୁଖ୍ୟମନ୍ତ୍ରୀ ବସ ଗଡୁଥିବାବେଳେ ଏହି ଗାଁକୁ ତାହା ସାତ ସପନ। ବିଶେଷ କରି ବର୍ଷାଋତୁ ସ୍ଥାନୀୟ ଲୋକଙ୍କ ପାଇଁ ଅଭିଶାପ ପାଲଟି ଯାଏ। ବର୍ଷା ସମୟରେ ଗ୍ରାମରେ କୌଣସି ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହେଲେ ଏହା ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଥାଏ। ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଭଳି ପ୍ରମୁଖ ସେବାରୁ ଏହି ଲୋକମାନେ ବାଦ୍ ପଡ଼ନ୍ତି। ଗାଡ଼ି ମଟର ତ ଦୂରର କଥା ପାଦରେ ଚାଲି ଯିବା ଅତ୍ୟନ୍ତ କଷ୍ଟ। ବର୍ଷାଦିନେ ସ୍କୁଲ ଓ ଅଙ୍ଗନବାଡ଼ି ପିଲାଙ୍କ ପାଠ ପଢ଼ା ମଧ୍ୟ ପ୍ରଭାବିତ ହୁଏ। ଲୋକେ ଘରୁ ବାହାରି ପାରନ୍ତି ନାହିଁ କି ହାଟ ବଜାର ମଧ୍ୟ ଯାଇ ପାରନ୍ତି ନାହିଁ। ଏମିତିକି ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟମାନେ ବର୍ଷା ଋତୁରେ ଏହି ଗ୍ରାମକୁ ଆସିବା ପାଇଁ ନାକ ଟେକନ୍ତି। ଯଦି କମାର ଗଡ଼ିଆ ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ କରା ନଯାଏ ତାହାହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।




## ଦୁଇ ପୁତୁରାଙ୍କ କୋଦାଳ ଚୋଟରେ କକା ଗୁରୁତର

ବାଲେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା କାଳାହି ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅପରିଷ୍କାର ପାଣି ଛଡ଼ାଯିବାକୁ ବାରଣ କରି ଦୁଇ ସମ୍ପର୍କୀୟ ପୁତୁରାଙ୍କ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି କକା ଏବଂ ଖୁଡ଼ୀ। ଅଭିଯୋଗ ଅନୁଯାୟୀ ଭୋଗରାଇ ଥାନା କାଳାହି ଗାଁର ସପନ ମହାନ୍ତିଙ୍କ ଜାଗାରେ ତାଙ୍କର ସମ୍ପର୍କୀୟ ଭାଇ ଏବଂ ଦୁଇ ପୁତୁରା ବାରମ୍ବାର ଅପରିଷ୍କାର ପାଣି ଛାଡୁଥିଲେ। ସପନ ଏହାକୁ ବାରଣ କରିବା ସହ ଗ୍ରାମର ଭଦ୍ର ବ୍ୟକ୍ତିମାନଙ୍କୁ ଏକାଧିକ ଥର ଜଣାଇଥିଲେ। ଗତ ଶୁକ୍ରବାର ପୁଣି ଅପରିଷ୍କାର ପାଣି ସପନଙ୍କ ଜାଗାରେ ଛାଡ଼ିବାରୁ ସପନ ବିରୋଧ କରିଥିଲେ। ସପନଙ୍କ ସହ ଯୁକ୍ତି ତର୍କ ଚାଲିଥିବା ବେଳେ ହଟାତ୍ କୋଦାଳରେ ଦୁଇ ପୁତୁରା ଏବଂ ଭାଇ ସପନଙ୍କ ମୁଣ୍ଡକୁ ପିଟିଥିଲେ। ଏପରିକି ଆକ୍ରମଣବେଳେ ଏକ ଆଙ୍ଗୁଳି କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ସପନଙ୍କ ପତ୍ନୀ ଗୀତାରାଣୀ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆକ୍ରମଣର ଶୀକାର ହୋଇଥିବା କହିଛନ୍ତି। ସପନ ଏବଂ ଗୀତାରାଣୀଙ୍କୁ ପ୍ରଥମେ ସ୍ଥାନୀୟ ଜଳେଶ୍ୱରପୁର ହସ୍ପିଟାଲ୍ ଏବଂ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୀତାରାଣୀଙ୍କ ଲିଖିତ ଅଭିଯୋଗକ୍ରମେ ଭୋଗରାଇ ଥାନାରେ ପୁଲିସ ପକ୍ଷରୁ ୧୫୬/୨୬ ନମ୍ବରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଦାବି କରିଛନ୍ତି।



## ଚୋରା ବାଲି ଖାଦାନରେ ଚଢ଼ଉ; ୨ ଟ୍ରାକ୍ଟର ସହ ଡମ୍ପର ଜବତ

ଜଳେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ସୀମାନ୍ତ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମାଫିଆମାନେ କୋଟିକୋଟି ଟଙ୍କାର ଅର୍ଥ ଲୁଟ କରୁଥିବା ବେଳେ ସରକାରୀ ରାଜସ୍ୱ ନଷ୍ଟ ହେଉଛି। ରାଜଘାଟ ବ୍ରିଜ ନିକଟରେ ବେଆଇନ ବାଲି ଉତ୍ତୋଳନ ଚାଲିଥିବାବେଳେ ଗତ ରାତିରେ ମାଇନିଂ ବିଭାଗ ପକ୍ଷରୁ ଚଢ଼ଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ସହିତ ଗୋଟିଏ ଡମ୍ପର ଜବତ କରିଛି। ରାଜଘାଟ ନିକଟ ଚାଳନ୍ତି ନିକଟରେ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ପ୍ରତିଦିନ ବାଲି ଉତ୍ତୋଳନ ହେବା ସହିତ ଶହଶହ ଡମ୍ପର, ଟ୍ରାକ୍ଟର ଯୋଗେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହୋଇଆସୁଛି। ଫଳରେ ନଦୀକୂଳିଆ ଅଞ୍ଚଳ ପ୍ରତି ବନ୍ୟାର ବିପଦ ଦେଖାଦେଉଛି। ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ମାଇନିଂ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିବା ଜଣାଯାଇଛି।








## ଆଜିର ରାଶିଫଳ

**ମେଷ:** ଦିନଟି ହସଖୁସିରେ କଟିବ। ନୂଆ ଚାକିରିର ସୁଯୋଗ ଆସିବ। କୌଣସି ମାଙ୍ଗଳିକ କାର୍ଯ୍ୟରେ ସାମିଲ ହେବେ। ଚିଡଚିଡା ସ୍ୱଭାବ ଯୋଗୁଁ ହଇରାଣ ହେବେ। ବାଦବିବାଦରୁ ଦୂରେଇ ରୁହନ୍ତୁ।

**ବୃଷ:** କର୍ମଚଞ୍ଚଳ ରହିବେ। ଖର୍ଚ୍ଚ ବୃଦ୍ଧି ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ବାପାଙ୍କ ସହ ଆଲୋଚନା କରନ୍ତୁ। ସଭାସମିତିରେ ଯୋଗ ଦେଇ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମିଥୁନ:** ପରିବାରର ବରିଷ୍ଠ ସଦସ୍ୟଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ ଏବଂ ଅଧିକାରୀ କାମକୁ ନେଇ ଅସନ୍ତୁଷ୍ଟ ରହିବେ। ଭୁଲ୍ କାମ ପାଇଁ ମନସ୍ତାପ କରିବେ।

**କର୍କଟ:** ସାଂସାରିକ ଜୀବନ ହସଖୁସିରେ ଅତିବାହିତ ହେବ। ନୂଆ ଜିନିଷ କିଣାକିଣି କରିବେ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ସେୟାର୍ ବଜାରରେ ନିବେଶ କରନ୍ତୁ।

**ସିଂହ:** ଭାଇଭଉଣୀଙ୍କ ମତାନ୍ତର ଦୂର ହେବ। ଖାଦ୍ୟପେୟ ଅଭ୍ୟାସରେ ପରିବର୍ତ୍ତନ ଆଣିବେ। ପେଟଜନିତ ସମସ୍ୟା ଦେଖା ଦେବ। ସମ୍ପତ୍ତି ସମ୍ବନ୍ଧୀୟ ମାମଲାରେ ବିଜୟ ହାସଲ କରିବେ।

**କନ୍ୟା:** ସ୍ୱାମୀ-ସ୍ତ୍ରୀ ଦୂର ସ୍ଥାନକୁ ଯାତ୍ରା କରିବେ। ପରିବାର ସଦସ୍ୟଙ୍କ କଥା ଆଘାତ ଦେବ। ଧୈର୍ଯ୍ୟର ସହ କାମ କରିବେ। ଆୟ ବଢ଼ିବା ହେତୁ ଖର୍ଚ୍ଚ ଅଧିକ ହେବ। ଅର୍ଥ ସଞ୍ଚୟ କରିବା ଯୋଜନା କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଛାତ୍ରଛାତ୍ରୀ ଅନ୍ୟମନସ୍କ ରହିବେ। କୌଣସି ଖୁସି ଖବର ମିଳିବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ନୂଆ କାମକୁ ଦାୟିତ୍ୱର ସହ କରିବେ।

**ବିଛା:** ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭଙ୍କର। ବନ୍ଧୁଙ୍କ ସହ ମତାନ୍ତର ଦୂର ହେବ। ଚାକିରି ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ବିବାହ ସମସ୍ୟା ସମାଧାନ ହେବ। ପୂଜା, ପାଠରେ ମନଯୋଗ ଦେବେ।

**ଧନୁ:** ଦିନଟି ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ କ୍ୟାରିୟର କରିବା ପାଇଁ ଉପଯୁକ୍ତ ସମୟ। ପଡ଼ୋଶୀଙ୍କ ସହ ମତଭେଦ ସୃଷ୍ଟି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଭଲ ସମୟ।

**ମକର:** ସମାଜରେ ମାନ, ସମ୍ମାନ ବଢ଼ିବ। ଶତ୍ରୁଙ୍କୁ ପରାସ୍ତ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ହଜିଥିବା ଜିନିଷ ଫେରି ପାଇବେ ଧାର କରଜରୁ ଦୂରେଇ ରୁହନ୍ତୁ।

**କୁମ୍ଭ:** ପରିବାର ସଦସ୍ୟଙ୍କ ମଧ୍ୟରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କୁ ନେଇ ନୂଆ ସ୍ଥାନ ବୁଲିବାକୁ ଯିବେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମୀନ:** ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବେ। ଘରେ ପୂଜାପାଠ ଆୟୋଜନ କରିବେ। ଭାଇଭଉଣୀଙ୍କ ସହଯୋଗ ମିଳିବ। ଶାନ୍ତ ମନରେ କାମ କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୬୩- ଆଫ୍ରିକୀୟ ଦେଶଙ୍କୁ ଏକଜୁଟ୍ କରିବା ପାଇଁ ଆଫ୍ରିକାର ୩୨ଟି ଦେଶ ଆଫ୍ରିକୀୟ ସଂଘର ଗଠନ କଲେ।
- ୧୯୮୫- ବାଂଲାଦେଶରେ ଆସିଥିବା ତୋଫାନରେ ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୧୯୯୧- ଇସ୍ରାଏଲ ୧୪,୦୦୦ ଇହୁଦିଙ୍କୁ ଇଥୋପିଆରୁ ବାହାର କଲା।
- ୧୯୯୮-ପରମାଣୁ ପରୀକ୍ଷା ପାଇଁ ଭାରତ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ୟୁରୋପୀୟ ସଂଘର ୧୫ଟି ଦେଶ ସହମତି ପ୍ରକାଶ କଲେ।



## ବିଶ୍ୱ ଥାଇରଏଡ୍ ଦିବସ

ଥାଇରଏଡ୍ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୨୫ ତାରିଖକୁ 'ବିଶ୍ୱ ଥାଇରଏଡ୍ ଦିବସ' ଭାବେ ପାଳନ କରାଯାଉଛି। ଥାଇରଏଡ୍ ହେଉଛି ବେକର ସାମ୍ନା ଭାଗରେ ଥିବା ଏକ ପ୍ରଜାପତି ଆକାରର ଗ୍ରନ୍ଥି, ଯାହା ଶରୀରର ହରମୋନ୍ ନିୟନ୍ତ୍ରଣ କରିଥାଏ। ଏହାର ଅନିୟମିତତା ମୁଖ୍ୟତଃ ଦୁଇଟି ରୋଗ ସୃଷ୍ଟି କରେ - ହାଇପୋଥାଇରଏଡିଜିମ୍ (ଓଜନ ବଢ଼ିବା) ଏବଂ ହାଇପରଥାଇରଏଡିଜିମ୍ (ଓଜନ କମିବା)। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଏହା ବିରୋଧରେ ଲୋକଙ୍କୁ ସଚେତନ କରାଇବା ପାଇଁ ମେ' ୨୫ ତାରିଖକୁ ବିଶ୍ୱ ଥାଇରଏଡ୍ ଦିବସ ଭାବେ ପାଳନ କରାଯାଇଥାଏ। ୨୦୦୭ ମସିହାରେ ୟୁରୋପିଆନ ଥାଇରଏଡ୍ ଆସୋସିଏସନ ପକ୍ଷରୁ ଥାଇରଏଡ୍ ଦିବସ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ବିଶ୍ୱସ୍ତରରେ ମାନ୍ୟତା ମିଳିବା ପରେ ପ୍ରତିବର୍ଷ ମେ' ୨୫ ତାରିଖକୁ ଥାଇରଏଡ୍ ଦିବସ ଭାବେ ପାଳନ କରାଯାଉଛି। ହଠାତ୍ ଓଜନ ବଢ଼ିବା କିମ୍ବା କମିବା, ଅତ୍ୟଧିକ ଥକ୍କାପଣ, ବୁଟି ଝଡ଼ିବା, ଏବଂ ବେକ ଫୁଲିଯିବା ଏହାର ସାଧାରଣ ଲକ୍ଷଣ ଅଟେ। ଥାଇରଏଡ୍ ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ରକ୍ତ ପରୀକ୍ଷା (TSH, T3, T4) କରାଇବା ଉଚିତ୍। ଶରୀରରେ ଥାଇରଏଡ୍‌ର ମାତ୍ରା ଜଣାପଡ଼ିବା ପରେ ଏହାର ଚିକିତ୍ସା କରାଯାଇଥାଏ। ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ଏହି ରୋଗ ଅଧିକ ଦେଖିବାକୁ ମିଳିଥାଏ। ଛୋଟ ପିଲାଙ୍କଠାରେ ମଧ୍ୟ ଥାଇରଏଡ୍ ସମସ୍ୟା ଦେଖିବାକୁ ମିଳୁଛି। ଛୋଟ ପିଲା ଥାଇରଏଡ୍ ରୋଗରେ ପୀଡ଼ିତ ହେଲେ ଏହା ସେମାନଙ୍କର ବିକାଶ ଉପରେ ପ୍ରଭାବ ପକାଇଥାଏ। ଥାଇରଏଡ୍‌କୁ ଏଡାଇବା ପାଇଁ, ସର୍ବପ୍ରଥମେ ଓଜନ ହ୍ରାସ କରିବା ଉଚିତ। ଏହା ସହିତ ସିଗାରେଟ୍, ମଦ୍ୟପାନ, ତମାଖୁ, ପ୍ରକ୍ରିୟାକୃତ ଖାଦ୍ୟ, ଫାଷ୍ଟଫୁଡ୍,ଅତ୍ୟଧିକ ମିଠା ଇତ୍ୟାଦି ଖାଇବା ଅନୁଚିତ। ଫୁଲକୋବି, ବନ୍ଧାକୋବି ଏବଂ ବ୍ରୋକୋଲି ଥାଇରଏଡ୍ ସମସ୍ୟାକୁ ଆହୁରି ବଢ଼ାଇଥାଏ। ତେଣୁ ଏସବୁରୁ ଦୂରେଇ ରହିବା ଉଚିତ। ଏଥି ସହିତ, ଦୈନିକ ବ୍ୟାୟାମ ଏବଂ ପର୍ଯ୍ୟାପ୍ତ ନିଦ ନେବା ଆବଶ୍ୟକ। ଥାଇରଏଡ୍ ରୋଗୀ ସର୍ବଦା ଆୟୋଡିନ୍‌ଯୁକ୍ତ ଲୁଣ ଖାଇବା ଉଚିତ୍। ଆୟୋଡିନ୍‌ଯୁକ୍ତ ଲୁଣ ଥାଇରଏଡ୍ ଗ୍ରନ୍ଥିକୁ ସଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ ଏବଂ ହାଇପୋଥାଇରଏଡିଜିମ୍‌ର ଆଶଙ୍କା ହ୍ରାସ କରେ।

## 'କଲ୍‌କୀ ୨' ପାଇଁ କମଲଙ୍କ ବଡ଼ ନିଷ୍ପତ୍ତି



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ହାତରେ ଏବେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ପ୍ରଭାସ ଏବେ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚାରେ ଅଛନ୍ତି ତାହା ହେଉଛି 'କଲ୍‌କୀ ୨'। ମୂଳ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ରେ ପ୍ରଭାସଙ୍କ ସହ ଲିଡ୍ ରୋଲରେ ବିଗ୍ ବି ଅମିତାଭ ଓ କମଲ ହାସନ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ୧୦୦୦ କୋଟିରୁ ଅଧିକ ଆୟ କରିଥିଲା। ଏହାର ସିକ୍ୱେଲରେ କମଲ ହାସନଙ୍କୁ ପୁଣି 'ସୁପ୍ରିମ୍ ୟାସ୍କିନ୍' ଭୂମିକାରେ ଦେଖିବାକୁ ମିଳିବ। ଏହାର ମୂଳ ଫିଲ୍ମରେ କମଲଙ୍କ ଭୂମିକା ବେଶ୍ ଛୋଟ ଥିଲା। ଫିଲ୍ମର ଶେଷରେ ହିଁ କମଲଙ୍କ ଲୁକ୍‌କୁ ରିଭିଲ୍ କରାଯାଇଥିଲା। ଏଥର କିନ୍ତୁ ତାଙ୍କ ଭୂମିକା ବେଶ୍ ବଡ଼ ରହିବ। ଖଳନାୟକଙ୍କୁ ନେଇ ହିଁ ଫିଲ୍ମର କାହାଣୀ ଆଗକୁ ବଢ଼ିବ। 'କଲ୍‌କୀ ୨' ପାଇଁ କମଲ ଇତିମଧ୍ୟରେ ଏକ ବଡ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୁଟିଂ ସେଟ୍‌କୁ ପ୍ରାଇଭେଟ୍ ଚାର୍ଟରରେ ଯିବା ତଥା ଲଗ୍‌ଜୁରି ଟ୍ରାଭେଲକୁ ସେ ବାଦ୍ ଦେଇଛନ୍ତି। ସେ ଇକୋନମି କ୍ଲାସ୍‌ରେ ଯାତ୍ରା କରି 'କଲ୍‌କୀ ୨' ସେଟ୍‌ରେ ପହଞ୍ଚି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ସେହିଭଳି ଏହି ଫିଲ୍ମ ପାଇଁ ସେ କୌଣସି ପ୍ରକାର ବଡ଼ ଦାବି ପ୍ରଯୋଜକଙ୍କ ଆଗରେ ରଖି ନଥିବା ଜଣାପଡ଼ିଛି। ଏହାଦ୍ୱାରା ପ୍ରଯୋଜକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିଥାନ୍ତା। କମଲଙ୍କ ଏଭଳି ନିଷ୍ପତ୍ତିକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଆସନ୍ତା ବର୍ଷ ଏହି ଫିଲ୍ମକୁ ରିଲିଜ୍ କରାଯିବ ବୋଲି କୁହାଯାଉଛି। ପ୍ରଭାସ ତାଙ୍କ ଅନ୍ୟ ପ୍ରୋଜେକ୍ଟର ସୁଟିଂ ସାରିବା ପରେ 'କଲ୍‌କୀ ୨'ର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

### ଆଜି ଆସିଥିଲେ

## ଭଜନ ସମ୍ରାଟ ଭିକାରୀ ବଳ



ଭଜନ ସମ୍ରାଟ ଭିକାରୀ ବଳ ଭକ୍ତି ସଙ୍ଗୀତର ଏକ ପରିପୂର୍ଣ୍ଣ ପରିଭାଷା। ଈଶ୍ୱରଦତ୍ତ ଅମୃତ କଣ୍ଠରେ ସେ ଗାଇଛନ୍ତି ଶତାଧିକ ଭଜନ ଓ ଜଣାଣ। ତାଙ୍କ କଣ୍ଠର ପ୍ରତିଟି ସଙ୍ଗୀତ ଭକ୍ତିରସର ଭାବଧାରା ପ୍ଲାବିତ କରେ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ। ନିମାଇଁ ହରିଚନ୍ଦନଙ୍କ ପରେ ଭିକାରୀ ବଳ ଭଜନକୁ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ କରାଇ ପାରିଥିଲେ। ଓଡ଼ିଆଙ୍କ ପ୍ରତ୍ୟେକ ଭାବ ଓ ଅଭାବକୁ ଗୀତ କରି ସେ ଗାଉଥିଲେ। 'କୋଠଭୋଗଖିଆ...' 'ମୁଁ ତ ବଡ଼ ଦେଉଳର ପାରାରେ...', 'ହାତରେ ମୋ' ମୁଠାମୁଠା ଶରଧାବାଲି...' ସେ ଗାଇଥିବା ପ୍ରତିଟି ଭଜନରେ ଥିଲା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ। ଓଡ଼ିଆ ଭକ୍ତି ସଙ୍ଗୀତ ଜଗତ ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ମହାପ୍ରଭୁଙ୍କ ନିକଟରେ ଭାବ ଆଉ ଭକ୍ତିର ଗାନ କରୁ କରୁ ସେ ଭିକାରୀ ବଳରୁ ସାଜିଥିଲେ 'ଭଜନ ସମ୍ରାଟ'। ୧୯୨୯ ମସିହା ଆଜିର ଦିନରେ ସେ ଓଡ଼ିଶାର କେନ୍ଦ୍ରାପଡ଼ା ସ୍ଥିତ ସୋବଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରାମଚନ୍ଦ୍ର ବଳ ଓ ମାତା ଗେହ୍ଲାରାଣୀ। ତାଙ୍କ ବାପା-ମାଆଙ୍କ ସବୁ ସନ୍ତାନ ଜନ୍ମ ପରେ ମରିଯାଉଥିଲେ, କେବଳ ଭିକାରୀ ହିଁ ଜୀବିତ ରହିବାରୁ ତାଙ୍କ ନାମ 'ଭିକାରୀ' ରଖିଥିଲେ। ପିଲାଟି ବେଳୁ ତାଙ୍କ ବାପା-ମାଆ ଆରପାରିକୁ ଚାଲି ଯାଇଥିଲେ ପ୍ରାଥମିକ ଶିକ୍ଷା ପରେ ସେ କେନ୍ଦ୍ରାପଡ଼ା ଜିଲ୍ଲା କଦଳୀବଣ ହାଇସ୍କୁଲରେ ନାମ ଲେଖାଇଥିଲେ। ସେଠାରେ ସେ ନବମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ଏହା ପରେ ନିଜ ଗାଁ ସୋବଳାରେ ସେ ଯାତ୍ରା ଦଳରେ ଯୋଗ ଦେଇଥିଲେ। ସେଠାରେ ସେ ଗୀତ ଗାନ, ହାରମୋନିୟମ ବଜାଇବା, ଅଭିନୟ ଆଦି ଶିଖିଥିଲେ। ଏହାପରେ ସେ ଏକ ପାଖ ସ୍କୁଲ, ଗୋକୁଳାନନ୍ଦ ସଙ୍ଗୀତ ସଦନରେ ସଙ୍ଗୀତ ଶିକ୍ଷକ ହୋଇଥିଲେ। ଭିକାରୀ ବଳ ୨୦ ବର୍ଷ ବୟସରେ ଉଷାରାଣୀ ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ କର୍ମସଂସ୍ଥାନ ପାଇଁ ସେ କଟକ ଚାଲି ଆସିଥିଲେ। ଗୁରୁ କ୍ଷିତିଜ ମିତ୍ରଙ୍କ ସହାୟତାରେ ସେ କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତରେ ଶିକ୍ଷାଲାଭ କରିଥିଲେ। ଏହାପରେ ସେ ଆକାଶବାଣୀ କଟକରେ ଏ- ଗ୍ରେଡ୍ ଗାୟକ ଭାବରେ ୧୯୬୩ରେ କାମ ଆରମ୍ଭ କଲେ। 'ପ୍ରାଣ ମିତଣୀ ବାରେ ଚାହାଁରେ' ଗୀତ ପାଇଁ ସେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ। 'କୋଠଭୋଗଖିଆ' ଭଜନରୁ ତାଙ୍କର ଲୋକପ୍ରିୟତା ଅନେକ ବଢ଼ିଯାଇଥିଲା। ଏହା ୭୦ ଦଶକରେ ଏକ ବହୁଳ ଲୋକପ୍ରିୟ ଭଜନର ମାନ୍ୟତା ପାଇଥିଲା ଏବଂ ଆଜି ଯାଏଁ ମଧ୍ୟ ରହିଛି। ତାଙ୍କର ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ ଆବୃତ୍ତି ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ସେ ଅନେକ ଚମ୍ପୂ, ଛାନ୍ଦ ଓ ଲୋକଗୀତ ମଧ୍ୟ ଗାଇଥିଲେ। ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସେ କଣ୍ଠଦାନ କରିଥିଲେ। ତାଙ୍କର ସଙ୍ଗୀତମୟ ଜୀବନକୁ ସେ ସମ୍ପୂର୍ଣ୍ଣ ଭାବେ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିଦେଇଥିଲେ। ଏଥିପାଇଁ ସେ ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ସମ୍ମାନ, ସ୍ୱୀକୃତି ଓ ପୁରସ୍କାର ଲାଭ କରିଥିଲେ। ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ 'ଭଜନ ସମ୍ରାଟ'' ଉପାଧିରେ ଭୂଷିତ କରିଥିଲେ। ସେ ଜଗନ୍ନାଥଙ୍କର ଚାମର ସେବା ନିମନ୍ତେ ମଧ୍ୟ ସୁଯୋଗ ପାଇଥିଲେ। ୨୦୧୦ ମସିହା ନଭେମ୍ବର ୨ ତାରିଖରେ ୮୧ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

## ଆସ୍ଥା

## ନୌତପା
## ୪ ରାଶି ପାଇଁ ଶୁଭ



ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ 'ନୌତପା' ବା 'ନୌତାପ' କୁହାଯାଏ। ମଇ ୨୫ରୁ ଏହା ଆରମ୍ଭ ହୋଇ ଜୁନ୍ ୨ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପାମାତ୍ରା ଅଧିକ ରହେ। କୁହାଯାଏ, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ।

ଏଥର ନୌତପାରେ ଦୁର୍ଲଭ ସଂଯୋଗ ସୃଷ୍ଟି ହୋଇଛି। ଏହି ନଅ ଦିନରେ ୭ ବଡ଼ ଗ୍ରହଙ୍କ ଗୋଚର ହେବ। ମେ ୨୫ରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ର ଏବଂ ବୁଧ ମୃଗଶିରା ନକ୍ଷତ୍ରରେ ଗୋଚର କରିବେ। ଏହାପରେ ମଙ୍ଗଳ, ବୁଧ, ରାହୁ, ଶୁକ୍ରଙ୍କ ନକ୍ଷତ୍ର ଗୋଚର ହେବ। ଏହାସହ ଚନ୍ଦ୍ର ନୌତପା ସମୟରେ ଅନେକ ଥର ରାଶି ପରିବର୍ତ୍ତନ କରିବେ। ଏହି ଦୁର୍ଲଭ ସଂଯୋଗ ୪ ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବ।

**ମେଷ:** କାର୍ଯ୍ୟାଳୟରେ କୌଣସି ବଡ଼ ଉପଲବ୍ଧି ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ। ସମ୍ପର୍କରେ ଥିବା ଭୁଲ ବୁଝାମଣା ଦୂର ହେବ।

**ବୃଷ:** କୌଣସି ନୂଆ କାମ ଆରମ୍ଭ କରିବେ। ଅଟକି ରହିଥିବା କାମ ପୂରା ହେବ। ଚାକିରି ଓ ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଉତ୍ତମ ସମୟ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସଞ୍ଚୟ କରିବେ।

**କର୍କଟ:** ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ମାଆଙ୍କ ଇଚ୍ଛା ପୂରଣ ହେବ। ଆର୍ଥିକ ସମସ୍ୟା ଦୂର ହେବ। ସାଙ୍ଗସାଥୀଙ୍କ ସହିତ ଖୁସିରେ ସମୟ ଅତିବାହିତ ହେବ।

**ବିଛା:** ପ୍ରତ୍ୟେକ କାମରେ ସଫଳତା ମିଳିବା ଆଶଙ୍କା ଅଛି। କର୍ମଜୀବୀ ଅଧିକ ସକାରାତ୍ମକ ରହିବେ। ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇବ। ବୈବାହିକ ଜୀବନରେ ପ୍ରେମ ବଢ଼ିବ।



## ଜ୍ୟେଷ୍ଠରେ ଜଳ ଦାନ

**ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।**

ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା'ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।



## ପୁଷ୍ପାଞ୍ଜଳିର ମହତ୍ତ୍ୱ

**ସନାତନ ଧର୍ମରେ କୌଣସି ପୂଜା, ପାଠ, ଯଜ୍ଞ ଆଦି ଶେଷରେ ପୁଷ୍ପାଞ୍ଜଳି ଦିଆଯାଏ। ପୂଜା ପରେ ମନ୍ତ୍ର ପୁଷ୍ପାଞ୍ଜଳିର ପରମ୍ପରା ବହୁ ପୁରୁଣା। କୁହାଯାଏ, ଏହି ପରମ୍ପରା ବୈଦିକ କାଳରୁ ଚାଲି ଆସିଛି। ତେବେ ପୁଷ୍ପାଞ୍ଜଳି ସହିତ ସମସ୍ତେ ପରିଚିତ ଥିଲେ ବି ଏହାର ମହତ୍ତ୍ୱ ଏବଂ ବାସ୍ତବିକ ଅର୍ଥ ଜାଣି ନାହାନ୍ତି। ଫଳରେ ପୂଜାର ସମ୍ପୂର୍ଣ୍ଣ ଫଳ ପ୍ରାପ୍ତି ହୋଇ ନ ଥାଏ।**

କୌଣସି ପୂଜାପାଠ, ଯଜ୍ଞ ଆଦି ଧାର୍ମିକ ଅନୁଷ୍ଠାନ ସମାପ୍ତି ପରେ ଦେବୀ ଦେବତାଙ୍କ ପ୍ରତି ଆଦର ପ୍ରକଟ କରିବା ଲାଗି ଦୁଇ ହାତ ଯୋଡ଼ି ସେଥିରେ ଫୁଲ ରଖାଯାଏ। ଏହା ପରେ ବିଶେଷ ମନ୍ତ୍ରକୁ ଉଚ୍ଚାରଣ କରାଯାଇ ସେହି ଫୁଲକୁ ଦେବୀ ଦେବତାଙ୍କୁ ଅର୍ପଣ କରାଯାଏ। ଶାସ୍ତ୍ର ଅନୁସାରେ, ଏହାକୁ ପୁଷ୍ପାଞ୍ଜଳି କୁହାଯାଏ। କାରଣ ଏହି ପ୍ରକ୍ରିୟା ବିଶେଷ ମନ୍ତ୍ର ଏବଂ ଫୁଲ ସହିତ କରାଯାଏ। ତେଣୁ ଏହାକୁ ମନ୍ତ୍ର ପୁଷ୍ପାଞ୍ଜଳି କୁହାଯାଏ।

ଶାସ୍ତ୍ର ଅନୁସାରେ, ମନ୍ତ୍ର ପୁଷ୍ପାଞ୍ଜଳି ଦେବୀ ଦେବତାଙ୍କ ପ୍ରତି ଭକ୍ତି ଓ ନିଷ୍ଠା ପ୍ରକଟ କରିବା ଲାଗି କରାଯାଏ। କୁହାଯାଏ ଦେବୀ ଦେବତାଙ୍କୁ ମନ୍ତ୍ର ସହିତ ପୁଷ୍ପ ଅର୍ପଣ କରିବା ଦ୍ୱାରା ମନ ଶୁଦ୍ଧ ରହେ ଏବଂ ଚିନ୍ତାଧାରାରେ ଶୁଦ୍ଧତା ଆସେ। ଏଭଳି କରିବା ଦ୍ୱାରା ଆତ୍ମ ଶାନ୍ତି ଓ ସନ୍ତୋଷ ମିଳେ। ପୁରାଣ ଅନୁସାରେ, ଭଗବାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ଏବଂ ପରିବାର ସଦସ୍ୟଙ୍କ ସୁଖଶାନ୍ତି ପାଇଁ ପୁଷ୍ପାଞ୍ଜଳି ଅର୍ପଣ କରାଯାଏ। ଏହାକୁ କରିବା ଦ୍ୱାରା ଦେବୀ ଦେବତା ପ୍ରସନ୍ନ ହୋଇ ଭକ୍ତଙ୍କ ମନୋକାମନା ପୂରଣ କରନ୍ତି।

## କବାଟ ପଛରେ କ'ଣ ରଖିବେନି

**ବାସ୍ତୁ ଶାସ୍ତ୍ର ଅନୁସାରେ, କବାଟ ପଛ ପାର୍ଶ୍ୱରେ କିଛି ଜିନିଷ ରଖିବା ତଥା ଝୁଲାଇବା ଅଶୁଭ। ଏଭଳି କରିବା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ। ଏହାର ପ୍ରଭାବ ଆର୍ଥିକ ସ୍ଥିତି, ମାନସିକ ଶାନ୍ତି ଏବଂ ପରିବାର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ତେବେ କବାଟ ପଛରେ କେଉଁ ଜିନିଷ ରଖିବା ମନା ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ଶାସ୍ତ୍ର ଅନୁସାରେ, କବାଟ ପଛରେ ମଇଳା ତଥା ଅଧିକ ପୋଷାକ ଝୁଲାଇବା ଅନୁଚିତ। ଏହା ଦ୍ୱାରା ନକାରାତ୍ମକ ଶକ୍ତି ଜମା ହୁଏ। ଘରର ପରିବେଶ ଖରାପ ହୁଏ।
- ଔଷଧ ଭର୍ତ୍ତି ବ୍ୟାଗ୍ ତଥା ପଲିଥିନ କବାଟ ପଛରେ ଝୁଲାଇବା ଭଲ ନୁହେଁ। ବାସ୍ତୁ ଅନୁସାରେ, ଔଷଧ ରୋଗର ପ୍ରତୀକ। ଏହାକୁ କବାଟ ପଛରେ ରଖିବା ଦ୍ୱାରା ଘରେ ରୋଗର ପ୍ରଭାବ ବଜାୟ ରହେ।
- ଅନେକ ଲୋକ ପୁରୁଣା କ୍ୟାଲେଣ୍ଡରକୁ ଫିଙ୍ଗିବା ବଦଳରେ କବାଟ ପଛରେ ଝୁଲାଇ ଦିଅନ୍ତି। ଏହାକୁ ବାସ୍ତୁଶାସ୍ତ୍ରରେ ଅଶୁଭ ବୋଲି କୁହାଯାଇଛି।
- ସେହିପରି କବାଟ ପଛରେ ଜୋତା ଚପଲ ରଖିଲେ ବାସ୍ତୁ ଦୋଷ ସୃଷ୍ଟି ହୁଏ। ଏହାବାଦ୍ ଓଦା ତଉଲିଆ କବାଟରେ ଝୁଲାଇଲେ ନକାରାତ୍ମକ ପ୍ରଭାବ ପଡ଼େ। ମୁଖ୍ୟତଃ ପରିବାର ସଦସ୍ୟଙ୍କ ଉପରେ।



## ଅଲ୍‌ରାଉଣ୍ଡର ଆର୍ଚର ପ୍ଲେୟର ଅଫ୍ ଦି ମ୍ୟାଚ୍; ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ ବେକାର

# ମୁମ୍ବାଇକୁ ହରାଇ ପ୍ଲେ ଅଫ୍‌ରେ ରାଜସ୍ଥାନ

ମୁମ୍ବଇ,୨୪।୫(ଏଜେନ୍ସି)



୫ଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସକୁ ୩୦ରନ୍‌ରେ ପରାସ୍ତ କରି ରାଜସ୍ଥାନ ରୟାଲ୍ସ ଚତୁର୍ଥ ତଥା ଶେଷ ଦଳ ଭାବେ ୨୦୨୬ ଆଇପିଏଲ୍ ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ଏହା ଫଳରେ ପ୍ଲେ ଅଫ୍‌ରେ କିଏ କାହା ସହ ଖେଳିବ ତାହା ଚୂଡାନ୍ତ ହୋଇଯାଇଛି। ପଏଣ୍ଟ ଟେବୁଲର ପ୍ରଥମ ଦୁଇଟି ସ୍ଥାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (୧୮) ଓ ଗୁଜରାଟ ଟାଇଟାନ୍ସ (୧୮) ମଧ୍ୟରେ ପ୍ଲେ ଅଫ୍‌ର ପ୍ରଥମ ମ୍ୟାଚ୍ ବା ପ୍ରଥମ କ୍ୱାଲିଫାୟର ମୁକାବିଲା ହେବ। ଏହି ମ୍ୟାଚ୍‌ଟି ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ମେ ୨୬ରେ ଅନୁଷ୍ଠିତ ହେବ। ସେହିପରି ଏହାର ପରଦିନ ଅର୍ଥାତ୍ ଚଣ୍ଡିଗଡ ନିକଟସ୍ଥ ମୁଲାନପୁରରେ ମେ ୨୭ ତାରିଖରେ ଏଲିମିନେଟର ଖେଳାଯିବ। ଏଥିରେ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଥିବା ସନ୍‌ରାଇଜର୍ସ ହାଇଦରାବାଦ୍ (୧୮ ପଏଣ୍ଟ) ଓ ଚତୁର୍ଥ ହୋଇଥିବା ରାଜସ୍ଥାନ ରୟାଲ୍ସ (୧୬ପଏଣ୍ଟ) ମଧ୍ୟରେ ମୁକାବିଲା ହେବ। ପ୍ଲେ ଅଫ୍‌ର ତୃତୀୟ ମ୍ୟାଚ୍ ମୁଲାନପୁରରେ ମେ ୨୯ରେ ଖେଳାଯିବ। ମେ ୨୬ରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରରେ ପରାଜିତ ହୋଇଥିବା ଦଳ ଏବଂ ମେ ୨୭ରେ ଏଲିମିନେଟରରେ ବିଜୟୀ ହୋଇଥିବା ଦଳ ମଧ୍ୟରେ ଏହି ଦିନ ଦ୍ୱିତୀୟ କ୍ୱାଲିଫାୟର ଖେଳାଯିବ। ପ୍ରଥମ ଓ ଦ୍ୱିତୀୟ କ୍ୱାଲିଫାୟରର ବିଜେତା ଦଳ ମଧ୍ୟରେ ଆଇପିଏଲ୍ ୨୦୨୬ର ଗ୍ରାଣ୍ଡ ଫାଇନାଲ ଅହମ୍ମଦାବାଦ୍‌ରେ ମେ ୩୧ ତାରିଖ ରବିବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ଲେ ଅଫ୍‌ରେ ରାଜସ୍ଥାନ ପ୍ରବେଶ କରିବା ପରେ ଅନ୍ୟ ଦୁଇ ଆଶାୟୀ ଦଳ ପଞ୍ଜାବ କିଙ୍ଗ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସର ଆଶା ଧୂଳିସାତ ହୋଇଯାଇଛି। ଅନ୍ୟ ପକ୍ଷରେ ମୁମ୍ବଇ (୧୪ମ୍ୟାଚ୍‌ରୁ ୮ପଏଣ୍ଟ) ୯ମ ସ୍ଥାନରେ ରହି ସିଜନ ଶେଷ କରିଛି। ଆଜିର ଖେଳରେ ୧୫ବଲ୍‌ରୁ ୩୨ରନ୍ କରିବା ସହ ୪ଓଭର ବୋଲିଂ କରି ୧୭ରନ୍‌ରେ ୩ଟି ୱିକେଟ ନେଇଥିବା ରାଜସ୍ଥାନର ଜୋଫ୍ରା ଆର୍ଚରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ଆଇପିଏଲ୍‌ର ୬୯ତମ ମୁକାବିଲା ବୋଲରମାନଙ୍କ କବ୍‌ଜାରେ ରହିଥିଲା। ମୁମ୍ବଇ ଇଣ୍ଡିଆନ୍ସର ସ୍ଲୋ ବଲ୍ ଆଟାକ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସର ଜଣେ ହେଲେ ବ୍ୟାଟର ବଡ଼ ସ୍କୋର କରି ପାରି ନ ଥିଲେ। ତଥାପି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୫ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ଦଳ ପକ୍ଷରୁ ଧ୍ରୁବ ଜୁରେଲ ୩୮, ଦାସୁନ ଶାନକା ୨୯ ଓ ଯଶସ୍ୱୀ ଜୟସ୍ୱାଲ ୨୭ ରନ୍ କରିଥିଲେ। ପୂର୍ବଭାରତର ଦୁଇ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ୪ ଓ ଅଧିନାୟକ ରିୟାନ ପରାଗ ୧୪ରନ୍ କରିଥିଲେ। ଶେଷ ଭାଗରେ ଜୋଫ୍ରା ଆର୍ଚର ୧୫ବଲ୍‌ରେ ୩ ଛକା ସହ ୩୨, ରବୀନ୍ଦ୍ର ଜାଡେଜା ୧୧ ବଲ୍‌ରେ ଅପରାଜିତ ୧୯ ଓ ନାନ୍ଦ୍ରେ ବର୍ଗର ୩ବଲ୍‌ରେ ୧୦ ରନ୍ କରିବା ଫଳରେ ରାଜସ୍ଥାନ ଏକ ଡିଫେଣ୍ଡେବଲ ସ୍କୋର କରିଥିଲା। ମୁମ୍ବଇର ଦୀପକ ଚହର ଓ ଶାର୍ଦ୍ଦୁଳ ଠାକୁର ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଜବାବରେ ୨୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରିଥିବା ମୁମ୍ବଇ ଇଣ୍ଡିଆନ୍ସ ପ୍ରତିପକ୍ଷ ରାଜସ୍ଥାନ ଶୀର୍ଷ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲା। ପାୱାର ପ୍ଲେ ଶେଷ ହେବା ପୂର୍ବରୁ ଅର୍ଥାତ୍ ୫.୧ଓଭରରେ ମାତ୍ର ୩୮ ରନ୍‌ରେ ମୁମ୍ବଇର ଟପ୍ ଅର୍ଡର ରୋହିତ ଶର୍ମା (୦), ନମନ ଧୀର (୬), ରିୟାନ ରିକେଲଟନ (୧୨) ଓ ତିଳକ ବର୍ମା (୩) ପାଭିଲିୟନ ଫେରିଯାଇଥିଲେ। ଏହି ସମୟରେ ସୂର୍ଯ୍ୟକୁମାର ଯାଦବ (୪୨ବଲ୍‌ରେ ୬୦ରନ୍, ୩ଚୌକା, ୪ଛକା) ତାଙ୍କ ପୁରୁଣା ଫର୍ମ କିଛିଟା ଫେରିପାଇବା, ୱିଲ ଜ୍ୟାକ୍ସ (୧୮ ବଲ୍‌ରେ ୩୩ରନ୍) ଓ ହାର୍ଦ୍ଦିକ ପାଣ୍ଡ୍ୟା (୧୫ବଲ୍‌ରେ ୩୪ରନ୍)ଙ୍କ କାଉଣ୍ଟର ଆଟାକ ରାଜସ୍ଥାନ ଆଶାରେ ଆତଙ୍କ ଖେଳାଇଦେଇଥିଲା। ୧୩ତମ ଓଭରରେ ରାଜସ୍ଥାନ ବୋଲରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ମ୍ୟାଚ୍‌କୁ ନିୟନ୍ତ୍ରଣକୁ ଆଣିଥିଲା। ଆର୍ଚର ତାଙ୍କ ସ୍ପେଲ୍‌ର ଶେଷ ଓଭରରେ ହାର୍ଦ୍ଦିକଙ୍କୁ ଆଉଟ କରିଥିଲେ। ସୂର୍ଯ୍ୟକୁମାରଙ୍କୁ ଆଉଟ କରି ବର୍ଗର ମୁମ୍ବଇର ଶେଷ ଆଶାକୁ ମଧ୍ୟ ଧୂଳିସାତ କରିଦେଇଥିଲେ। ସହଜ ବିଜୟ ଆଶାରେ ଯାଉଥିବା ରାଜସ୍ଥାନ ଏମାନଙ୍କ ଆଉଟ ପରେ ଆଶ୍ୱସ୍ତ ହୋଇଥିଲା। ଦଳ ପକ୍ଷରୁ ଚମତ୍କାର ଖେଳିଥିବା ଜୋଫ୍ରା ଆର୍ଚର ମାତ୍ର ୧୭ରନ୍‌ରେ ୩ଟି, ନାନ୍ଦ୍ରେ ବର୍ଗର, ବ୍ରିଜେଶ ଶର୍ମା ଓ ଯଶରାଜ ପୁଞ୍ଜା ୨ଟି ଲେଖାଏଁ ୱିକେଟ ନେବା ଫଳରେ ମୁମ୍ବଇ ଇଣ୍ଡିଆନ୍ସର ଇନିଂସ ୯ୱିକେଟରେ ୧୭୫ରନ୍‌ରେ ଅଟକିଯାଇଥିଲା। ଦମ୍‌ର ସହ ଖେଳି ରାଜସ୍ଥାନ ସପ୍ତମ ଥର ଲାଗି ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ଏହି ଦଳ ୨୦୦୮ରେ ଚାମ୍ପିଅନ ଓ ୨୦୨୨ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

### ୨୦୨୬ ଆଇପିଏଲ: ପ୍ଲେ ଅଫ୍ ଖେଳସୂଚୀ

| | | | |
|---|---|---|---|
| ୨୬।୫ | ପ୍ରଥମ କ୍ୱାଲିଫାୟର | ବେଙ୍ଗାଲୁରୁ - ଗୁଜରାଟ | ଧର୍ମଶାଳା |
| ୨୭।୫ | ଏଲିମିନେଟର | ହାଇଦରାବାଦ୍-ରାଜସ୍ଥାନ | ମୁଲାନପୁର |
| ୨୯।୫ | ଦ୍ୱିତୀୟ କ୍ୱାଲିଫାୟର | ୨୬ର ପରାଜିତ -୨୭ର ବିଜେତା | ମୁଲାନପୁର |
| ୩୧।୫ | ଗ୍ରାଣ୍ଡ ଫାଇନାଲ | ୧ମ ଓ ୨ୟ କ୍ୱାଲିଫାୟର ବିଜେତା | ଅହମ୍ମଦାବାଦ୍ |

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ: ୨୦୫/୯, ୨୦ ଓଭର (ଜୁରେଲ-୩୮, ଆର୍ଚର-୩୨, ଶାନକା-୨୯, ଜୟସ୍ୱାଲ-୨୭, ସୂର୍ଯ୍ୟବଂଶୀ-୪, ଠାକୁର-୨/୪୧, ଦୀପକ ଚହର-୨/୪୩)।
ମୁମ୍ବଇ ଇଣ୍ଡିଆନ୍ସ: ୧୭୫/୯, ୨୦ ଓଭର (ସୂର୍ଯ୍ୟକୁମାର-୬୦, ହାର୍ଦ୍ଦିକ-୩୪, ଜ୍ୟାକ୍ସ-୩୩ ଆର୍ଚର-୩/୧୭, ବ୍ରିଜେଶ-୨/୨୬, ବର୍ଗର-୨/୪୩, ଯଶରାଜ-୨/୪୪)।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୪ | ୯ | ୫ | ୦ | ୧୮ | +୦.୭୮୩ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୬୯୫ |
| ହାଇଦରାବାଦ | ୧୪ | ୯ | ୫ | ୦ | ୧୮ | +୦.୫୨୪ |
| ରାଜସ୍ଥାନ | ୧୪ | ୮ | ୬ | ୦ | ୧୬ | +୦.୧୮୯ |
| ପଞ୍ଜାବ | ୧୪ | ୭ | ୬ | ୧ | ୧୫ | +୦.୩୦୯ |
| କୋଲକାତା | ୧୩ | ୬ | ୬ | ୧ | ୧୩ | +୦.୦୧୧ |
| ଚେନ୍ନଇ | ୧୪ | ୬ | ୮ | ୦ | ୧୨ | -୦.୩୪୫ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| ମୁମ୍ବଇ | ୧୪ | ୪ | ୧୦ | ୦ | ୮ | -୦.୫୮୪ |
| ଲକ୍ଷ୍ନୌ | ୧୪ | ୪ | ୧୦ | ୦ | ୮ | -୦.୭୪୦ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

● ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ

## କେକେଆର୍ ନିରାଶ

କୋଲକାତା, ୨୪।୫ (ଏଜେନ୍ସି): କୋଲକାତା,୨୪।୫(ଏଜେନ୍ସି): ଓପନର ତଥା ନିର୍ଭରଯୋଗ୍ୟ ବ୍ୟାଟର ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଅନୁଷ୍ଠିତ ଆଇପିଏଲ୍‌ର ୭୦ତମ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୩ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଲୋକେଶ ରାହୁଲ ୩୦ବଲ୍‌ରେ ସର୍ବାଧିକ ୬୦ ରନ୍ କରିଥିଲେ। ଏହି ସ୍କୋର ମଧ୍ୟରେ ସେ ୫ଟି ଚୌକା ଓ ୪ଟି ଛକା ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ୨୫ବଲ୍‌ରେ ୩୯, ଡେଭିଡ ମିଲର ୧୯ବଲ୍‌ରେ ୨୮, ସାହିଲ ପ୍ରକାଶ ୧୭ବଲ୍‌ରେ ୨୪, ଅଭିଷେକ ପୋରେଲ ୧୮ ବଲ୍‌ରେ ୨୨ ରନ୍ କରିଥିଲେ। କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ସୌରଭ ଦୁବେ ସର୍ବାଧିକ ୨ଟି, ଅନୁକୂଳ ରୟ, ସୁନିଲ ନାରିନ୍ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ଖେଳାଯାଇଥିବା ଲିଗ୍ ମୁକାବିଲାରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ଏହା ଫଳରେ କୋଲକାତା ପ୍ଲେ ଅଫ୍‌ରେ ପ୍ରବେଶ କରିବ ବୋଲି ଯେଉଁ ଆଶା କରିଥିଲା ସେଥିରେ ନିରାଶ ହୋଇଛି। ରାଜସ୍ଥାନ ହାରିଥିଲେ କୋଲକାତା ଏହି ମ୍ୟାଚ୍ ଜିତିବା ଏବଂ ପଞ୍ଜାବଠାରୁ ନେଟ୍ ରନ୍ ରେଟ୍‌ରେ ଆଗୁଆ ରହିବା ଲାଗି ଜୋରଦାର ମୁକାବିଲା କରିଥାନ୍ତା।

## ପୁଣି କେବେ ଖେଳିବେ ରୋହିତ

ମୁମ୍ବଇ,୨୪।୫(ଏଜେନ୍ସି): ଭାରତର କିଂବଦନ୍ତୀ ଖେଳାଳି ତଥା ଭାରତକୁ ଦୁଇଟି ଆଇସିସି ଟାଇଟଲ ଜିତାଇଥିବା ରୋହିତ ଶର୍ମା ଆଜି ଆଇପିଏଲ୍‌ରେ ଚଳିତ ସିଜନର ଶେଷ ଲିଗ୍ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ସେ ୪ଟି ବଲ୍ ଖେଳି ଶୂନରେ ଆଉଟ ହୋଇଥିଲେ। ଚଳିତ ସିଜନରେ ରୋହିତ ୮ଟି ମ୍ୟାଚ୍ ଖେଳି ୧୬୦.୮୦ ଷ୍ଟ୍ରାଇକ୍ ରେଟ୍‌ରେ ୨୮୦ ରନ୍ କରିଛନ୍ତି। ଏହା ମଧ୍ୟରେ ୨ଟି ଅର୍ଦ୍ଧଶତକ ରହିଛି। ଏବେ ପ୍ରଶ୍ନ ଉଠୁଛି ଭାରତର ଏହି ତାରକା ଖେଳାଳି ପୁଣି କେବେ ପଡ଼ିଆକୁ ଫେରିବେ। ଏବେ ସେ ଟେଷ୍ଟ ଓ ଟି-୨୦ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି। କେବଳ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଆଇପିଏଲ୍ ପରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଟେଷ୍ଟ ମ୍ୟାଚ୍‌ଟି ଜୁନ୍ ୬ରୁ ୧୦ ଯାଏ ଖେଳାଯିବ। ଏହା ପରେ ଦିନିକିଆ ମ୍ୟାଚ୍ ଗୁଡ଼ିକ ଜୁନ୍ ୧୪, ୧୭ ଓ ୨୦ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ୍ ଲାଗି ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ଭାରତୀୟ ଦଳରେ ଉଭୟ ରୋହିତ ଶର୍ମା ଓ ବିରାଟ କୋହଲି ସ୍ଥାନ ପାଇଛନ୍ତି। ଆଇପିଏଲ୍ ପରେ ଉଭୟ ଖେଳାଳି ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିବେ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବାରୁ କୋହଲି ଆଉ ୨ଟି କିମ୍ବା ୩ଟି ମ୍ୟାଚ୍ ଖେଳିବେ।

## ଫ୍ରେଞ୍ଚ ଓପନ୍: ଜ୍ୱେରେଭ, ବେନସିକଙ୍କ ବିଜୟ ଅଭିଯାନ

ପ୍ୟାରିସ, ୨୪।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍‌ର ୧୨୫ତମ ସଂସ୍କରଣ ରବିବାରଠାରୁ ରୋଲାଣ୍ଡ ଗାରୋସରେ ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ କୌଣସି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିନି। ପୁରୁଷ ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ୱେରେଭ ୬-୩, ୬-୪, ୬-୨ ସିଧାସଳଖ ସେଟରେ ଘରେଶଇ ଖେଳାଳି ବେଞ୍ଜାମିନ ବୋନଜିଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଜ୍ୱେରେଭଙ୍କ ମୁକାବିଲା ଚେକ୍ ଗଣରାଜ୍ୟର ତୋମାସ ମାଚାକ୍‌ଙ୍କ ସହ ହେବ। ସେହିଭଳି ମହିଳା ବିଭାଗରେ ୟୁକ୍ରେନର ମାର୍ଟା କୋସ୍ଟୁୟୁକ, ୧୧ତମ ସିଡ୍ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକ, ଚାଇନାର ୱାଙ୍ଗ ଜିୟୁ, ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭା ପ୍ରମୁଖ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୧୫ତମ ସିଡ୍ ମାର୍ଟା ୬-୨, ୬-୩ ସିଧାସଳଖ ସେଟରେ ରୁଷିଆର ଓକସାନା ସେଲେମେଟେଭାଙ୍କୁ ହରାଇଥିଲେ। ଏହି ବିଜୟ ସେ ୟୁକ୍ରେନବାସୀଙ୍କୁ ଉତ୍ସର୍ଗୀକୃତ କରିଥିଲେ।

● ଦ୍ୱିତୀୟ ସମୀରନ ସ୍ମାରକୀ ଓପନ ଚେସ୍

## ଯାଜପୁରର ସଞ୍ଜୀବନ ଚାମ୍ପିଅନ




ଭୁବନେଶ୍ୱର,୨୪।୫ (ସମିସ): ଯାଜପୁରର ସଞ୍ଜୀବନ ନାୟକ ଦ୍ୱିତୀୟ ସମୀରନ ସୁକୁମାର ନାୟକ ସ୍ମାରକୀ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରାଜଧାନୀ ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍ ପରିସରରେ ରବିବାର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ସଞ୍ଜୀବନ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇଥିଲେ। ତାଙ୍କ ପଛକୁ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଟାଇବ୍ରେକରରେ ସେମାନଙ୍କ ମଧ୍ୟରୁ କନ୍ଧମାଳର ଲରେନ୍ସ ପ୍ରଧାନ ଦ୍ୱିତୀୟ, ଭୁବନେଶ୍ୱରର ଅଞ୍ଜଳି ମିଶ୍ର ତୃତୀୟ ଓ ନଟବର ଦାସ ଚତୁର୍ଥ, ପୁରୀର ମହେଶ ପ୍ରସାଦ ସେଠୀ ୫ମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ଦୁଇ ଖେଳାଳି ସ୍ୱସ୍ତିକ ତ୍ରିପାଠୀ ଓ ମନୀଷ ଦାସ ଯଥାକ୍ରମେ ୬ଷ୍ଠ ଓ ୭ମ, ବାଲେଶ୍ୱରର ଶୁଭେନ୍ଦୁ ପାତ୍ର ୮ମ ସ୍ଥାନ ଅଧିକାର କରିଥିଲେ। ଏମାନେ ସମସ୍ତେ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଟିସିଏସ୍‌ର ପ୍ରୋଜେକ୍ଟ ମୁଖ୍ୟ ଦୀପ୍ତୀରଞ୍ଜନ ନାୟକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ମଧୁସ୍ମିତା ନାୟକ, ଦୀପିକା ଦୀପାନ୍ୱିତା ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ସର୍ବଭାରତୀୟ ଗୋଲ୍ଡ କପ୍ କ୍ରିକେଟ

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୪।୫ (ସମିସ): ଉତ୍ତରାଖଣ୍ଡରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୋଲ୍ଡ କପ୍‌ରେ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ମହାରାଣା ପ୍ରତାପ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଆୟୋଜକ ଉତ୍ତରାଖଣ୍ଡ ୧୦୦ ରନରେ ଓଡ଼ିଶା ଇମର୍ଜିଂ ଦଳକୁ ହରାଇଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଖଣ୍ଡ ୫୦ ଓଭରରେ ୬ ୱିକେଟ ହରାଇ ୩୦୧ ରନ କରିଥିଲା। ଦଳ ପକ୍ଷରୁ ଅଭନୀଶ ସୁଧା ୫୯ ଓ ଯୁବରାଜ ଚୌଧୁରୀ ୫୮ ରନ କରିଥିଲେ। ଓଡ଼ିଶାର ସୌମ୍ୟ ଲେଙ୍କାଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଓଡ଼ିଶା ଦଳ ୪୯.୪ ଓଭରରେ ୨୦୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଓମ୍ ଟି ମୁଣ୍ଡେ ୮୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

## ଗୋଟିଏ ବି ମ୍ୟାଚ୍ ନ ଖେଳି ଦରମା ପାଇବେ ଧୋନି

ଚେନ୍ନଇ, ୨୪।୫ (ଏଜେନ୍ସି)

ପାଞ୍ଚଥରର ବିଜେତା ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଚଳିତ ଆଇପିଏଲ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ସିଏସକେ'ର ପ୍ରମୁଖ ଖେଳାଳି ମହେନ୍ଦ୍ର ସିଂ ଧୋନି ଚଳିତ ସିଜନରେ ଆଘାତଜନିତ ସମସ୍ୟା ଲାଗି ଗୋଟିଏ ହେଲେ ମ୍ୟାଚ୍ ଖେଳିପାରି ନ ଥିଲେ। ସିଜନରେ ସମସ୍ତ ୧୪ଟି ଯାକ ମ୍ୟାଚ୍ ଖେଳି ନ ପାରିବା ଫଳରେ ଏବେ ସେ ତାଙ୍କ ବାର୍ଷିକ ପାଉଣା ଫ୍ରାଞ୍ଚାଇଜ ନିକଟରୁ ପାଇବେ କି ନାହିଁ ତାହାକୁ ନେଇ ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ତେବେ ରିପୋର୍ଟ ଅନୁଯାୟୀ ସିଏସକେ ଫ୍ରାଞ୍ଚାଇଜ ତାଙ୍କୁ ଅନକ୍ୟାପଡ ଖେଳାଳି ଭାବରେ ୪ କୋଟି ଟଙ୍କାରେ ଦଳରେ ରିଟେନ ରଖିଥିଲା। ଗୋଟିଏ ମ୍ୟାଚ୍ ଖେଳିପାରି ନ ଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ୪ କୋଟି ଟଙ୍କା ଦରମା ଫ୍ରାଞ୍ଚାଇଜ ନିକଟରୁ ପାଇବେ। ଆଇପିଏଲ୍ ନିୟମ ଅନୁଯାୟୀ ଯଦି ଜଣେ ଖେଳାଳି ସମ୍ପୂର୍ଣ୍ଣ ସିଜନ ଫ୍ରାଞ୍ଚାଇଜ ପାଇଁ ଉପଲବ୍ଧ ରହିଥାନ୍ତି, କିନ୍ତୁ ଆଘାତ କାରଣରୁ ଗୋଟିଏ ମ୍ୟାଚ୍ ଖେଳି ନ ପାରନ୍ତି ତେବେ ସେହି ଖେଳାଳିଙ୍କୁ ଚୁକ୍ତି ଅନୁଯାୟୀ ସମ୍ପୂର୍ଣ୍ଣ ଦରମା ମିଳିବ। ରିପୋର୍ଟ ଅନୁଯାୟୀ ଆଇପିଏଲ୍ ଖେଳୁଥିବା ପ୍ରତ୍ୟେକ ଖେଳାଳିଙ୍କ ବୀମା କରାଯାଇଥାଏ। ଆଘାତ କିମ୍ବା ଅସୁସ୍ଥତା କ୍ଷେତ୍ରରେ ସମ୍ପୃକ୍ତ ଖେଳାଳିଙ୍କ ଦରମା ବୀମା କମ୍ପାନୀ ଫ୍ରାଞ୍ଚାଇଜକୁ ଫେରସ୍ତ କରିଥାଏ। କିନ୍ତୁ ଧୋନିଙ୍କୁ ମ୍ୟାଚ୍ ପାଉଣା ମିଳିବ ନାହିଁ। ଆଇପିଏଲ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ମ୍ୟାଚ୍ ପିଛା ୭.୫ ଲକ୍ଷ ଟଙ୍କା ଦିଆଯାଇଥାଏ।

## ଜାତୀୟ ସବ୍‌ଜୁନିଅର ବେସ୍‌ବଲ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୨୪।୫ (ସମିସ): ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ କିସ୍ ଷ୍ଟାଡିୟମରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବେସ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ବିଏଓ) ଓ ଆମେଚର ବେସବଲ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏବିଏଫଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ୨୦ଟି ବାଳକ ଓ ୧୮ଟି ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି। ମେ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍ ଲିଗ୍ କମ୍ ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବ। ମୋଟ୍ ୫୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଏବିଏଫଆଇର ସଭାପତି ପଙ୍କଜ ଲୋଚନ ମହାନ୍ତି, ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଶିବାନନ୍ଦ ପ୍ରଧାନ, ସଭାପତି ପ୍ରବୋଧ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କୁଳପତି ଶରଣଜିତ୍ ସିଂହ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଟୁର୍ଣ୍ଣାମେଣ୍ଟର ସଂଯୋଜକ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

## କର୍ଣ୍ଣାଟକରେ ନିର୍ମିତ ହେବ ଭାରତର ଦ୍ୱିତୀୟ ବଡ଼ କ୍ରିକେଟ ଷ୍ଟାଡିୟମ

ବେଙ୍ଗାଲୁରୁ, ୨୪।୫ (ଏଜେନ୍ସି): ଭାରତର ଦ୍ୱିତୀୟ ସର୍ବବୃହତ କ୍ରିକେଟ୍ ଷ୍ଟାଡିୟମ କର୍ଣ୍ଣାଟକରେ ଖୁବଶୀଘ୍ର ନିର୍ମିତ ହେବାକୁଯାଉଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମେୟା ଏହି କ୍ରିକେଟ୍ ଷ୍ଟାଡିୟମ ଓ କ୍ରୀଡ଼ା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୭୫ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ଷ୍ଟାଡିୟମରେ ୮୦ ହଜାର ଦର୍ଶକ ବସି ଖେଳ ଦେଖିପାରିବେ। ଅହମ୍ମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ ଏକ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ସହ ଭାରତର ସର୍ବବୃହତ କ୍ରିକେଟ୍ ଷ୍ଟାଡିୟମ ରହିଛି। ଗତବର୍ଷ ଆଇପିଏଲ୍ ଚାମ୍ପିଅନ ଆର୍‌ସିବିର ବିଜୟ ଉତ୍ସବରେ ଦଳାଚକଟାରେ ୧୧ଜଣ କ୍ରିକେଟ୍ ପ୍ରେମୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ କର୍ଣ୍ଣାଟକ ସରକାର ରାଜ୍ୟରେ ଦ୍ୱିତୀୟ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବାକୁ ଚିନ୍ତା କରିଥିଲେ।

### ମାଇକେଲ କିଣ୍ଡୋ ମେମୋରିଆଲ ମହିଳା ହକି

## ସେମିଫାଇନାଲରେ ସୁନ୍ଦରଗଡ଼



ଭୁବନେଶ୍ୱର,୨୪।୫(ସମିସ)

ସୁନ୍ଦରଗଡର କ୍ରଇଡ଼ା ଛାତ୍ରାବାସ୍ ଦ୍ୱିତୀୟ ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହା ସହ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ପୂର୍ବ ରେଳବାଇ ସହ ସିଆଇଏସ୍‌ଏଫ୍ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ଼ ସହ ସାଇ କୋଲକାତାର ମୁକାବିଲା ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସାଇ କୋଲକାତା ୩-୧ ଗୋଲରେ ରାଉରକେଲାର କ୍ରୀଡ଼ା ଛାତ୍ରାବାସକୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ପୂର୍ବରେଳବାଇ ୭-୦ ଗୋଲରେ ଆୟୋଜକ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟକୁ ପରାସ୍ତ କରିଥିଲା। ଏହା ଫଳରେ ରାଉରକେଲା ଉନ୍ନତ ଗୋଲ ବ୍ୟବଧାନରେ ପଛରେ ପଡ଼ି ସେମିଫାଇନାଲରୁ ବଞ୍ଚିତ ହୋଇଥିଲା। ସେହିପରି ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ୬-୧ ଗୋଲରେ ଓଡ଼ିଶା ପୁଲିସ୍‌କୁ ଏବଂ ଶେଷ ଲିଗ୍ ମ୍ୟାଚ୍‌ରେ ସିଆଇଏସ୍‌ଏଫ୍ ୩-୨ ଗୋଲରେ ହକି ସିମ୍‌ଡେଗାକୁ ପରାସ୍ତ କରିଥିଲା। ବିଜୟୀ ସୁନ୍ଦରଗଡ଼ ଦଳ ପକ୍ଷରୁ ସଞ୍ଜନା କିରୋ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ସେହିଭଳି ଅଙ୍କିତା ମିଞ୍ଜଙ୍କ ଷ୍ଟିକରୁ ଦୁଇଟି ଗୋଲ୍ ବାହାରିଥିଲା। ସେହିଭଳି ସିଆଇଏସଏଫ୍‌ର ଅଙ୍କିତା ପାଲ୍, ପ୍ରମୋଦିନୀ ଲାକ୍ରା ଓ ଅଧିନାୟିକା ମହିମା ଟେଟେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

### ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ବେଦାନ୍ତଙ୍କ ଦ୍ୱିଶତକ; କଟକ-ଏ'ର ବିଶାଳ ବିଜୟ

ଭୁବନେଶ୍ୱର, ୨୪।୫ (ସମିସ)



ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍‌ର ୪ର୍ଥ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ରବିବାର ଖେଳାଯାଇଥିବା ଏକ ମ୍ୟାଚରେ କଟକ-୧୯୯ ରନର ବିଶାଳ ବ୍ୟବଧାନରେ ଜଗତସିଂହପୁରକୁ ପରାସ୍ତ କରିଛି। ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ବେଦାନ୍ତ ଦେଭାଡେ (୨୨୬ ରନ)ଙ୍କ ଦ୍ୱିଶତକ ବଳରେ କଟକ-ଏ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୪ ୱିକେଟ ବିନିମୟରେ ୩୯୨ ରନ କରିଥିଲା। ଜବାବରେ ଜଗତସିଂହପୁର ୪୧.୩ ଓଭରରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

ସେହିଭଳି ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ଭୁବନେଶ୍ୱର-ଏ ୭ ୱିକେଟରେ ଢେଙ୍କାନାଳକୁ, କୋରାପୁଟ ୫ ୱିକେଟରେ ବରଗଡ଼କୁ, ଅନୁଗୋଳ ୧୯ ରନରେ ବଲାଙ୍ଗିରକୁ, ଗଞ୍ଜାମ ୧ ୱିକେଟରେ ଖୋର୍ଦ୍ଧାକୁ, ଝାରସୁଗୁଡ଼ା ୮୬ ରନରେ ମୟୁରଭଞ୍ଜକୁ, ମାଲକାନଗିରି ୨୦୩ ରନରେ ନୂଆପଡ଼ାକୁ, ବାଲେଶ୍ୱର ୧୪୯ ରନରେ କେନ୍ଦୁଝରକୁ ଓ ପୁରୀ ୨ ୱିକେଟରେ ସୋନପୁରକୁ ପରାସ୍ତ କରିଥିଲା। ପୁରୀର ମୟଙ୍କ ପଟ୍ଟନାୟକ (୪୯ ରନ ଓ ୪ ୱିକେଟ), ବାଲେଶ୍ୱରର ଶୁଭମ ପଲାଇ (୯୦ ରନ), ମାଲକାନଗିରିର ଭୁବନ ମଣ୍ଡଳ (୧୦୯ ରନ), ଝାରସୁଗୁଡ଼ାର ଓମ୍ ସାକୁନିଆ (୫ ୱିକେଟ), ଗଞ୍ଜାମର ଅନିରୁଦ୍ଧ ପଟ୍ଟନାୟକ (୫ ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS